

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୮ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 NOVEMBER 2020

Vol.No. 30 ■ No. 301 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପରୀ ହତ୍ୟା ମାମଲାର ହେବ ଏସଆଇଟି ତଦନ୍ତ: ମୁଖ୍ୟମନ୍ତ୍ରୀ

## ଜୋର୍ ଧରିଲା ଅରୁଣଙ୍କ ଇସ୍ତଫା ଦାବି: ବିଧାନସଭା ଭିତରେ ଓ ବାହାରେ ବିରୋଧୀଙ୍କ ଗର୍ଜନ



ଭୁବନେଶ୍ୱର,୨୭।୧୧ (ନି.ପ୍ର): ପରୀ ଘଟଣାକୁ ନେଇ ଆଜି ବିଧାନସଭାରେ ପୁନର୍ବାର ତୃତୀୟ ଦିନ ପାଇଁ ଗୃହରେ ଅଚଳାବସ୍ଥା ଦେଖା ଦେଇଥିଲା । ଆଜିର ଦିବସରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ମୁଲତବୀ ପ୍ରସ୍ତାବ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇନ ଥିଲା । ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବୈଠକ ଆରମ୍ଭରୁ ହେବାର ଥିଲେ ହେଁ ତାହା ମଧ୍ୟ ହୋଇ ପାରି ନ ଥିଲା । ଗୃହର ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି ଓ ଚେୟାର ମ୍ୟାନ ପାଂଚ ଥର ଗୃହକୁ ମୁଲତବୀ ରଖିଥିଲେ । ଗୃହର ବୈଠକ ୧୦.୩୦ରେ ଆରମ୍ଭ ହେବା ମାତ୍ରେ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟଭାଗକୁ ଚାଲି ଆସି ପରୀ ହତ୍ୟା ମାମଲାରେ କୃଷି ମନ୍ତ୍ରୀ ଅରୁଣ ସାହୁଙ୍କ ପରୋକ୍ଷ ସଂପୃକ୍ତି ଥିବା ନେଇ ତାଙ୍କୁ ବହିଷ୍କାର ଓ ତଦନ୍ତ ଦାବି କରି ହୋହାଲ୍ଲା କରିଥିଲେ । ଏଥିରୁ ନିବୃତ୍ତ ରହିବାକୁ ଉଭୟ ବାଚସ୍ପତି ଓ ଚେୟାରମ୍ୟାନ ଅନୁରୋଧ କରିଥିଲେ ହେଁ ଏଥିରୁ କୌଣସି ଲାଭ ମିଳି ନ ଥିଲା । ଗୃହ କିପରି ସୁରୁଖୁରୁରେ ଚାଲିପାରିବ ସେଥି ନେଇ ବାଚସ୍ପତି ତାଙ୍କ ଚ୍ୟାମ୍ବରରେ ଏକ ସର୍ବ ଦଳୀୟ ବୈଠକ ଡାକିଥିଲେ । ଏଥିରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ, ଉପ ନେତା ବିଷ୍ଣୁ ସେଠୀ, କଂଗ୍ରେସ ▶▶ପୃଷ୍ଠା ୭

## ଶ୍ରୀଜୀଉଙ୍କ ଦୁର୍ଲଭ ନାଗାର୍ଜୁନ ବେଶ : ଦର୍ଶନରୁ ବଂଚିତ ଶ୍ରଦ୍ଧାଳୁ



ପୁରୀ,୨୭।୧୧ (ନି.ପ୍ର): ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ । ଯୋଦ୍ଧା ବେଶରେ ସଜ୍ଜିତ ହୋଇଛନ୍ତି ଶ୍ରୀଜଗନ୍ନାଥ ଓ ବଳଭଦ୍ର । ସେହିପରି ତ୍ରିଭୁବନେଶ୍ୱରୀ ବେଶରେ ସଜ୍ଜିତ ହୋଇଛନ୍ତି ମା ସୁଭଦ୍ରା । ଷୋହଳ ପ୍ରକାର ପାରମ୍ପରିକ ଯୁଦ୍ଧାସ୍ତ୍ରରେ ସଜେଇ ହୋଇଛନ୍ତି ଶ୍ରୀ ଜୀଉମାନେ । ତେବେ ସିଂହାରୀ, ଖୁଂଟିଆ ଓ ଭଣ୍ଡାର ମେକାପଙ୍କ ମଧ୍ୟରେ ବେଶ ପାଇଁ ଉଦ୍ଦିଷ୍ଟ ସ୍ୱର୍ଣ୍ଣ ଅଳଙ୍କାର ମଣତିରେ ବିଳମ୍ବ ଓ ଅଧିକ ସେବାୟତ ନିୟୋଜିତ ହେବା ନେଇ ବିବାଦ କାରଣରୁ ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ଏହି ବେଶ ଆରମ୍ଭ ହୋଇଥିଲା । ପ୍ରଶାସନର ହସ୍ତକ୍ଷେପ ପରେ ଏହାର ସମାଧାନ ହୋଇଥିଲା । ସକାଳ ୭ଟାରେ ବେଶ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ୧୫ ମିନିଟ୍ ରେ ବେଶ ଶେଷ ହୋଇଥିଲା । ଜିଲ୍ଲାପାଳ ବଲୱନ୍ତ ସିଂହ ଏନେଇ ସୂଚନା ଦେଇ କହିଛନ୍ତି ଯେ, ମହାପ୍ରଭୁଙ୍କ ଦୁର୍ଲ୍ଲଭ ନାଗାର୍ଜୁନ ବେଶ ଶେଷ ହୋଇଛି । ତେବେ ସେବାୟତଙ୍କ ସଂଖ୍ୟା ଓ ବେଶ ପାଇଁ ଉଦ୍ଦିଷ୍ଟ ସୁନା ଅଳଙ୍କାର ମଣତି ନେଇ ବିଳମ୍ବ ହୋଇଥିଲା । ଆଲୋଚନା ପରେ ସାମାନ୍ୟ ବିଳମ୍ବରେ ଏହି ଦୁର୍ଲ୍ଲଭ ବେଶ ଶେଷ ହୋଇଛି । ଅନ୍ୟପକ୍ଷରେ ସହଯୋଗ ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଆଜିର ଏହି ବିଶେଷ ତିଥିରେ ପ୍ରଥମେ ୨ଟା ୪୫ ରେ ଦ୍ୱାରଫିଟା, ଭିତର ଶୋଧ ୩ଟା ୨୫, ଭୋର୍ ୩ଟା ୩୫ ରେ ମଙ୍ଗଳଆଳତୀ, ୩ଟା ୪୦ରେ ମଇଲମ, ଭୋର୍ ୪ଟାରେ ତଡ଼ପ ଲାଗି, ▶▶ପୃଷ୍ଠା ୭

## ୫ ବର୍ଷ ପାଇଁ ଧର୍ମପଦ ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୭।୧୧ (ନି.ପ୍ର): ଓଡିଶା ଲଳିତ କଳା ଏକାଡେମୀ ଆନୁକୂଲ୍ୟରେ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ "ଧର୍ମପଦ ସମ୍ମାନ" ଘୋଷଣା କରିଛନ୍ତି ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ । ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ପରିସରରେ ଥିବା ପ୍ରେକ୍ଷାଳୟରେ ଏହି ଘୋଷଣା କରିଛନ୍ତି । ୨୦୧୬ରୁ ୨୦୨୦ ମସିହା ପର୍ଯ୍ୟନ୍ତ ୫ ଜଣ ବିଶିଷ୍ଟ ଶିଳ୍ପୀ ଧର୍ମପଦ ପୁରସ୍କାରରେ ପୁରସ୍କୃତ ହେବାକୁ ଥିବାବେଳେ ୨୫ ଜଣ ଶିଳ୍ପୀ ସମ୍ବର୍ଦ୍ଧିତ ହେବେ । ▶▶ପୃଷ୍ଠା ୭

## ଡିସେମ୍ବର ୧ରୁ ଖୋଲିବ ସବୁ ମେଡିକାଲ କଲେଜ



ଭୁବନେଶ୍ୱର,୨୭।୧୧ (ନି.ପ୍ର): ଓଡ଼ିଶାର ସମସ୍ତ ମେଡିକାଲ କଲେଜ ଆସନ୍ତା ଡିସେମ୍ବର ୧ରୁ ଖୋଲିବ । ଶୁକ୍ରବାର ଦିନ ସ୍ୱାସ୍ଥ୍ୟ ଓପରିବାର କଲ୍ୟାଣ ବିଭଗ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଉଚ୍ଚଶିକ୍ଷା ବିଭାଗର ସଚିବ, ଡିନ୍ ,ପ୍ରିନ୍ସିପାଲ ଓ ବିଭିନ୍ନ ମେଡିକାଲ୍ କଲେଜର ପରୀକ୍ଷା ନିୟନ୍ତ୍ରକଙ୍କ ସହ ଆଲୋଚନା ପରେ ଏହି ଘୋଷଣା କରାଯାଇଛି । ତେବେ କରୋନା କଟକଣା ସହ ମାର୍ଗଦର୍ଶିକା ମାନି କଲେଜ ଖୋଲିବାକୁ ସମସ୍ତ ମେଡିକାଲ କଲେଜମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସାମାଜିକ ଦୂରତା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗାଇଡଲାଇନକୁ ମାନିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ମୁଖ୍ୟତଃ ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ କଲେଜ ଖୋଲାଯାଉଥିବା ନେଇ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସମସ୍ତ ସରକାରୀ ଓ ବେସରକାରୀ ମେଡିକାଲ କଲେଜର ମୁଖ୍ୟମାନଙ୍କୁ ଅବଗତ କରାଯାଇଛି ।

## ଗୋଟିଏ ଦିନରେ ସୁସ୍ଥ ହେଲେ ଆଉ ୯୦୮ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୨୭।୧୧ (ନି.ପ୍ର): ରାଜ୍ୟରେ ଶୁକ୍ରବାର ଦିନ ଆଉ ୯୦୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥ ସଂଖ୍ୟା ୩୦୯୭୪୭ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଖୋର୍ଦ୍ଧାରୁ ୮୩ ଜଣ ସୁସ୍ଥ ହୋଇଥିବାବେଳେ ଅନୁଗୁଳରୁ ୬୫, କଟକରୁ ୬୩, ମୟୁରଭଞ୍ଜରୁ ୫୬,ସୁନ୍ଦରଗଡ଼ରୁ ୫୪, ଝାରସୁଗୁଡ଼ା ଓ କେନ୍ଦୁଝରରୁ ୫୧ ଲେଖାଏଁ, ବାଲେଶ୍ୱରରୁ ୪୯ ଓ ଯାଜପୁରରୁ ୪୨ ,ବଲାଙ୍ଗୀରରୁ ୪୦, କେନ୍ଦ୍ରପଡ଼ାରୁ ୩୯ ଜଣ ସୁସ୍ଥ ହୋଇଛନ୍ତି । ଜଗତସିଂହପୁର ଓ କଳାହାଣ୍ଡିରୁ ୩୬ ଲେଖାଏଁ, ନୂଆପଡ଼ାରୁ ୩୨, ପୁରୀରୁ ୩୧ ଜଣ ସୁସ୍ଥ ହୋଇଛନ୍ତି । ▶▶ପୃଷ୍ଠା ୭

## ବିଧାନସଭା ସମ୍ମୁଖରେ ୩ ଚାଷୀଙ୍କ ଆତ୍ମାହୁତି ଉଦ୍ୟମ



ଭୁବନେଶ୍ୱର,୨୭।୧୧ (ନି.ପ୍ର): ବିଧାନସଭା ସମ୍ମୁଖରେ ପୁଣି ଆତ୍ମାହୁତି ଉଦ୍ୟମ ହୋଇଛି । ଆଠଗଡରୁ ଆସିଥିବା ୩ ଜଣ ଚାଷୀ ଶୁକ୍ରବାର ଅପରାହ୍ନରେ ବିଧାନସଭା ସମ୍ମୁଖରେ କିରୋସିନ୍ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି । କିରୋସିନ୍ ଢାଳୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ସୁରକ୍ଷା କର୍ମଚାରୀମାନେ ସେମାନଙ୍କୁ କାବୁ କରିଥିଲେ । ଆଠଗଡ ସମବାୟ ବ୍ୟାଙ୍କ ଋଣ ଦୁର୍ନୀତି ମାମଲାରେ ସେମାନେ ନ୍ୟାୟ ଦାବିରେ ଏଭଳି କରିଥିବା ସୂଚନା ମିଳିଛି । ସେମାନେ ଋଣ ନେଇ ନଥିଲେ ମଧ୍ୟ ସେମାନଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କାର ଋଣ ଜାଲିଆତି ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି । ଏଥିରେ ଆଠଗଡ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ତାଙ୍କ ଭାଇଙ୍କ ସମ୍ପୃକ୍ତି ଥିବା ସେମାନେ ଅଭିଯୋଗ ଆଣିଛନ୍ତି । ନିକଟରେ ନୟାଗଡର ଶିଶୁକନ୍ୟା ପରୀ ହତ୍ୟା ମାମଲାରେ ତାର ବାପା ଓ ମା ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ ।

## ରାଜ୍ୟରେ ଆଉ ୧୪ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୭୧୮ ହେଲା

ଭୁବନେଶ୍ୱର,୨୭।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୧୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଓ ଅନୁଗୁଳ ଜିଲ୍ଲା ୪-୪ ଜଣ ଖୋର୍ଦ୍ଧା ଓ ବାଲେଶ୍ୱର ଜିଲ୍ଲାର ୨-୨ ଜଣ ଅଛନ୍ତି । ସେହିପରି ନୟାଗଡ ଓ ପୁରୀ ଜିଲ୍ଲାରୁ ଜଣେ ଜଣେ ଅଛନ୍ତି। ଅନୁଗୁଳ ଜିଲ୍ଲାର ଜଣେ ୮୭ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ▶▶ପୃଷ୍ଠା ୭

## ଜଷ୍ଟିସ ବିକେ ପଟେଲ ରାଜ୍ୟ ମାନବାଧିକାର କମିଶନ ଅଧକ୍ଷ ନିଯୁକ୍ତ

ଭୁବନେଶ୍ୱର,୨୭।୧୧ (ନି.ପ୍ର): ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବିକେ ପଟେଲଙ୍କୁ ରାଜ୍ୟ ମାନବାଧିକାର କମିଶନ ଅଧକ୍ଷ ଭାବେ ନିଯୁକ୍ତି ମିଳିଛି । ଜଷ୍ଟିସ ବିପି ଦାଶ ଚଳିତମାସ ୧୪ତାରିଖରେ ଅଧକ୍ଷ ପଦବୀରୁ ଅବସର ନେବାପରେ ଏହି ପଦ ଖାଲି ପଡ଼ିଥିଲା । ଗତ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜଷ୍ଟିସ ବିକେ ପଟେଲଙ୍କୁ ରାଜ୍ୟ ମାନବାଧିକାର କମିଶନ ଅଧକ୍ଷ ଭାବେ ନିଯୁକ୍ତି ଦେବାକୁ ରାଜ୍ୟପାଳଙ୍କୁ ସୁପାରିସ୍ କରାଯାଇଥିଲା । ରାଜ୍ୟପାଳଙ୍କ ଅନୁମୋଦନ ପରେ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ▶▶ପୃଷ୍ଠା ୭

### ଆୟ ବର୍ହିଭୂତ ସଂପତି ଠୁଳ ମାମଲା

## ଜେଲ ଗଲେ ଆଇଏଫଏସ୍ ଅଭୟ ପାଠକ ଓ ପୁଅ ଆକାଶ



ଭୁବନେଶ୍ୱର,୨୭।୧୧ (ନି.ପ୍ର): ଆୟ ବର୍ହିଭୂତ ସଂପତି ଠୁଳ ଅଭିଯୋଗରେ ବରିଷ୍ଠ ଆଇଏଫଏସ୍ ଅଧିକାରୀ ତଥା ରାଜ୍ୟର ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଏବଂ ତାଙ୍କର ପୁଅ ଆକାଶ ପାଠକ ରାଜ୍ୟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଜାମିନ୍ ଖାରଜ ହେବା ପରେ ସେମାନଙ୍କୁ ଜେଲ୍ ଯିବାକୁ ପଡିଛି । ଶୁକ୍ରବାର ଦିନ ପାଠକ ବାପ-ପୁଅଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଜାମିନ୍ ଖାରଜ ହେବା ପରେ କୋର୍ଟ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଭିଜିଲାନ୍ସ ପକ୍ଷରୁ ରିମାଣ୍ଡରେ ନେବା ଲାଗି ହୋଇଥିବା ଆବେଦନ କୋର୍ଟ ମଞ୍ଜୁର କରି ନଥିବା ଜଣାପଡ଼ିଛି । ଗତ ତିନିଦିନ ହେଲା ଅଭୟକାନ୍ତଙ୍କର ରାଜ୍ୟ ଓ ରାଜ୍ୟ ବାହାରେ ଥିବା ବିଭିନ୍ନ ଘର, ଫାର୍ମ ହାଉସ୍ ଓ କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ କରି ସଂପତି ଯାଂଚ କରିଥିଲା । ଭୁବନେଶ୍ୱର, ମୁମ୍ବାଇ, ପୁନେ, ▶▶ପୃଷ୍ଠା ୭

## କର୍ଣ୍ଣାଟକ ବାଗଲକୋଟରେ ସିବିଜି ପ୍ଲାଂଟର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

### ଯୁବ ଉଦ୍ୟମୀ ମାନଙ୍କୁ ଜୈବଗ୍ୟାସ କ୍ଷେତ୍ରରେ ନୂଆ ଜ୍ଞାନକୌଶଳ ଆଣିବା ପାଇଁ ଆହ୍ୱାନ




ନୂଆଦିଲ୍ଲୀ/ ଭୁବନେଶ୍ୱର,୨୭।୧୧ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ କର୍ଣ୍ଣାଟକର ବାଗଲକୋଟ ଜିଲ୍ଲା ଜାମଖଣ୍ଡି ଠାରେ ଲିଫନିଟି ବାୟୋଏନର୍ଜି'ର ଆଖୁଛେଦାରୁ ଉତ୍ପାଦନ ହେବାକୁ ଥିବା ସିବିଜି (କମ୍ପ୍ରେସଡ୍ ବାୟୋ ଗ୍ୟାସ)ପ୍ଲାଂଟର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଯୁବ ଉଦ୍ୟମୀ ମାନଙ୍କୁ ଜୈବଗ୍ୟାସ କ୍ଷେତ୍ରରେ ନୂଆ ଜ୍ଞାନକୌଶଳ ଆଣିବା ପାଇଁ ଆହ୍ୱାନ କରଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଭାରତ ସରକାର ସ୍ୱଚ୍ଛ ଏବଂ ନିରନ୍ତର ଉର୍ଜା ଯୋଗାଇବା ପାଇଁ ସର୍ବଦା କାର୍ଯ୍ୟରତ । ପ୍ରତିଷ୍ଠା ହେବାକୁ ଥିବା ଏହି ସିବିଜି ପ୍ଲାଂଟ ପାଇଁ ପ୍ରାୟ ୪୨ କୋଟି ଖର୍ଚ୍ଚ ହେବ । ଏହି ପ୍ଲାଂଟରୁ ଦୈନିକ ୨୦୦ ଟନ୍ ଆଖୁ ଛେଦା ବ୍ୟବହାର କରାଯାଇ ଦୈନିକ ୧୦.୨ ଟନ ସିବିଜି ଉତ୍ପାଦନ କରାଯିବ । ପ୍ରାଜ୍ ଇଣ୍ଡଷ୍ଟ୍ରି ଏବଂ ଡ଼ିଭିଓ ଆଇଏନସି ଏହି ପ୍ରସ୍ତାବିତ ପ୍ଲାଂଟ ପାଇଁ ଆବଶ୍ୟକୀୟ ଟେକ୍ନୋଲଜି ଯୋଗାଇ ଦେବେ । ସିବିଜିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ସତତ୍ କାର୍ଯ୍ୟକ୍ରମ ଅଧୀନରେ ▶▶ପୃଷ୍ଠା ୭

## ସ୍ୱାଭିମାନ ଅଂଚଳରେ ଏନକାଉଂଟର ଘଟଣା : ଆହତ ମାଓବାଦୀ ଗିରଫ

### ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ



ମାଲକାନଗିରି,୨୭।୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଂଚଳର ଯନ୍ତ୍ରୀ ପଚାଂୟତ ଅନ୍ତର୍ଗତ ତୋଟାଗୁଡ଼ା ଠାରେ ଗତକାଲି ଘଟିଯାଇଥିବା ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଘଟଣାରେ ମାଓ କମାଣ୍ଡର ମାସା କବାସି ଓରଫ କିଶୋର ନିହତ ହୋଇଥିଲେ । ଏହି ଘଟଣାରେ ଆହତ ମାଓବାଦୀ ଲକ୍ଷ୍ମଣ ଗଲୋରୀଙ୍କୁ ଯବାନ ମାନେ ପ୍ରାଥମିକ ଚିକିତ୍ସା ପରେ ଆଜି ଗିରଫ କରି ମାଲକାନଗିରି ସଦର ମହକୁମାକୁ ଆଣିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡି. ଋଷିକେଶ ଖିଲାରୀ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଥିଲେ ଯେ, ନିହତ ମାଓବାଦୀ କିଶୋର ଛତିଶଗଡ଼ ରାଜ୍ୟ ବସ୍ତର ଜିଲ୍ଲା ଚନ୍ଦାମେଟା ଅଂଚଳର । ସେ ୨୦୦୭ ମସିହାରେ ମାଓ ▶▶ପୃଷ୍ଠା ୭

# ସୁନା ଦୋକାନରେ ନକଲି ସୁନା ବଦଳ କରି ଲକ୍ଷାଧିକ ଟଙ୍କାର ସୁନା ଠକିନେଲେ ବୃଦ୍ଧ

ବାରିପଦା (ନି.ପ୍ର.) ତା ୨୪/୧୧ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାର ରେ ନୂତନ ଭାବେ ଖୋଲା ଯାଇଥିବା ଓଁ ମା, ମଙ୍ଗଳା ଜୁଏଲରୀ ରୁ ଶୁକ୍ରବାର ଦିନ ନକଲି ସୁନା ଚେନ କୁ ବଦଳ କରି ପ୍ରତିବଦଳରେ ଲକ୍ଷାଧିକ ଟଙ୍କା ମୂଲ୍ୟ ର ବିଭିନ୍ନ ପ୍ରକାର ସୁନା ଗହଣା ସାମଗ୍ରୀ ଦୋକାନ ରୁ ନେଇ ଜଣେ ବୃଦ୍ଧ ବ୍ୟକ୍ତି ଚମ୍ପଟ ମାରିଛନ୍ତି। ଏନେଇ ଦୋକାନ ର ମାଲିକ ରନ କୁମାର ସାହୁ ଠାକୁରମୁଣ୍ଡା ଥାନା ରେ ଜଣାଇଛନ୍ତି। ପ୍ରକାଶ ଯେ, ଠାକୁରମୁଣ୍ଡା -ଆନନ୍ଦପୁର ରାସ୍ତାର ମହାନ୍ତି ମାର୍କେଟ କମ୍ପ୍ଲେକ୍ସ ରେ ଏକମାସ ପୂର୍ବରୁ ନୂତନ ଭାବରେ ଓଁ ମା ମଙ୍ଗଳା ଜୁଏଲରୀ ନାମରେ ଏକ ସୁନା ଦୋକାନ ଖୋଲିଥିଲା। ଗତ ଶୁକ୍ରବାର ଦିନ ଦିନ ପ୍ରାୟ ୩.୩୦ ସମୟରେ ଜଣେ ବୃଦ୍ଧ ଲୋକ ଦୋକାନ କୁ ଆସି ୬୧ ଗ୍ରାମ ୭୦୦ ମିଲିଗ୍ରାମ ଓଜନର ଗୋଟିଏ ସୁନା ଚେନ ଆଣି ଦୋକାନରେ ଏହାକୁ ବଦଳାଇ ବିଭିନ୍ନ ପ୍ରକାରର ଅଳଙ୍କାର ନେବାକୁ ଚାହିଁଥିଲେ। ସମ୍ପୃକ୍ତ ବୃଦ୍ଧ ଜଣକ ବୟେରେ ୧୫ ବର୍ଷ ଧରି ଚାକିରୀ କରି ଅବସର ପରେ ଠାକୁରମୁଣ୍ଡା ନିକଟ ମହୁଲଡିହାରେ ଘର କରି ରହୁଥିବାର ପରିଚୟ ଦେଇ ବିଶ୍ୱାସ ଜନ୍ମାଇଥିଲେ। ତାଙ୍କର ପୁଅ ଚାକିରୀ କରିଛି ବର୍ତ୍ତମାନ ତାଙ୍କ ଝିଅ ବାହାଘର କରୁଥିବାରୁ ଏହା ବଦଳ କରି ବିଭିନ୍ନ ଅଳଙ୍କାର ନେବାକୁ



ଆସିଥିବାର କହିଥିଲେ। ସୁନା ଦୋକାନୀ ସେ ଆଣିଥିବା ସୁନା ଚେନଟି ବୟେର ଏକ ସୁନା ଦୋକାନର ବିଲ ରସିଦ ସହ ୯୧୬ ହୋଲ ମାର୍କ ଥାଇ ୬୧ ଗ୍ରାମ ଓଜନ ଯାହାର ବର୍ତ୍ତମାନ ମୂଲ୍ୟ୨ ଲକ୍ଷ ୭୭ ହଜାର ଟଙ୍କା ର ଦୋକାନୀ ଆକଳନ କରିଥିଲେ। ଦୋକାନୀ ଏହି ସୁନା ର ପାରମ୍ଭିକ ପରୀକ୍ଷା କରି ଠିକ ସୁନା ଥିବାର ଜାଣିବାକୁ ପାଇଥିଲେ। ଏହାପରେ ବୃଦ୍ଧ ବଦଳ କରିଥିବା ଚେନ ମୂଲ୍ୟ ଅନୁଯାୟୀ ତାଙ୍କୁ ୯୬,୯୦୦ ଟଙ୍କା ମୂଲ୍ୟ ର ଗୋଟିଏ ଚେନ,୩୭,୪୦୦ ଟଙ୍କା ମୂଲ୍ୟ ର ଗୋଟିଏ କାନ ଫୁଲ ୯୭,୯୫୦ ଟଙ୍କା ମୂଲ୍ୟ ର ଏକ ଚେନ ସହ ବାକି ନଗଦ ୧୮ ହଜାର ଟଙ୍କା ନେଇ ଦୋକାନ ରୁ ବୃଦ୍ଧ ପଳାଇ ଯାଇଥିଲେ। ତାପର ଦିନ ଦୋକାନୀ ବଦଳରେ ରଖି ଥିବା ୬୧ ଗ୍ରାମ ଓଜନର ସୁନା ଚେନକୁ ପରୀକ୍ଷା କରିବା ପରେ ଏଥିରେ ମାତ୍ର ୧୦ ଗ୍ରାମ ସୁନା ବାହାରିବା ନେଇ ଆକୋଳନ କରିଛନ୍ତି। ଏନେଇ ଦୋକାନୀ ମାଲିକ ସମୋବାର ଠାକୁରମୁଣ୍ଡା ଥାନାରେ ଜଣାଇବା ପରେ ପୋଲିସ ଦୋକାନର ସି ସି ଟିଭି ଫୁଟେଜ ରୁ ତାଙ୍କ ର ଫୋଟ ଚିତ୍ର ନେଇ ଘଟଣା ସମ୍ପର୍କରେ ଅଧିକ ଅନୁସନ୍ଧାନ ଜାରି ରଖିଛି।

## ଗ୍ରାମୀଣ ଡାକ ସେବକ ସଂଘର ଏକ ଦିବସୀୟ ଧର୍ମଘଟ

ନୂଆପଡା, ୨୬ ନଭେମ୍ବର (ହି.ସ.)- ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ କଳାହାଣ୍ଡି ମଣ୍ଡଳ ଓଡିଶା ଶାଖାର ଆହ୍ୱାନ କ୍ରମେ ଏକ ଦିବସୀୟ ଧର୍ମଘଟ ଗୁରୁବାର ଦିଆଯାଇଛି। ନୂଆପଡା ଜିଲ୍ଲାର ନୂଆପଡା, ଖଡିଆଳ ସ୍ଥିତ ମୁଖ୍ୟ ଡାକଘର ସମ୍ମୁଖରେ ଏହି ଧାରଣା ଦିଆଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ଶ୍ରମିକ ତଥା କର୍ମଚାରୀ ବିରୋଧି ନୀତି ଘୋଷଣାକୁ ବିରୋଧ କରି ଦେଶର ସମସ୍ତ ଶ୍ରମିକ ସଙ୍ଗଠନ, କର୍ମଚାରୀ ମହାସଂଘ ମାନେ ଧର୍ମଘଟରେ ସାମିଲ ଅଛନ୍ତି। ଗ୍ରାମୀଣ ଡାକ ସେବକଙ୍କୁ ବିଭାଗୀୟ କର୍ମଚାରୀ ମାନ୍ୟତା ଦେଇ ବିଭାଗୀୟ କର୍ମଚାରୀ ପାଉଥିବା ସମସ୍ତ ସୁବିଧା ପ୍ରଦାନ କରାଯିବା, ଲକଡାଉନ ସମୟରେ ମଧ୍ୟ ଡାକ ବିଭାଗ କାମ କରିଥିବାରୁ ମହଙ୍ଗା ଭତା ପ୍ରଦାନ, କର୍ମଚାରୀ ମାନଙ୍କୁ ପେନସନ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ, ଗ୍ରାମୀଣ ଡାକ ସେବକଙ୍କୁ ପଦୋନ୍ନତି, ୧୮୦ ଦିନ ଛୁଟି ମଞ୍ଜୁର କରି ବିଭାଗୀୟ କର୍ମଚାରୀ ପରି ନଗଦ ରାଶି ପ୍ରଦାନ, ମହଙ୍ଗା ଭତା ପ୍ରଦାନ, ଯାତ୍ରା ଅଗ୍ରୀମ ପ୍ରଦାନ, ଏକ ପଦବୀ ବ୍ରାଂଚ ପୋଷ୍ଟ ଅଫିସ, ବ୍ରାଂଚ ପୋଷ୍ଟ ମାଷ୍ଟରଙ୍କୁ ସଂଯୁକ୍ତ ଭତା ଦିଆଯିବା, ଗୃପ ଇନସୁରାନ୍ସ ରାଶି ୫ ଲକ୍ଷ ଟଙ୍କାରେ ବୃଦ୍ଧି, ଖାଲିଥିବା ପୋଷ୍ଟାଲ ଏସିଷ୍ଟାଂଟ ପଦବୀରେ ଜିଡିଏସ ମାନଙ୍କ ସକାଶେ ସଂରକ୍ଷଣ, ଅନଲାଇନ ମାଧ୍ୟମରେ ସଭ୍ୟ ସଂଗ୍ରହ ପର୍ମ ଦାଖଲ ନିୟମକୁ ଉଚ୍ଛେଦ ପ୍ରମୁଖ ଦାବୀ କରିଛନ୍ତି। ଆଜିର ଏହି ଧାରଣାରେ ଗଣେଷ ଭୋଇ, ବୁଟି ଭୋଇ, ପୂଣ୍ୟତୋଷ ମୁଣ୍ଡ, ବୃନ୍ଦାବନ ପ୍ରଧାନ, ବିନୋଦ ସତନାମୀ, କାର୍ତିକ ଭରାସଗରିଆ, ଲମ୍ବୋଦର ଜେନା, ବିଶାଲ ଗୁପ୍ତା, ସଞ୍ଜିତ ଗନ୍ତା, ସଞ୍ଜୟ ବିଭାର, ସୁଶାନ୍ତ ଭୋଇ, ବିନୋଦ ଦଣ୍ଡସେନା, ମୁରଲି ପୋଡ, ଅଜିତ ହେର୍ଣ୍ଣା, ଅନିରୁଦ୍ଧ ସିଂବାବୁ, ପ୍ରତାପ ମଲ୍ଲିକ, ବିକାଶ ଜେନା, ତାଳ୍ୟପତି ତାଣ୍ଡି, ବାଂଛାନିଧି ଦାଶ, ବେଣୁଧର ବନଗୋଲା, ସୁକେଶ ଓ ଅଜିତ ଜଗତ ସାମିଲ ଥିଲେ।

# ସ୍ୱୀକୃତି ମାଧ୍ୟମରେ କିନ୍ନର ମାନେ ସୁଦୃଢ ହୋଇ ଆତ୍ମନିର୍ଭରଶୀଳ ହେବେ

କନ୍ଧମାଳ,୨୬ ନଭେମ୍ବର (ହି.ସ.)- କନ୍ଧମାଳ ଜିଲ୍ଲା ଫୁଲବାଣୀ ସ୍ଥିତ ସ୍ୱାତୀ କାର୍ଯ୍ୟାଳୟ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ର ମିଳିତ ସହଯୋଗରେ କିନ୍ନର ମାନଙ୍କ ସାମାଜିକ ସମାନତା ଓ ସଶକ୍ତିକରଣ ନିମନ୍ତେ "ସ୍ୱୀକୃତି" ନାମକ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧୀୟ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ ଯୋଗଦେଇ କିନ୍ନର ମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ୍ ହେବା ନିମନ୍ତେ ଉତ୍ସାହିତ କରିବା ସହିତ ସ୍ୱୀକୃତି କାର୍ଯ୍ୟକ୍ରମକୁ ସୁଦୃଢ କରି ଆମେ ସମସ୍ତେ ଆତ୍ମ ନିର୍ଭର ହୋଇ ଆଗାମୀ ଦିନରେ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିପାରିବା ବୋଲି ମତବ୍ୟକ୍ତ କରିଥିଲେ। ତତ୍ ସହିତ ସମସ୍ତ କିନ୍ନର ମାନଙ୍କୁ ଏକଜୁଟ କରି ସ୍ୱୟଂ ସହାୟକ ଦଳ ଗଠନ କରିବା ଓ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଆତ୍ମନିର୍ଭରଶୀଳ ହେବା ନିମନ୍ତେ ଆର୍ଥୀକ ସହାୟତା, ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ୟାକୁ ସଠିକ୍ ଭାବରେ ପ୍ରକାଶ କରିବା ଓ ବ୍ୟବହାରିକ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବଡସେଠ କର୍ଯ୍ୟକ୍ରମରେ ଯୋଗଦେଇ କିନ୍ନର ମାନଙ୍କର ଏକତା, ସାମାଜିକ ସୁରକ୍ଷା, ସମାଜରେ ସମାନତା ଅଧିକାର ସମ୍ବନ୍ଧରେ ଆଲୋଚନା କରି ସମ୍ମାନର ସହିତ ସମାଜରେ ବଂଚିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କିନ୍ନର ମାନଙ୍କର ଏକତା ସ୍ୱୟଂ ସହାୟକ ଦଳ ମାଧ୍ୟମରେ ବୃଦ୍ଧି ହେବା ସହିତ ସେମାନେ ସମାଜରେ ସମ୍ମାନର ସହିତ ବଂଚିବା ନିମନ୍ତେ ନିଜେ ଆତ୍ମନିର୍ଭରଶୀଳ ହେବେ ଓ ସେମାନଙ୍କର ଅଧିକାର ସମ୍ପର୍କରେ ସ୍ୱରୋଡଳନ କରିପାରିବେ ବୋଲି ଫୁଲବାଣୀ କିନ୍ନର ମହାସଂଘର ମୁଖ୍ୟ ପାୟଲ କିନ୍ନର କହିଛନ୍ତି। ତତ୍‌ସହିତ ଜିଲ୍ଲାର ୮ ଗୋଟି ବ୍ଲକ୍‌ରୁ ଆସିଥିବା କିନ୍ନର ସଂଘର ମୁଖ୍ୟ ବିଷ୍ଣୁପ୍ରିୟା କିନ୍ନର, ଜିନା କିନ୍ନର, ନିରଞ୍ଜନ ସାହୁ, ମିନୁ ସାହୁ, ପୂର୍ଣ୍ଣିମା ହଂସ, ରଶ୍ମୀ କିନ୍ନର ଆଦି ସେମାନଙ୍କ ନିଜ ନିଜ ଅଂଚଳର ସେମାନଙ୍କୁ ନେଇ ଘଟୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ଓ ଆଗାମୀ ଦିନ ମାନଙ୍କରେ ଏହି ସମସ୍ୟାକୁ ବିଭିନ୍ନ ଅଧିକାରୀଙ୍କ ନିକଟରେ ଉପସ୍ଥାପନା କରିବା ନିମନ୍ତେ ଆଲୋଚନା କରିଥିଲେ। ସ୍ୱାତୀର ପ୍ରକଳ୍ପ ସଂଯୋଜକ ପ୍ରଦୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଶଙ୍କର ନାରାୟଣ ମହାନ୍ତି ସମ୍ପୂର୍ଣ କାର୍ଯ୍ୟକ୍ରମ କୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁର ରେଳମଣ୍ଡଳ ସମ୍ବିଧାନ ଦିବସ ପାଳିତ

ସମ୍ବଲପୁର, ୨୬ ନଭେମ୍ବର (ହି.ସ.)- ସମ୍ବଲପୁର ରେଳମଣ୍ଡଳରେ ସମ୍ବିଧାନ ଦିବସ ପାଳନ କରାଯାଇଅଛି। ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ପ୍ରଗତୀଧାରାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ସମସ୍ତ ରେଳ ଅଧିକାରୀ ଓ କର୍ମଚାରୀଙ୍କୁ ଭାରତୀୟ ସଂବିଧାନର ପ୍ରସ୍ତାବନାର ଶପଥ ପାଠ କରାଇଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ବି. ଜେନା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚାରିଦଫା ଦାବିରେ ଆସନ୍ତାକାଲି ଠାରୁ ପ୍ରାଣୀ ଚିକିତ୍ସକଙ୍କ ଡିଜିଟାଲ ବଏକଟ

ଭୁବନ,୨୬ନଭେମ୍ବର(ହି.ସ.) - ଓଡିଶା ପ୍ରାଣୀ ଚିକିତ୍ସା ସେବାର ପ୍ରବେଶ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀ ମାନ୍ୟତା ପ୍ରଦାନ,ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ଜରୁରୀସେବାର ଅନ୍ତର୍ଭୁକ୍ତ କରିବା,ପ୍ରାଣୀ ଚିକିତ୍ସକ ମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିବା, ପ୍ରାଣୀ ଚିକିତ୍ସକ ମାନଙ୍କୁ ପର୍ଯ୍ୟାପ୍ତ ଭିତିଭୂମି,ବୈଷୟିକ ସହାୟତା ଓ ମାନବ ସମ୍ବଳର ସହାୟତା କରିବା ଚାରି ଦଫା ଦାବିରେ ଆସନ୍ତା କାଲିଠାରୁ ସମଗ୍ର ରାଜ୍ୟରେ ପ୍ରାଣୀ ଚିକିତ୍ସକ ମାନେ ଚିକିତ୍ସାସେବାକୁ ବ୍ୟାହତ ନକରି ବିଭାଗ ନିର୍ଦ୍ଧାରିତ ସମସ୍ତ ବୈଷୟିକ – କମ୍ପ୍ୟୁଟରୀକରଣ କାର୍ଯ୍ୟକୁ ସମୁହଭାବେ ବନ୍ଦ (ଡିଜିଟାଲ ବଏକଟ) କରିବେ ବୋଲି ଭୁବନ ପ୍ରାଣୀ ଚିକିତ୍ସାଳୟର ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା.ସୁଧାଂଶୁ ଶେଖର ବାରିକ ଜଣାଇଛନ୍ତି। ପ୍ରାଣୀ ସମ୍ପଦକୁ ରାଜ୍ୟରେ ଯେତିକି ଗୁରୁତ୍ୱ ଦିଆଯାଉଛି ପ୍ରାଣୀ ଚିକିତ୍ସକ ମାନଙ୍କୁ ସେଭଳି ଗୁରୁତ୍ୱ ଦିଆନଯାଇ ପଶୁତୁଲ୍ୟ ବ୍ୟବହାର କରାଯାଉଛି। କରୋନା କଟକଣା ମଧରେ ପ୍ରାଣୀଚିକିତ୍ସକ ମାନେ ନିଜ ଜୀବନକୁ ବାଜି ଲଗାଇ ପ୍ରାଣୀ ପାଳକଙ୍କ ଘରକୁ ଘର ବୁଲି ଗୋରୁଗାଇ,ଛେଳି,ମେଣ୍ଢା ଇତ୍ୟାଦି ଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହୋଇ କାର୍ଯ୍ୟ କରୁଥିବା ବେଳେ ଅଫିସ ସମୟରେ ଡାଟା ଏଣ୍ଟ୍ରି କରି ପଠାଇବା, କାର୍ଯ୍ୟ ଚାପ ବହୁଗୁଣିତ କରାଇବା,ପ୍ରାଣୀ ଚିକିତ୍ସାସେବାରେ ପ୍ରବେଶ ପଦବୀକୁ କନିଷ୍ଠ ପ୍ରଥମ ଶ୍ରେଣୀର ମାନ୍ୟତା ଦିଆନଯିବା.ବର୍ଷବର୍ଷ ଧରି ଯୋଗ୍ୟତା ତଥା ବରିଷ୍ଠତା ଭିତିରେ ପଦୋନ୍ନତି ପ୍ରଦାନ କରାନଯିବା ସହିତ ପ୍ରାଣୀ ଚିକିତ୍ସକ ମାନଙ୍କୁ କରୋନା ଯୋଦ୍ଧା ର ସମ୍ମାନ ନଦେବା କାରଣରୁ ଗତ ୨୦ ତାରିଖ ଠାରୁ ପ୍ରତୀକାତ୍ମକ ପ୍ରତିବାଦରେ କଳାବ୍ୟାଚ ପିନ୍ଧି କାର୍ଯ୍ୟ କରିଥିଲେ। ସପ୍ତାହକ ମଧରେ ସରକାର ସେମାନଙ୍କ ଦାବି ପୂରଣ ନହେବାରୁ ଆସନ୍ତା କାଲି ୨୭ ତାରିଖ ଠାରୁ ପ୍ରାଣୀ ଚିକିତ୍ସକ ମାନେ ଅନଲାଇନ ପ୍ଲାଟଫର୍ମରେ ହେଉଥିବା କାର୍ଯ୍ୟକୁ ସଂପୂର୍ଣ୍ଣ ବର୍ଜନ କରିବେ ବୋଲି ଜଣାଇଛନ୍ତି।

## ପଂଚୁକ ଦ୍ୱିତୀୟ ଦିବସରେ ଜଗନ୍ନାଥ ମନ୍ଦିରରେ ବାଙ୍କଚାହାଣି ବେଶ

ଭୁବନ,୨୬ ନଭେମ୍ବର(ହି.ସ.) - ଧର୍ମମାସ କାର୍ତିକ ମହାପଂଚୁକର ଆଜି ଦ୍ୱିତୀୟ ଦିବସରେ ତୃତୀୟାଦେବ ଜୀୟୁ ଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ପ୍ରାତଃ ସମୟରୁ ନୀତିକାନ୍ତି କରାଯାଇ ବିନା ଭକ୍ତରେ ମହାପ୍ରଭୁଙ୍କ ବାଙ୍କଚାହାଣୀ ବେଶ କରାଯାଇଥିଲା। ଆସନ୍ତାକାଲି ଦୁର୍ଲଭ ନାଗାର୍ଜୁନ ବେଶ ଅନୁଷ୍ଠିତ ହେବ, ତେବେ ସରକାରଙ୍କ କୋଭିଡ କଟକଣା ଯୋଗୁ ଭକ୍ତଙ୍କ ଦର୍ଶନ ସଂପୂର୍ଣ୍ଣ ବନ୍ଦ ରହିବ ବୋଲି ଜଗନ୍ନାଥ ମନ୍ଦିର ଟ୍ରଷ୍ଟି ପକ୍ଷରୁ ସୂଚନା ଦିଆଯାଇଛି।

## କେନ୍ଦ୍ରାପଡାରେ ସମ୍ବିଧାନ ଦିବସ ପାଳନ

କେନ୍ଦ୍ରାପଡ଼ା,୨୬ ନଭେମ୍ବର(ହି.ସ.)- କେନ୍ଦ୍ରାପଡା ସଦର ମହକୁମା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସମ୍ବିଧାନ ଦିବସ ପାଳନ କରାଯାଇଛି। ସମାଜସେବୀ ତଥା ସ୍ୱଚ୍ଛାସେବୀ ସଂଗଠନର କର୍ମକର୍ତା ମାନେ ଉପସ୍ଥିତ ରହି ୭୧ତମ ସମ୍ବିଧାନ ପ୍ରଣୟନ ଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ବିଧାନ ପ୍ରଣେତା ତଥା ରାଷ୍ଟ୍ରବାଦୀ ଚିନ୍ତନର ପ୍ରମୁଖ ପ୍ରବର୍ତକ ଡ଼ଃ ବାବା ସାହେବ ଆମ୍ବେଦକର ଙ୍କ ସର୍ବଜନ ସୁଖାୟ, ସର୍ବଜନ ହିତାୟ ଦେଶର ସମ୍ବିଧାନ ବ୍ୟବସ୍ଥାରେ ଅନେକ ଅଧିକାର ଓ କର୍ତବ୍ୟର ଅବତାରଣା କରାଯାଇ ଥିଲେ ମଧ ନେସ୍ତ ସ୍ୱାର୍ଥ ଗୋଷ୍ଠୀ ଏହାର ଦୁରୁପଯୋଗ କରି ସମ୍ବିଧାନରେ ସଂକଟ ସୃଷ୍ଟି କରୁଥିବା ମତ ପ୍ରକାଶ ପାଇଥିଲା। ସମ୍ବିଧାନ ଆମକୁ ଅଧିକାର ସହ କର୍ତବ୍ୟ ପାଳନର ଶିକ୍ଷା ଦେଉଥିବା ବେଳେ ଏହାକୁ ପାଳନ କରିବା ଓ ଦେଶପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ରେ ରବି ନରାୟଣ ପତି, ଅମର ବର ବିଶ୍ୱାଳ, ନଗେନ୍ଦ୍ର ଜେନା, ରବିନ୍ଦ୍ର ଦାସ, ଗୌତମ ସାହୁ, ଭୀମସେନ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସତ୍ୟସାଇଙ୍କ ୯୫ତମ ଜନ୍ମ ଦିବସ ପାଳିତ

ଧର୍ମଶାଳା,୨୬ନଭେମ୍ବର(ହି.ସ.)- ଯାଜପୁର ଜିଲା ବଡଚଣା ବ୍ଲକ ଅନ୍ତର୍ଗତ ସୋଲରସ୍ଥିତ ସେବକ ବୃଦ୍ଧାଶ୍ରମ ଠାରେ ଥିବା ଅନ୍ତେବାସୀ ମାନଙ୍କୁ ଏକ ଦିବସୀୟ ନାରାୟଣ ସେବା ଆୟୋଜନ କରାଯାଇଛି ଓ ପରିଷ୍କାର ପରିଛନ୍ନତା ପାଇଁ ଆବର୍ଜନାକୁ ସଫା କରାଯାଇଛି। ଏହି ସେବା କାର୍ଯ୍ୟକ୍ରମରେ ରାଜ୍ୟ ସତ୍ୟସାଇ ଟ୍ରଷ୍ଟ ସଦସ୍ୟ ରଶ୍ମିରଞ୍ଜନ ରାୟ, ସତ୍ୟସାଇ ମନ୍ଦିର ଆବାହକ ଭଜନାନନ୍ଦ ସାମଲ, ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ସେବା ସଂଯୋଜକ ଅର୍ଜୁନ ଚରଣ ରାଉତ, ଆଧାତ୍ମିକ ସଂଯୋଜକ ବକ୍ରମ କିଶୋର ମହାନ୍ତି,ବରିଷ୍ଠ ସଦସ୍ୟ ଶିବରାମ ସାହୁ ପ୍ରମୁଖ ଯୋଗଦେଇ ଜନ୍ମ ଉତ୍ସବକୁ ମୁଖରିତ କରିଥିଲେ। ଉପସ୍ଥିତ ଶ୍ରଦ୍ଧାଳୁ ମାନେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ନାମ ସ୍ମରଣ କରି ବାବାଙ୍କ ଆର୍ଶୀବାଦ ଭିକ୍ଷା ଜରିଥିଲେ। ଶେଷରେ ସେବକ ଜରାଶ୍ରମର ସୁରେଶ ବିଶ୍ୱାଳ ସମସ୍ତ ସାଇ ଶ୍ରଦ୍ଧାଳୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣିକୋଇଲିରେ ଭାରତ ବନ୍ଦ ସଫଳ

କୋରେଇ, ୨୬ ନଭେମ୍ବର (ହି.ସ.)- କେନ୍ଦ୍ରରେ ମୋଦି ସରକାରଙ୍କ ଶ୍ରମ ଆଇନ ସଂଶୋଧନ, କୃଷକ ଆଇନ ପରିବର୍ତନ କରିବା ଫଳରେ କୃଷକ, ଶ୍ରମିକ ଓ ଜନସାଧାରଣଙ୍କ ଉପରେ ଘୋର ବିପତି ପଡିଛି। ଦେଶର ଅର୍ଥନିତୀ ଆଜି ଭୁଷୁଡିବାରେ ଲାଗିଛି। ଏହା ଦେଶର ସାଧାରଣ ଜନତାଙ୍କ ପାଇଁ ବିପଦ। ମୋଦି ସରକାର ଶିଳ୍ପପତିଙ୍କ ସରକାର। କୋଭିଡ ନାମରେ ବିଭିନ୍ନ ଆଇନକୁ ସଂଶୋଧନ କରି ଜନତାଙ୍କୁ ନାତ ମାରି ପୁଂଜିପତି ମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେଇଛନ୍ତି। ୨୯ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମ କୋଡରେ ପରିଣତ କରିବା ଯୋଗୁ ଶ୍ରମିକଙ୍କ ପେଟକୁ ନାତ ମାରି ଶ୍ରମିକ ମାନଙ୍କ ଆଇନଗତ ଅଧିକାରକୁ ବଂଚିତ କରିବା ଯୋଜନା କରିଛନ୍ତି। ଘରୋଇ କରଣ କରିବା ପାଇଁ ପ୍ରୟାସ ଜାରି ରହିଛି। ରାଷ୍ଟ୍ରାୟତ ଉଦ୍ୟୋଗ, ବ୍ୟାଙ୍କ ବୀମା, ରେଳ, ପ୍ରତିରକ୍ଷା ଉତ୍ପାଦନ, କୋଇଲା, ଖଣି, ବିଦ୍ୟୁତ୍, ତେଲ ଓ ପୋତାଶୟ ଆଦିକୁ ଘରୋଇ ଶିଳ୍ପପତି ମାନଙ୍କୁ ବିକ୍ରି କରା ଚାଲିଛି। ୨୭ ଦଫା ବିରୋଧି ଆଇନକୁ ବିରୋଧ କରି କେନ୍ଦ୍ର ମିଳିତ ଟ୍ରେଡ ୟୁନିଅନ ପକ୍ଷରୁ ଆଇନ ଗୁଡିକ ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ। ଏହି ଆନ୍ଦୋନକୁ ଗାଁ ପର୍ଯ୍ୟନ୍ତ ନିଆଯାଇ ଜନତାଙ୍କୁ ଜନ ବିରୋଧି ଆଇନ ସମ୍ପର୍କରେ ଅବଗତ କରାଯିବ ଓ ମୋଦି ସରକାରଙ୍କୁ ହଟାଯିବ। ଏହାକୁ ଲକ୍ଷ୍ୟ ରଖି ନଭେମ୍ବର ୨୬ ଧର୍ମଘଟକୁ ପାଣିକୋଇଲିର ଶିଳ୍ପାଚଳ ସମସ୍ତ କଳକାରଖାନା ସମ୍ମୁଖ ଛକ ଓ ବଜାରରେ ସମ୍ପୂର୍ଣ୍ଣ ଗାଡି ମୋଟର ପରିବହନ ବନ୍ଦ କରିବାକୁ ଆହ୍ୱାନ ଅନୁଯାୟୀ ପାଣିକୋଇଲି ବନ୍ଦ ସଫଳ ହୋଇଛି। ସମସ୍ତ ସରକାରୀ ଅନୁଷ୍ଠାନ ସମତେ ବଗଜାର ଘାଟ ବନ୍ଦ ରହିଛି। ପାଣିକୋଇଲିରେ ମିଳିତ ଟ୍ରେଡ ୟୁନିଅନର ଆନ୍ଦୋଳନ ଫଳରେ ଲୁହାପଥର ଗାଡି ଗୁଡିକ ରାସ୍ତାରେ ରହିଥିଲା। ଫଳରେ ଯାଜପୁରରେଡ ରାସ୍ତାରେ ଯାତାୟତ ଠପ ହୋଇଥିଲା। ବଜାରର ସସମ୍ତ ଦେକାନ ବଜାରକୁ ମିଳିତ ଟ୍ରେଡ ୟୁନିଅନ ପକ୍ଷଣୁ ବନ୍ଦ କରାଯାଇଥିଲା। ଫଳରେ ପାଣିକୋଇଲି ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ଯୁବ ଆଇଏନଟିୟୁସିର ସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇଙ୍କ ସିଆଇଟିୟୁର ଜିଲ୍ଲା ସମ୍ପାଦକ ଡା. ନିର୍ମଳ ରଥ, ସୁରେଶ ସାହୁ ପ୍ରମୁଖଙ୍କ ଦେତ୍ୱରେ କର୍ମିମାନେ ଓଭରବ୍ରିଜ ତଳେ ହରାତାଳ କରିଥିଲେ। ପାଣିକୋଇଲି ପୁଲିସ ପକ୍ଷରୁ ଥାନାଧିକାରୀ ଚକ୍ରପତି କଅଁରଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଣସଂଗଠିତ ଶ୍ରମିକ କଂଗ୍ରେସ ସଭାପତି ଅଜୟ ଦାଶ, କୋରାଇ କଂଗ୍ରେସ କମିଟି ସଭାପତି ମଧୁସୂଦନ ସାହୁ, ଅଣ ସଂଗଠିତ ଶ୍ରମିକ ରାଜ୍ୟ ସଂଯୋଜକ ବିଜୟ କୁମାର ବୋଇତାଇ, ରଘୁନାଥ ମାଝୀ, ଘନଶ୍ୟାମ ପଣ୍ଡା, ଶଶିକାନ୍ତ ମାଝୀ, ସତ୍ୟପ୍ରକାଶ କୁଅଁର, ନିରଂଜନ ନାୟକ,ଅତାର ବାବୁ, ସିଆଇଟିୟୁ ପକ୍ଷରୁ ଗଣେଶ ସାହୁ, ଅଭୟ ଓଝା, ପ୍ରତ୍ୟୁଷ ସାହୁ, ବନୋଜ ଓଝା, କିର୍ତନ ସାହୁ, ସୁବ୍ରତ ଜେନା, ବହ୍ମାନନ୍ଦ ବାରିକ, ବ୍ରଜଭାନୁ ପାଣିଗ୍ରାହୀ, ବନମାଳୀ ଭୂତିଆ, କୃପାସିନ୍ଧୁ ଭୂୟାଁ, ଦୀନବନ୍ଦୁ ଭୁୟାଁ, ସୁରେଶ କୁମାର ସାହୁ, ମନୁ ଜେନା, ହରେକୃଷ୍ଣ ଜେନା, ହରେକୃଷ୍ଣ ଦାସ, ମଦନ ମୁଦୁଲି, ରବି ନାରାୟଣ ପାଢୀ, ବୃନ୍ଦାବନ ସାହୁ, କାଳନ୍ଦୀ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଦେଶବ୍ୟାପୀ ଧର୍ମଘଟ ଜୟପୁରରେ ସଫଳ

ଜୟପୁର, ୨୬ ନଭେମ୍ବର (ହି.ସ.)- କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ଓ ଜନ ବିରୋଧି ନୀତି ବିରୁଦ୍ଧରେ ଦେଶବ୍ୟାପୀ ଧର୍ମଘଟର ପ୍ରଭାବ ଜୟପୁରରେ ମଧ ଦେଖିବାକୁ ମିଳିଛି। ଜୟପୁର ଦେଇଯାଇଥିବା ଜାତୀୟ ରାଜପଥ ନଂ ୨୬ର ମୁଖ୍ୟ ଟ୍ରାଫିକ୍ ଛକ ନିକଟରେ କେନ୍ଦ୍ର ଟ୍ରେଡ୍ ୟୁନିୟନ ସମୁହର ସଦସ୍ୟ ମାନେ ରାସ୍ତା ଅବରୋଧ କରି କେନ୍ଦ୍ର ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ରାସ୍ତା ଅବରୋଧ ଯୋଗୁଁ ଉଭୟ ପଟରେ ଶହ ଶହ ସଂଖ୍ୟାରେ ଯାନବାହନ ଓ ଟ୍ରକ୍ ଅଟକି ରହିଥିଲା। ସହରରେ କାଁ ଭାଁ ବାଇକ୍, ଅଟୋ ଚଳାଚଳ କରୁଥିଲେ ମଧ ଦୋକାନ, ବଜାର ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏହି ବନ୍ଦକୁ ୧୦ ରୁ ଅଧିକ କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ବାମପନ୍ଥି ଦଳ, କୋରାପୁଟ ଜିଲା କଂଗ୍ରେସ କମିଟି ପ୍ରମୁଖ ସମର୍ଥନ ଜଣାଇଥିଲେ। ଜୟପୁରରେ କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ବିକ୍ଷୋଭ ଶୋଭାଯାତ୍ରା ବାହାରିଛି। ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଡାକରାରେ ଏହି ବିକ୍ଷୋଭ ଶୋଭାଯାତ୍ରା ଜୟପୁର ସହରରେ ବାହାରିଥିଲା। କୃଷି ବିଲ୍ ୨୦୨୦ ରଦ୍ଦ ଓ କୃଷକଙ୍କୁ ଉଚିତ ନ୍ୟାୟ ଓ ସମ୍ମାନ ଦେବା ଦାବୀରେ ଦେଶ ବ୍ୟାପି ହରତାଳ ଚାଲିଥିବା ବେଳେ ଏହାର ପ୍ରଭାବ ମଧ ଜୟପୁର ସହରରେ ଦେଖିବାକୁ ମିଳିଛି। ଚାଷି ମାନେ ହାତରେ ବ୍ୟାନର ଧରି କେନ୍ଦ୍ର ବିରୋଧି ସ୍ଲୋଗାନ ମାନ ଦେଇ ଶୋଭାଯାତ୍ରାରେ ବାହାରିଥିଲା। ସର୍ବ ଭାରତୀୟ ଟ୍ରେଡ ୟୁନିୟର ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଛି କୋରାପୁଟ ଜିଲା କଂଗ୍ରେସ କମିଟି। ଏନେଇ ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ସମ୍ମୁଖରେ ଧାରଣା ଦେଇଥିଲେ କଂଗ୍ରେସ କର୍ମି ଓ ନେତା। କେନ୍ଦ୍ର ସରକାରଙ୍କ କୃଷି ଓ ଶ୍ରମିକ ମାରଣା ନୀତି ବିରୁଦ୍ଧରେ ସମସ୍ତ କେନ୍ଦ୍ରୀୟ ସଂଗଠନ ମାନଙ୍କର ମିଳିତ ଆହ୍ୱାନରେ ଦିଆଯାଇଥିବା ଧର୍ମଘଟକୁ ସମର୍ଥନ ଜଣାଇ ଦଳୀୟ କର୍ମକର୍ତା ମାନେ ଧାରଣା ଦେଇଥିଲେ। ଏହି ଧାରଣାରେ ନିହାର ବିଷୋୟି, ମହିଳା ଜିଲା ସଭାନେତ୍ରୀ ନଳିନି ରଥ, ହସନ ମଦାନି, ଦୁର୍ଗା ଶର୍ମା ପ୍ରମୁଖ ସାମିଲ୍ ଥିଲେ। ସେହିପରି କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାଙ୍କ କର୍ମଚାରି ଆସୋସିଏସନ ତରଫରୁ ମଧ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୭ ଦଫା ଦାବୀରେ ଏହି ବିକ୍ଷୋଭ କରାଯାଇଛି। ଏହି ଧାରଣାରେ କର୍ମଚାରି ଆସୋସିଏସନର ସଭାପତି ଦିଗାମ୍ବାର ନାୟକ, ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ, ସାମ୍ପାଦକ ମନୋଜ କୁମାର ଦାସ, କାର୍ଯ୍ୟକାରି ସଭାପତି ବିଦ୍ୟାଧର ପ୍ରଧାନ, ଉପ ସଭାପତି ଅଶୋକ ରଥ କୋଷାଧକ୍ଷ ଗୋଲକ ବିହାରି ପାଇକରାୟଙ୍କ ନେତୃତ୍ୱରେ ଅବିଭକ୍ତ କୋରାପୁଟ ଜିଲାର ୨୪ଟି ଶାଖା ବ୍ୟାଙ୍କର ୧୧୦ କର୍ମଚାରଙ୍କୁ ନେଇ ୭ ଦଫା ଦାବୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବୀ ପୂରଣ କରାନଗଲେ ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ବ୍ୟାଙ୍କ ଓ ଲ୍ୟାମ୍ପସ କାର୍ଯ୍ୟକ୍ରମ ଠପ୍ କରାଯିବ। ଏଥି ପାଇଁ ଯେଉଁ କ୍ଷତି ହେବ ସରକାର ଓ ବିଭାଗୀୟ ଅଧିକାରି ମାନେ ଦାୟୀ ରହିବେ। ସବୁ ଶାଖା ବ୍ୟାଙ୍କ ଆଗରେ ଧାରଣା ଜାରି ରହିଛି। ସମୁହ କେନ୍ଦ୍ରୀୟ ୟୁନିୟନ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେବା ସହ ବନ୍ଦକୁ ସଫଳ କରିଥିଲେ।

## ଚୋରା ମଦ ଜବତ, ବେପାରୀ ଗିରଫ

କୋରେଇ, ୨୬ ନଭେମ୍ବର (ହି.ସ.)- ପାଣିକୋଇଲି ପୁଲିସ ପକ୍ଷରୁ ଚୋରା ଦେଶୀ ଓ ବିଦେଶୀ ମଦ ବେପାରୀଙ୍କ ଉପରେ ବ୍ୟାପକ ଚଢାଉ ଜାରି ରହିଛି। ଫଳରେ ଆତଙ୍କିତ ଅବସ୍ଥାରେ ଚୋରା ବେପାରୀ। ପୁଲିସ ବୁଧବାର ରାତ୍ରୀରେ ଚଢାଉ କରି ଜହ୍ନା ପଂଚାୟତ ନରପଦା ଗ୍ରାମରୁ କିର୍ତନ ମଲିକଙ୍କ ପୁଅ ପବନ (୩୨) ଓ କୈଳାସ ମଲିକଙ୍କ ପୁଅ ପ୍ରଶାନ୍ତ(୩୯)କୁ ଚେରା ମଦ ସହ ବେପାରୀକୁ ଗିରଫ କରିବାକୁ ସକ୍ଷମ ହୋଇଛି। ସେମାନଙ୍କ ନିକଟରୁ ୨୫ ବୋତଲ ଆସ୍କା ଫର୍ଟି ଓ ୧୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଦୁଇଟି ମାମଲା ରୁଜୁ ସହ ସେମାନଙ୍କୁ ଗିରଫ କରାଯାଇଛି।

# କେନ୍ଦ୍ର ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧୀ ନୀତି ପ୍ରତିବାଦରେ ଦେଶବ୍ୟାପୀ ହରତାଳ

ଭୁବନେଶ୍ୱର, ୨୬ ନଭେମ୍ବର (ହି.ସ.)- ସବ୍‌କା ସାଥ- ସବ୍‌କା ବିକାଶର ସ୍ଲୋଗାନ ଦେଇ କେନ୍ଦ୍ରରେ ସରକାର ଗଠନ କରିଥିବା ନରେନ୍ଦ୍ର ମୋଦୀ ସରକାର ଦେଶରେ ବିଭିନ୍ନ ଜନବିରୋଧି ଆଇନକୁ କାର୍ଯ୍ୟକାରୀ କରାଇ ସାଧାରଣ ମଣିଷର ଜୀବନଯାତ୍ରାକୁ ଦୁର୍ବିଶୟ କରିପକାଇଛନ୍ତି। ଦେଶରେ ପ୍ରଚଳିତ ଶ୍ରମ ଆଇନକୁ ସଂଶୋଧନ କରାଇ କର୍ପୋରେଟ୍ ସ୍ୱାର୍ଥରେ ଆଇନ ପ୍ରଣୟନ କରିଛନ୍ତି। ଯାହା କାର୍ଯ୍ୟକାରୀ ହେବା ଫଳରେ ଶ୍ରମଜୀବି ମଣିଷଙ୍କ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ବିପନ୍ନ ହୋଇପଡ଼ିଛି। କଳକାରଖାନାମାନଙ୍କରୁ ବ୍ୟାପକ ଶ୍ରମିକ ଛଟେଇ କରାଯାଉଅଛି। ସାଗ ମାଛ ଦରରେ ଦେଶର ରାଷ୍ଟ୍ରାୟତ ଉଦ୍ୟୋଗଗୁଡ଼ିକୁ ବିକ୍ରି କରିବାରେ ଲାଗିଛନ୍ତି କେନ୍ଦ୍ର ସରକାର। ଅନ୍ୟପଟରେ କୃଷି ଆଇନ-୨୦୨୦, କଂଟ୍ରାକ୍ଟ ପାର୍ମିଙ୍ଗ ଆକ୍ଟ -୨୦୨୦, ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂଶୋଧନ ଆଇନ-୨୦୨୦ ଏବଂ ବିଦ୍ୟୁତ ବୃଦ୍ଧି ଆଇନ-୨୦୨୦ କୁ ଗତ ସଂସଦ ଅଧିବେଶନ ସମୟରେ ଧ୍ୱନି ମତରେ ପାରିତ କରାଇ ଭାରତ ବର୍ଷରେ ପ୍ରତିଷ୍ଠିତ କୃଷି ଅର୍ଥନୀତିକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଦେବା ପାଇଁ ଯୋଜନା ବଦ୍ଧ ଭାବରେ କେନ୍ଦ୍ର ସରକାର କାର୍ଯ୍ୟକ୍ରମ ଚଳାଇଛନ୍ତି। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନର ସଂଶୋଧନ ଫଳରେ ଦରଦାମ ଆକାଶଛୁଆଁ ହୋଇଛି। ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ୫୦ ରୁ ୮୦ଟଙ୍କାରେ ପହଂଚିଲାଣି। ଯାହା ବିରୁଦ୍ଧରେ ଭାରତ ବର୍ଷର ତମାମ କୃଷକ ସଂଗଠନ ଏବଂ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍‌ମାନେ ଆଜି ସର୍ବଭାରତୀୟ ଧର୍ମଘଟର ଡ଼ାକରା ଦେଇଥିଲେ। ଏହି ଧର୍ମଘଟ ବା ହରତାଳକୁ ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ, ଏହାର ଶ୍ରମିକ ସଂଗଠନ ଟିୟୁସିସି ଓ କୃଷକ ସଂଗଠନ ଅଗ୍ରଗାମୀ କିଷାନ ସଭା ଆଦି ନେତୃତ୍ୱରେ ସାରା ଓଡ଼ିଶାରେ ସଫଳ କରିବା ପାଇଁ ରାଜ୍ୟ ତାମାମ ପିକେଟିଂ କରାଯାଇଥିଲା। ଆଜି ଭୋର ସମୟ ପ୍ରାୟ ୫ ଘଟିକା ୪୫ ମିନିଟ ସମୟରୁ ଫରୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର, ଯୁବ ନେତା ନାରାୟଣ ଡ଼ାଲୁଆ, ପ୍ରଦୀପ ଦାସ, ଅଶୋକ କୁମାର ପହୀ, କୃଷକ ନେତା ଅମିନ ଭୋଇ, କପିଳ କାଣ୍ଡି, ଶଚିକାନ୍ତ ନାୟକ ପ୍ରମ୍ମୁଖଙ୍କ ନେତୃତ୍ୱରେ ଭୁବନେଶ୍ୱର ରେଳ ଷ୍ଟେସନରେ ପହଂଚି ରେଳ ରୋକ ଆନ୍ଦୋଳନ ସଂଗଠିତ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଜନଶତାବ୍ଦି ଏକ୍ସପ୍ରେସ୍, ବଲାଙ୍ଗିର ଇଟଂର ସିଟି ସମେତ ମାଲ୍ ପରିବାହି ରେଳ ଗାଡ଼ିଗୁଡ଼ିକ ଅଟିକି ରହିଥିଲା। ପରେ ଭୁବନେଶ୍ୱରର ବିଭିନ୍ନ କେନ୍ଦ୍ର ସରକାରଙ୍କ ଦପ୍ତରଗୁଡ଼ିକ ସମ୍ମୁଖରେ ମଧ ହରତାଳ ସପକ୍ଷରେ ପିକେଟିଙ୍ଗ କରାଯାଇଥିଲା। ମଧାହ୍ନରେ ଫରୱାର୍ଡ଼ ବ୍ଲକ ଏବଂ ଏହାର ଗଣ ସଂଗଠନମାନଙ୍କ ସମେତ ଅନ୍ୟାନ୍ୟ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ରାଜମହଲ ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଟିଂନ ଛକ ପର୍ଯ୍ୟନ୍ତ ଯାଇ ସେଠାରେ ଏକ ପ୍ରତିବାଦ ସଭା ସଂଗଠିତ ହୋଇଥିଲା। ଏହି ଅବସରରେ ବକ୍ତବ୍ୟ ରଖି ବକ୍ତାମାନେ କେନ୍ଦ୍ର ସରକାରଙ୍କର ଜନବିରୋଧି ନୀତିର ତୀବ୍ର ସମାଲେଚନା କରିବା ସହ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେଗୁଡ଼ିକୁ ଖାରଜ କରିବା ପାଇଁ ଦାବୀ କରାଯାଇଥିଲା। ଅନୁରୂପ ଭାବରେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ଫରୱାର୍ଡ଼ ବ୍ଲକ, ଅଗ୍ରଗାମୀ କିଷାନ ସଭା ଏବଂ ଟିୟୁସିସି ପକ୍ଷରୁ ମିଳିତ ଭାବରେ ହରତାଳ ସଂଗଠିତ କରାଯାଇଅଛି।

# ପ୍ରାଥମିକ ଉପଚାର

**କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ଏବଂ ଶାରୀରିକ ଯନ୍ତ୍ରଣା ଅଧିକ ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ମନଇଚ୍ଛା ପେନକିଲର ଖାଇନେବାର ଅଭ୍ୟାସ ପ୍ରାୟ ଅଧିକାଂଶ ମହିଳାଙ୍କର ରହିଛି । ଯଦିଓ ଏହାଦ୍ୱାରା କିଛି ସମୟ ପାଇଁ କଷ୍ଟରୁ ମୁକ୍ତି ମିଳିଥାଏ, ହେଲେ ଅପରପକ୍ଷେ ବିନା ଡାକ୍ତରୀ ପରାମର୍ଶରେ ଗ୍ରହଣ କରୁଥିବା ଏହି ଔଷଧ କେବେ କେବେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ । ତେଣୁ ଏହି ଉପାୟ ଗୁଡ଼ିକ ବିଷୟରେ......**



ବର୍ତ୍ତମାନ ସ୍ୱାସ୍ଥ୍ୟ ସମସ୍ୟା ଯେଉଁଭଳି ବଢ଼ିବାରେ ଲାଗିଛି ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ପରିବାରରେ ବିଭିନ୍ନ ଔଷଧ ପରେ ରଖୁଥିବା ଦେଖିବାକୁ ମିଳୁଛି । ବିଶେଷ କରି ପେନକିଲକରଗୁଡ଼ିକ ଯେପରି ସବୁ ପରିବାରର ଆବଶ୍ୟକତା ପଡ଼ିଗଲାଣି । କହିବାର ତାତ୍ପର୍ଯ୍ୟ ଘରେ ଆବଶ୍ୟକ ଅନ୍ୟ ସାମଗ୍ରୀ ଗୁଡ଼ିକ ଭଳି ଏହା ମଧ୍ୟ ସର୍ବଦା କିଣାଚାଲିଛି । ଯାହାକୁ ସର୍ବାଧିକ ବ୍ୟବହାର କରୁଛନ୍ତି । ମହିଳାମାନେ । ସେମାନେ ସାଧାରଣତଃ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ଡାକ୍ତର ପାଖକୁ ନ ଯାଇ ନିଜେ ଏହାର ଉପଚାର କରିବାକୁ ଚେଷ୍ଟା କରନ୍ତି, ଆଉ ଯାହାର ବିକଳ୍ପ ସାଜିଥାଏ ଏହି ପେନକିଲର । କେବେକେବେ ଏହା କାମ ନ ଦେଲେ ସେମାନେ ପାଖରେ ଥିବା ଔଷଧ ଦୋକାନୀଙ୍କଠାରୁ ଅନ୍ୟ ଔଷଧ ଆଣି ମଧ୍ୟ ଖାଇଦିଅନ୍ତତି । ହେଲେ, ରୋଗର ପ୍ରକୃତ କାରଣ ନ ଜାଣି ମନଇଚ୍ଛା ଏଭଳି ଔଧେ ସେବନ କରିବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ । କାଲିଫର୍ନିଆର ପାସାଡେନାସ୍ଥିତ ହଣ୍ଟିଙ୍ଗଟନ୍ ମେଡିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବିଶେଷଜ୍ଞ ଡ. ମାଇରନ ଟଙ୍ଗଙ୍କ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ମୁତାବକ ବିଭିନ୍ନ ଶାରୀରିକ ଯନ୍ତ୍ରଣା ପାଇଁ ବ୍ୟବହୃତ ପେନକିଲରଗୁଡ଼ିକ ହେଉଛି ନନ ଷ୍ଟେରଇଡାଲ ଆଣ୍ଟି - ଇମଫ୍ଲାମେଟୋରି ଡ୍ରଗ୍ସ । ଯାହାକୁ ଆବଶ୍ୟକ ମାତ୍ରାଠାରୁ ଅଧିକ କିମ୍ବା ଡାକ୍ତରଙ୍କ ବିନା ପରାମର୍ଶରେ ମନଇଚ୍ଛା ସେବନ କରିବା ଦ୍ୱାରା ଲିଭର ଖରାପ ହେବା ସହ ହୃଦରୋଗ ଏବଂ ହୃଦଘାତର ଆଶଙ୍କା ବଢ଼ାଇଥାଏ । କେବଳ ଏତିକି ନୁହେଁ ଏହା ଅଲସର ବା ପେଟ ଭିତରେ ଓ ପାକସ୍ଥଳୀରେ ଘା’ ହେବା ଆଶଙ୍କାକୁ ବି ଦ୍ୱିଗୁଣିତ କରିଥାଏ । ଡାକ୍ତରଙ୍କ ବିନା ପରାମର୍ଶରେ ଡାଇବେଟିସ୍ କିମ୍ବା ବ୍ଲଡପ୍ରେସର ରୋଗୀ ଏଭଳି ପେନକିଲର ଅଧିକ ମବାତ୍ରାରେ ସେବନ କଲେ କିଡନୀ ଫେଲ୍ୟୁଅର ହେବାର ଆଶଙ୍କା ବି ରହିଥାଏ । କେକେଙ୍କଠାରେ ଏହା ରକ୍ତର ସାନ୍ଦ୍ରତା ହ୍ରାସ କରିବା ସହ ରକ୍ତଚାପ ସମସ୍ୟା ସୃଷ୍ଟି କରିଥାଏ । ଶରୀରରେ କୌଣସି ଙ୍ଗରେ ଯନ୍ତ୍ରଣା ହେଲେ କେଉଁ ରୋଗ ଲାଗି କେଉଁ ଔଷଧ ନ ଜାଣି ମନଇଚ୍ଛା ଏଭଳି ଔଧେ ସେବନ କରିବା ବିପଦପୂର୍ଣ୍ଣ । ତେଣୁ କୌଣସି ସ୍ୱାସ୍ଥ୍ୟ ସମସ୍ୟାକୁ ଅବହେଳା କିମ୍ବା ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ତଥାପି ଆପଣ ଚାହିଁଲେ ପ୍ରାଥମିକ ସ୍ତରରେ ଯନ୍ତ୍ରଣାର ଉପଶମ ଲାଗି ଘରୋଇ ବା ପ୍ରାକୃତିକ୍ଉପଚାର ସାହାଯ୍ୟ ନେଇପାରିବେ ।

***ପେଟ ଯନ୍ତ୍ରଣା :*** ସାଧାରଣତଃ ପରିବାର ସଦସ୍ୟଙ୍କ ଖାଇବା ଦାୟିତ୍ୱ ବୁଝି ନିତଜେ ବିଳମ୍ବରେ ଖାଇବା, କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଜଳଖିଆ ନ ଖାଇବା, କେବେକେବେ ନ ଖାଇ ଉପାସ ରହିବା ହେଉ କିମ୍ବା ଗ୍ୟାସ୍, ଏସିଡିଟି ଭଳି ଏକାଧିକ କାରଣରୁ ଅନେକ ମହିଳାଙ୍କଠାରେ ପେଟ ଯନ୍ତ୍ରଣା ଦେଖାଦେଇଥା, । ସେମାନେ ଏହାକୁ ଅଣଦେଖା କରନ୍ତତି କିମ୍ବା ଅଧିକ ଯନ୍ତ୍ରଣା ହେଲେ ପେନକିଲରର ସାହାଯ୍ୟ ନିଅନ୍ତି । ହେଲେ ଏହାଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବା ପରିବର୍ତ୍ତେ କେତେକଙ୍କଠାରେ ଏହା ଅନ୍ୟ କୌଣସି ବଡ଼ ସମସ୍ୟାର ରୂପ ନେଇଥିବାର ବି ନଜିର ରହିଛି । ତେଣୁ ଏପରି ଔଷଧ ବଦଳରେ ଆପଣ ପେଟରେ ଅଦାରସ ଲଗାଇ ପାରିବେ । ୨ ଚାମଚ ଲେଖାଏଁ ଅଦା ଏବଂ ପୁଦିନା ରସ ମିଶାଇ ପିଇବା ଦ୍ୱାରା ବି ଉପକୃତ ହୋଇପାରିବେ । ଅଳ୍ପ ଜୁଆଣିକୁ ଚୋବାଇ ଖାଇ ପାଣି ପିଇବା କିମ୍ବା ଉଷୁମ ପାଣିରେ ଲେମ୍ବୁରସ, ଜୁଆଣି ଏବଂ କଳାଲୁଣ ମିଶାଇ ପିଇବା ଦ୍ୱାରା ମଧ୍ୟ ପେଟଯନ୍ତ୍ରଣାରୁ ତୁରନ୍ତ ଉପଶମ ମିଳିଥାଏ ।



ତେବେ ପେଟ ଯନ୍ତ୍ରଣା ଅଦିନିଆ ହେଲେ ଏପରି ପ୍ରାକୃତିକ ଉପଚାରରେ କମିଯିବ, ହେଲେ ଯଦି ଏହା ଲଗାତର ହେଉଛି କିମ୍ବା ଅପେକ୍ଷାକୃତ ଅସସହ୍ୟ ହେଉଛି ତେବେ ଅବହେଳା ନ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ପରୀକ୍ଷା କରାଇ ନିଅନ୍ତୁ ।

***ମୁଣ୍ଡ ବିନ୍ଧା :*** ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ କାର୍ଯ୍ୟବ୍ୟସ୍ତତା, ଆବଶ୍ୟକ ମାତ୍ରାରେ ବିଶ୍ରାମ ନ ପାଇବା, ପର୍ଯ୍ୟପ୍ତ ନିଦ୍ରା ନ ହେବା, ଥଣ୍ଡା କିମ୍ବା ଅନ୍ୟ ବିଭିନ୍ନ କାରଣରୁ କେବେକେବେ ମୁଣ୍ଡବିନ୍ଧା ସମସ୍ୟା ଭୋଗିଥାନ୍ତି । ଆଉ ଏହାକୁ କମକରିବା ଲାଗି ସେମାନେ ଅମୃତାଞ୍ଜନ କିମ୍ବା କିଛି ବାମ ଲଗାନ୍ତୁ, ନଚେତ୍ ପେନକିଲରର ସାହାଯ୍ୟ ନେଇଥାନ୍ତି । ଯଦିଓ ପେନକିଲର ଖାଇ କେତେକ ଉପକୃତ୍ତ ଅନ୍ତି ସତ ହେଲେ ଆପଣ ଜାଣନ୍ତି କି ବିନା ଡାକ୍ତରୀ ପରାମର୍ଶରେ ଏଭଳି କି ବିନା ଡାକ୍ତରୀ ପରାମର୍ଶରେ ଏଭଳି ଔଷଧ ଅଧିକ ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ଖୁବ୍ ହାନିକାରକ । ଆପଣ ଚାହିଁଲେ ବିଭିନ୍ନ ଘରୋଇ ଉପଚାର ଯଥା ଲବଙ୍ଗ ତେଲରେ ଅଳ୍ପ ଲୁଣ ମିଶଶଇ ମୁଣ୍ଡରେ ମାଲିସ୍ କରିପାରିବେ, ଅଳ୍ପ ଅଦା ଛେଚି ପାଣିରେ ମିଶାଇ ଭଲଭାବେ ଫୁଟାଇ ଅଳ୍ପ ଥଣ୍ଡା ହେବା ପରେ ଛାଣି ପିଇ ପାରିବେ କିମ୍ବା ଗ୍ରୀନ ଟିରେ ଅଳ୍ପ ଲେମ୍ବୁରସ ମିଶାଇ ପିଇପାରିବେ । ତେବେ ମନେ ରଖନ୍ତୁ ଏସବୁ ପରେ ବି ଯଦି ବିନ୍ଧା ନ କମୁଛି ତେବେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



***ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା :*** ଅନେକ ସମୟରେ ଗୋଡ଼ ହାତ, ଅଣ୍ଟା, ବେକ, ଆଣ୍ଠୁ ଆଦି ସ୍ଥାନରେ ଯନ୍ତ୍ରଣାର ଅଭିଯୋଗ ଅଧିକାଂଶ ମହିଳାଙ୍କର ରହିଥାଏ । ଆଉ ଏଥିରୁ ରକ୍ଷା ପାଇବା ଲାଗି ସେମାନେ ବିଭିନ୍ନ ପେନକିଲରର ସାହାଯ୍ୟ ମଧ୍ୟ ନେଇଥାନ୍ତି । ହେଲେ ଏହା ପରିବର୍ତ୍ତେ ଆପଣ ବିଭିନ୍ନ ଘରୋଇ ଉପଚାରରେ ରସୁଣକୁ ପେଷ୍ଟ କରି ଏଥିରେ ମହୁ ମିଶାଇ ଏକ ଚାମଚ ଖାଆନ୍ତୁ କିମ୍ବା ରସୁଣ ପେଷ୍ଟକୁ ତେଲରେ ମିଶାଇ ଗଣ୍ଠି ସ୍ଥାନରେ ମାଲିସ୍ କଲେ ମଧ୍ୟ ଉପଶମ ମିଳିବ । ଉଷୁମ କ୍ଷୀରରେ ହଳଦୀ ଏବଂ ମହୁ ମିଶାଇ ପିଇଲେ ବି ଯନ୍ତ୍ରଣା କମିଥାଏ । ମେଥି ପେଷ୍ଟ କରି ଗଣ୍ଠିରେ ଲଗାଇବା କିମ୍ବା ପ୍ରତିଦିନ ରାତିରେ ମେଥିକୁ ଭିଜାଇ ରଖି ସକାଳେ ଚୋବାଇ ଖାଇବା ଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ । କଞ୍ଚା ପିଆଜରେ ସଲଫର ଥିବାରୁ ଏହାକୁ ଖାଇଲେ ଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି କରୁଥିବା ଏଞ୍ଜାଇମକୁ ନିୟନ୍ତ୍ରିତ କରିଥାଏ । ତେଲରେ କର୍ପୂର ଫୁଟାଇ ମାଲିସ୍ କରିବା ଦ୍ୱାରା ବି ଯନ୍ତ୍ରଣା କମିଥାଏ । ଦେଶୀ ଘିଅରେ ସୁଣ୍ଠି ମିଶାଇ ଖାଇବା, ନଡ଼ିଆ ତେଲ କିମ୍ବା ସୋରିଷ ତେଲରେ ରସୁଣ ପକାଇ ଗରମ କରି କିମ୍ବା ନଡ଼ିଆ ତେଲରେ କର୍ପୂର ମିଶାଇ ଗରମ କରି ମାଲିସ୍ କରିବା ଦ୍ୱାରା ଅଣ୍ଟାଯନ୍ତ୍ରଣାରୁ ଉପଶମ ମଳିଥାଏ ।



# ସ୍ୱାସ୍ଥ୍ୟ ପାଇଁ ଭାରଯୁକ୍ତ ବ୍ୟାୟାମ ଜରୁରୀ





ସୁସ୍ଥ ଓ ସୁନ୍ଦର ଶରୀର ପାଇଁ ଉପଯୁକ୍ତ ବ୍ୟାୟାମ ବା ୱେଟ୍ ଟ୍ରେନିଂ ଅତ୍ୟନ୍ତ ଜରୁରୀ। ଫ୍ରି-ୱେଟ୍ ଟ୍ରେନିଂ ଅଧିକ ଉପଯୋଗୀ। ସତୁରି ଭାଗ ଫ୍ରି-ୱେଟ ଟ୍ରେନିଂ ସହ ତିରିଶ ଭାଗ ମେସିନ ଟ୍ରେନିଂ ନେବା ଉଚିତ। ନିଜ ଶରୀରର ଅବସ୍ଥା, ଗଠନ ଓ ଆବଶ୍ୟକତା ଅନୁଯାୟୀ ଅଭିଜ୍ଞ ପ୍ରଶିକ୍ଷକଙ୍କ ପରାମର୍ଶ ନେଇ, ପ୍ରଥମେ ଛଅ ସପ୍ତାହ ପାଇଁ ଏକ ବ୍ୟାୟାମ ଖସଡ଼ା ପ୍ରସ୍ତୁତ କରନ୍ତୁ। କେଉଁଦିନ, କେଉଁ ବ୍ୟାୟାମ କେତେଥର କରିବେ, ଖସଡ଼ାରେ ରହିବ। ସାଧାରଣତଃ, ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ସମଗ୍ର ଶରୀରର ବୃହତ ମାଂସପେଶୀଗୁଡ଼ିକ ନିମନ୍ତେ ବ୍ୟାୟାମ କରାଯାଏ। ଏହି ବେସିକ ଟ୍ରେନିଂ ଶରୀର ଗଠନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ। ଶରୀର ସୁଗଠିତ ହେବାପରେ ଛୋଟ ମାଂସପେଶୀଗୁଡ଼ିକ ନିମନ୍ତେ ନିର୍ଦ୍ଦିଷ୍ଟ ବ୍ୟାୟାମ କରାଯାଏ। ପ୍ରତିଦିନ ସମାନ ମାଂସପେଶୀ ନିମନ୍ତେ ଅଧିକ ଭାରଯୁକ୍ତ ବ୍ୟାୟାମ ଅନୁଚିତ। ତେର ବର୍ଷରୁ ଅଧିକ ବୟସ୍କ ଉଭୟ ପୁରୁଷ ଓ ସ୍ତ୍ରୀ ହାତଗୋଡ଼ ଚାଲୁଥିବା ପର୍ଯ୍ୟନ୍ତ ଭାରଯୁଯକ୍ତ ବ୍ୟାୟାମେ କରିପାରିବେ। ଚାଲିବା ଦୌଡ଼ିବା ଭଳି ଭାରଯୁକ୍ତ ବ୍ୟାୟାମ ମଧ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ। ବରଂ ଚାଲିବା ଦୌଡ଼ିବା ଭଳି ଭାରଯୁକ୍ତ ବ୍ୟାୟାମ ମଧ୍ୟ ସମସ୍ତଙ୍କ ପାଇଁ ଆବଶ୍ୟକ। କାରଣ ଏହାଦ୍ୱାରା ସାମଗ୍ରିକ ସୁସ୍ଥତା ମିଳେ। ସର୍ବଦା ନିଜର ସର୍ବାଧିକ ସାମର୍ଥ୍ୟର ସତୁରି ଭାଗ ଭାର ଉଠାନ୍ତୁ। ହାଡ଼ ଭାଙ୍ଗିଥିଲେ ହାର୍ନିଆ ପୀଡିତ ଥିଲେ ଏ ମେରୁଦଣ୍ଡ ଓ ହୃତପିଣ୍ଡରେ ସମସ୍ୟା ଥିଲେ ଏବଂ ଉଚ୍ଚ ରକ୍ତଚାପ ଭୋଗୁଥିଲେ, ଭାରଯୁକ୍ତ ବ୍ୟାୟାମ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

# ବାସ୍ନା ଜାଣି ନ ପାରୁଥିଲେ, ସଚେତନ ହୁଅନ୍ତୁ !



ସର୍ଦ୍ଦି, ଥଣ୍ଡା, ଛିଙ୍କ ଅବା ଜ୍ୱର ହୋଇଥିଲେ ହିଁ ଆମ ଘ୍ରାଣ ଶକ୍ତି ପ୍ରଭାବିତ ହୋଇଥାଏ । ନଚେତ୍ ଅନ୍ୟ ସମସ୍ତ ସମୟରେ ମନୁଷ୍ୟ ନାକର ଘ୍ରାଣ ଶକ୍ତି ବେଶ୍ କ୍ଷିପ୍ର ଭାବେ କାମ କରେ । ନିକଟରେ ନ୍ୟୁଜର୍ସିର ଗବେଷକଦଳଙ୍କ ମତରେ ଯଦି ଜଣେ ସୁସ୍ଥ ଲୋକ ଖାଦ୍ୟ, ପାନୀୟ ଅବା କୌଣସି ସ୍ଥାନର ଘ୍ରାଣ ଶକ୍ତି କିଛି ସେକେଣ୍ଡରେ ବାରିନପାରୁଛି, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ଏହାକୁ ହେଳା କଲେ ଭବିଷ୍ୟତରେ ଭୟଙ୍କର ରୋଗର ରୂପ ନେବାର ଆଶଙ୍କା ସର୍ବାଧିକ । ମନୁଷ୍ୟର ଅନ୍ୟ ଅଙ୍ଗତୁଳନାରେ ନାକର ଗ୍ରନ୍ଥିମାନେ ତତକ୍ଷଣାତ୍ କାମ କରନ୍ତି । ଟେଷ୍ଟ ଡିସଅର୍ଡରରେ ଆକ୍ରାନ୍ତ ରୋଗୀ ଶୁଙ୍ଘିଂବାର କ୍ଷମତା ହରାଇଥାଏ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଚିକିତ୍ସା କରାନଗଲେ ପରବର୍ତ୍ତୀ ଅବସ୍ଥାରେ ସ୍ଥିତି ଜଟିଳ ହୋଇପାରେ । ଏହି ବର୍ଗର ଲୋକେ ନିଆଁ ଲାଗିଗଲେ, କିମ୍ବା କୌଣସି ସ୍ଥାନରେ ବିସ୍ଫୋରଣ ହେଲେ ଜାଣିପାରନ୍ତି ନାହିଁ । ବିଶେଷଜ୍ଞଙ୍କ ମତରେ ଦିନରାତି ୨୪ଘଣ୍ଟା କକ୍ଷରେ ବନ୍ଦ ନରହି ଅବା ଶୀତତାପ ନିୟନ୍ତ୍ରିତ କକ୍ଷରେ ଆରାମ ନକରି କିଛି ସମୟ ବାହାରେ ବୁଲିବା ଉଚିତ । ଅନ୍ତତଃ କୌଣସି ସତେଜ ଫୁଲର ବାସ୍ନାକୁ ଆଗ୍ରାଣ କରିବାକୁ ଚେଷ୍ଟା କରନ୍ତୁ । ନାକ ଠିକ୍ ଭାବେ ଶୁଂଘି ନପାରିଲେ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଆମ ଶରୀରର ଜିଭକୁ ରୋଗ ଆକ୍ରମଣ କରେ । ଏଣୁ ବେଳହୁଁ ସଚେତନ ହୁଅନ୍ତୁ ।

# ପୁରୁଷଙ୍କ ପାଇଁ କିଛି

ପୁଅମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଛି ବ୍ରଣ ସମସ୍ୟା। ଝିଅମାନଙ୍କ ଭଳି କିଛି ପୁଅମାନଙ୍କ ଠାରେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ଯାହା ସେମାନଙ୍କ ଆତ୍ମବିଶ୍ୱାସକୁ କମ୍ କରିଦେଇଥାଏ। କିଛି ଟିପ୍ସକୁ ଫଟୋ କରି ଏହି ମୁଖବ୍ରଣକୁ ଦୂର କରାଯାଇ ପାରିବ। ଆସନ୍ତୁ ଏହା ଉପରେ ଅଧିକ ନଜର ପକାଇବା।

୧. ଅଫିସ୍‌ରେ କାମ କଲା ସମୟରେ ବିଭିନ୍ନ ପ୍ରକାରର ଜୀବାଣୁ ହାତରେ ଲାଗିଥାନ୍ତି। ସେହି ସମୟରେ ଅସନା ହାତ ମୁହଁରେ ମାରନ୍ତୁ ନାହିଁ। ଏହାଦ୍ୱାରା ଇନଫେକସନ ହେବାର ସମ୍ଭାବନା ରହିଥାଏ।

୨. ମୁହଁରେ ରୁମାଲ୍ ବଦଳରେ ବଜାରରେ ଉପଲବ୍ଧ ଉଥିବା କ୍ଲିନ୍ ୱାଇପ୍‌କୁ ବ୍ୟବହାର କରନ୍ତୁ।

୩. ପ୍ରତିଦିନ ବ୍ୟବହାର କରୁଥିବା ତକିଆ ଖୋଳ, ଟାୱେଲ୍, ରୁମାଲକୁ ଭଲ ଭାବରେ ଧୁଅନ୍ତୁ।

## ଜୈବବିବିଧତାକୁ ହାନି କୃତ୍ରିମ ଆଲୋକ

ରାତିରେ ଜଳୁଥିବା ଆଲୋକ ରଶ୍ମି ସଂସ୍ପର୍ଶରେ ଆସିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ତାହା ନୁହେଁ, ଜୈବ ବିବଧତାକୁ ମଧ୍ୟ ବିଶେଷ ଭାବେ କ୍ଷତି ପହଞ୍ଚାଇଥାଏ । ଏକ ଅଧ୍ୟନୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ରାତିରେ ଜଳୁଥିବା ଲାଇଟର ଏଭଳି ଗଭୀର ପ୍ରଭାବ ରହିଛି, ଯାହା ସମଗ୍ର ଜୈବ ବିବିଧତାକୁ ମଧ୍ୟ ପ୍ରସାରିତ ହୋଇଥାଏ । ଗବେଷକ ଦଳ କୃତ୍ରିମ ଆଲୋକର ପ୍ରଭାବକୁ ପରୀକ୍ଷା କରିଥିଲେ । ଜଳ ଓ ଭୂମିରେ ବାସ କରୁଥିବା ଅମେରୁଦଣ୍ଡୀ, ବିଭିନ୍ନ ପ୍ରକାର ପ୍ରଜାତି ଯଥା - ପାଣିପୋକ, ମାଛି, ପିମ୍ପୁଡ଼ି ଓ ବୁଢ଼ିଆଣୀଠୁ ତଥ୍ୟ ସଂଗ୍ରହ କରିଥିଲେ । ଆଲୋକର ତୀବ୍ରତା ବୃଦ୍ଧି ପାଇବା ସହିତ ଏହି ପ୍ରଜାତିର ସଂଯୋଜନାରେ ପରିବର୍ତ୍ତନ ହୋଇଥିବା ସେମାନେ ଜାଣିବାକୁ ପାଇଲେ ।

# ସୁଗନ୍ଧିତ ଦାମୀ ମହମବତିର ବିକ୍ରି ବଢୁଛି

ଆମ ଦେଶରେ ସୁଗନ୍ଧିତ ଅତରର ଚାହିଦା ବେଶ୍ ରହିଛି । ସୁଗନ୍ଧିତ ତଥା ଡିଜାଇନର ମହମବତିର ବ୍ୟବସାୟ ଏଠାରେ ଚାଲିଛି ସତ, କିନ୍ତୁ ସେଭଳି ବିକ୍ରି ହେଉନାହିଁ । ପାଶ୍ଚାତ୍ୟ ରାଷ୍ଟ୍ରରେ ସମସ୍ତ ବର୍ଗର ଲୋକ ଏଇ ସୁଗନ୍ଧିତ ମହମବତିର ରୀତିମତ ଗ୍ରାହକ । ଅଧିକାଂଶ ଇଉରୋପୀୟ ଲୋକ ମାସିକ ସଉଦାରେ ଏହି ମହମବତି କିଣୁଥିବାର ଦେଖାଯାଏ । ଏସବୁ ସେଣ୍ଟେଡ୍ କ୍ୟାଣ୍ଡେଲ୍ (ସୁଗନ୍ଧିତ ମହମବତି)ର ଦର ମଧ୍ୟ ବେଶ୍ ଚଢ଼ା । ଲକ୍‌ଡାଉନ୍ ପରଠାରୁ ଏ ମହମବତିର ବିକ୍ର ବଢ଼ିଛି । ଘରେ ରହିରହି ଲୋକେ ଅତିଷ୍ଠ ହୋଇଗଲେଣି । କେତେଜଣ ମାନସିକ ଚାପରେ ରହିବା ସହ ଅବସାଦଗ୍ରସ୍ତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି । ମାନସିକ ଚାପକୁ ଭଲ ଅତର ଓ ମହମବତିର ବାସ୍ନା ଅନେକାଂଶରେ କମ୍ କରେ । ମାନସିକ ଚାମଗ୍ରସ୍ତ ରୋଗୀଙ୍କୁ ବିଶେଷଜ୍ଞ ଦଳ ଅନ୍-ଲାଇନ୍ ସାକ୍ଷାତ୍‌କାର୍‌ରେ ସମାନ ପରାମର୍ଶ ଦେଇଥିଲେ । ଏହାକୁ ଆଧାର କରି ବ୍ରିଟେନ୍, ଆମେରିକାର ଅନ୍-ଲାଇନ୍ ଷ୍ଟୋର୍‌ରେ ସେଣ୍ଟେଡ୍ କ୍ୟାଣ୍ଡେଲ୍ ପୂର୍ବ ତୁଳନାରେ ୪୫% ଅଧିକ ବିକ୍ରି ହେଉଥିବାର ପ୍ରକାଶ । ୫୦୦ ଟଙ୍କାରୁ ଆରମ୍ଭ ହୋଇ ୩୯ ହଜାର ଟଙ୍କା ମୂଲ୍ୟର ସୁଗନ୍ଧିତ ମହମବତି ଥିବାବେଳେ ବଡ଼ଦିନ ଓ ନୂଆ ବର୍ଷ ଅବସରରେ ଘରେ ରହି ଏସବୁ କ୍ୟାଣ୍ଡେଲ୍ ଲଗାଇ ମନୋରଞ୍ଜନ କରିବେ ବୋଲି ସେମାନେ ମତ ଦେଇଛନ୍ତି ।




# ମୋବାଇଲ ସୌରଶକ୍ତିରେ ଚାର୍ଜହେବ

ବର୍ତ୍ତମାନ ସମୟରେ ଫୋନ ସମସ୍ତଙ୍କ ପାଇଁ ଜରୁରୀ ଓ ଅତ୍ୟାବଶ୍ୟକ ବସ୍ତୁରେ ପରିଣତ ହୋଇଛି । ଏହା ବିନା ଘଣ୍ଟାଏ ବି ଚଳିହେବ ନାହିଁ । ତେବେ ଅନେକ ସମୟରେ ମୋବାଇଲ ଚାର୍ଜ କରିବାକୁ ନେଇ ସମସ୍ୟା ସୃଷ୍ଟି ହୋଇଥାଏ । ଚାର୍ଜ ସରିଯିବା ପରେ ମୋବାଇଲ କାମ କରେ ନାହିଁ ଏବଂ ସମ୍ପର୍କ ବିଚ୍ଛିନ୍ନ ହୁଏ । ଏଣ୍ଡଏଡ ଓ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ପାଇଁ ଏହା ଏକ ନିୟମିତ ସମସ୍ୟା, କାରଣ ଏହି ଫୋନଗୁଡ଼ିକରେ ବ୍ୟଟେରି ଖୁବଶୀଘ୍ର ଡିସଚାର୍ଜ ହୁଏ । ସେଥିପାଇଁ ତାକୁ ବାରମ୍ବାର ଚାର୍ଜ କରିବାକୁ ପଡ଼େ । ତେବେ ଖୁବଶୀଘ୍ର ଏହି ସମସ୍ୟାର ସମାଧାନହେବ ବୋଲି ଆଶ୍ୱାସନା ଦେଇଛନ୍ତି ନଟିଂହାମ ଟ୍ରସେଣ୍ଟ ବିଶ୍ୱବିଦ୍ୟାଳୟର କିଛି ଗବେଷକ । ଇଣ୍ଟରନେଟରୁ ପ୍ରାପ୍ତ ସୂଚନା ଅନୁସାରେ ଗବେଷକମାନେ ଏହାର ସମାଧାନ ପନ୍ଥା ବାହାର କରିସାରିଲେଣି । ଅଳ୍ପଦିନ ମଧ୍ୟରେ ଏମିତି ଏକ ଚାର୍ଜର ବଜାରକୁ ଆସିବ ଯାହା ସୌରଶକ୍ତିରେ ମୋବାଇଲ ବ୍ୟାଟେରିକୁ ଚାର୍ଜ କରିବ । ଉକ୍ତ ଗବେଷକଙ୍କ କହିବା ଅନୁସାରେ ଉକ୍ତ ଚାର୍ଜରେ ଆକାର ଖୁବ ଛୋଟ ହେବ, ଯାହାସାର୍ଟ ବା ପ୍ୟାଣ୍ଟ ପକେଟରେ ରହିପାରିବ । ଏଥିରେ ‘ଏହାର ସୋଲାର ପ୍ୟାନେଲ’ର ମଧ୍ୟ ଆକାର କ୍ଷୁଦ୍ର ହେବ । ଏହା ଯେଉଁ ପକେଟରେ ରହିବ ସେଇ ପକେଟରେ ମୋବାଇଲ ଫୋନ ରଖିବା ମାତ୍ରେ ତା’ର ବ୍ୟାଟେରି ଆପେଆପେ ଚାର୍ଜ ହେବା ଆରମ୍ଭ କରିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିର୍ଣ୍ଣାୟକ ଲଢ଼େଇ...

କରୋନା ମହାମାରୀର ଦ୍ୱିତୀୟ ଲହର ଶୀତଦିନେ ବ୍ୟାପକ ଆକାର ଧାରଣ କରିବା ଆଶଙ୍କା ମଧ୍ୟରେ ଏବେ ପ୍ରତିଷେଧକ ଟିକା ବିକାଶ ଉପରେ ସମଗ୍ର ବିଶ୍ୱ ଧ୍ୟାନକେନ୍ଦ୍ରିତ କରିଛି । ଯେହେତୁ ଭାରତ ହିଁ ବିଶ୍ୱର ସର୍ବବୃହତ୍ ଟିକା ଉତ୍ପାଦନ ଓ ଯୋଗାଣକାରୀ ରାଷ୍ଟ୍ର, ସେହି ଦୃଷ୍ଟିରୁ ଭାରତ ଉପରେ ମଧ୍ୟ ଅଧିକାଂଶ ରାଷ୍ଟ୍ର ନର୍ଭରଶୀଳ । କିନ୍ତୁ ଏଯାବତ୍ ପ୍ରତିଷେଧକ ଟିକା ଉତ୍ପାଦନରେ ଆହୋରାତ୍ର ସମୟ, ସାଧନ ଓ ଶ୍ରମ ବିନିଯୋଗ କରିଥିବା ବୈଜ୍ଞାନିକ ଓ ଗବେଷଣା ଅନୁଷ୍ଠାନମାନେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇନାହାଁନ୍ତି । ତେବେ ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ ଥିବା ବିବିଧ କମ୍ପାନୀମାନଙ୍କ ଟିକାର ଭିନ୍ନ ଭିନ୍ନ ମାତ୍ରାର ପ୍ରୟୋଗାତ୍ମକ ସଫଳତା ଏବେ ଶୁଣିବାକୁ ମିଳୁଛି । ଅକ୍ସଫୋର୍ଡ ୟୁନିଭରସିଟି ଏବଂ ଆଷ୍ଟ୍ରା-ଜେନେକା ପକ୍ଷରୁ ବିକାଶ ଘଟାଯାଇଥିବା ଟିକାର ୭୦% ସଫଳତା ମିଳିଥିବା କୁହାଯାଉଛି । ଏହା ଦୁଇ ଡୋଜ୍‌ବିଶିଷ୍ଟ । ଯଦି ସିଙ୍ଗଲ ଡୋଜ୍‌ରେ ଏହାର ପ୍ରୟୋଗ କରାଯାଏ, ତେବେ ସେଥିରୁ ୯୦% ସଫଳତା ମିଳିବ ବୋଲି ମାନବୀୟ ପରୀକ୍ଷଣରୁ ଜଣାପଡ଼ିଛି । ସେହିଭଳି ଫାଇଜର ଏବଂ ମଡେର୍ଣ୍ଣା କମ୍ପାନୀଙ୍କ ଟିକା ପ୍ରାରମ୍ଭିକ ପର୍ଯ୍ୟାୟରେ ୯୫% ସଫଳତା ହାସଲ କରିଥିବା ସଂପୃକ୍ତ କମ୍ପାନୀମାନେ ଦାବି କରନ୍ତି । ପ୍ରତିଷେଧକ ଟିକା ବିକାଶ ଲାଗି ଯେତେ ସମୟ ଲାଗୁ ପଛେ, ବିକଶିତ ହେବାମାତ୍ରେ ସେସବୁ ଭାରତରେ ହିଁ ବିପୁଳ ମାତ୍ରାରେ ଉତ୍ପାଦିତ ହେବ । କାରଣ ବହୁଳ ଉତ୍ପାଦନ ପାଇଁ ଅନ୍ୟ କୌଣସି ରାଷ୍ଟ୍ରରେ ସେପରି ସାଧନ ନାହିଁ । ଏବଂ ଯେହେତୁ ଟିକା ଉତ୍ପାଦନ ଏବେ ଆଗୁଆ ପର୍ଯ୍ୟାୟରେ ପହଞ୍ଚିଛି, ଏ ସଂପର୍କିତ ସମସ୍ତ ବିଷୟରେ ଆଲୋଚନା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୨୮ ତାରିଖ ଦିନ ପୁନେସ୍ଥିତ ସେରମ୍ ଇନଷ୍ଟିଚ୍ୟୁଟ ଗସ୍ତରେ ଯିବାର ସୂଚନା ମିଳେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କରୋନା ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ଏହା ଉପରେ କେବଳ ତୀକ୍ଷ୍ଣ ନଜର ରଖିନାହାଁନ୍ତି, ଅପରନ୍ତୁ ସଦାବେଳେ ଦେଶବାସୀଙ୍କ ସହ ଭାବ ବିନିମୟ କରି ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଆସିଛନ୍ତି । ପୁଣି ପ୍ରତିଷେଧକ ଟିକା ଉଦ୍ଭାବନ ହେବମାତ୍ରେ ଏହାର ଆହରଣ, ଭଣ୍ଡାରକରଣ ଓ ବିତରଣ ମାଧ୍ୟମରେ କିଭଳି ଭାବେ ଦେଶବାସୀଙ୍କ ନିକଟରେ ତାହା ପହଞ୍ଚାଯିବ, ତାହାର କାର୍ଯ୍ୟଯୋଜନା ମଧ୍ୟ ପ୍ରସ୍ତୁତ କରୁଛନ୍ତି । ତେଣୁ ଏହିସବୁ କାର୍ଯ୍ୟ ଦୃଷ୍ଟିରୁ ତାଙ୍କର ପୁନେ ଗସ୍ତ ବିଶେଷ ମହତ୍ତ୍ୱ ବହନ କରେ । ପ୍ରଧାନମନ୍ତ୍ରୀ ସେରମ ଇନଷ୍ଟିଚ୍ୟୁଟର ଟିକା ବିକାଶ କାର୍ଯ୍ୟ ପ୍ରଗତି ସହ ଭାରତ ପ୍ରଥମ ପର୍ଯ୍ୟାୟରେ ଉତ୍ପାଦିତ ଟିକାରୁ ଯେଉଁଳି ପର୍ଯ୍ୟାପ୍ତ ପାଇପାରିବ ସେ ସଂପର୍କରେ ମଧ୍ୟ ବିଚାର ବିମର୍ଶ କରିବା ବିଶ୍ୱାସ କରାଯାଏ । ଯେହେତୁ କରୋନା ଏକ ବୈଶ୍ୱିକ ମହାମାରୀ ପ୍ରତିଷେଧକ ଟିକା ପାଇବାକୁ ସବୁ ରାଷ୍ଟ୍ର ସମାନ ଭାବେ ଆଗ୍ରହ ପ୍ରକଟ କରିବେ । ଏହି ପରିପ୍ରେକ୍ଷୀରେ ଡିସେମ୍ବର ୪ ତାରିଖ ଦିନ ଶହେଟି ରାଷ୍ଟ୍ରର ରାଷ୍ଟ୍ରଦୂତ ଓ ପ୍ରତିନିଧି ପୁନେର ଏସଆଇଆର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଏହା ସୂଚିତ କରେ ଯେ, ଟିକା ବିକାଶ ଏବେ ଚୀଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ତେଣୁ ସମସ୍ତଙ୍କ ଧାଉଡ଼ି ଏବେ ପୁନା ଆଡ଼କୁ । ଜନସଂଖ୍ୟା ଦୃଷ୍ଟିରୁ ଭାରତ ଭଳି ଏକ ବିଶାଳ ରାଷ୍ଟ୍ରପାଇଁ ପ୍ରତିଷେଧକ ଟିକା ମାତ୍ରା ଦୃଷ୍ଟିରୁ ଯେତିକି ଜରୁରି, ମୂଲ୍ୟ ଦୃଷ୍ଟିରୁ ମଧ୍ୟ ସେତିକି ଅର୍ଥ ଆବଶ୍ୟକ । ଏଯାବତ୍ ଦୁଇଟି କଥା ସ୍ୱଷ୍ଟ ଜଣାପଡ଼ିନାହିଁ । ତାହା ହେଲା ପ୍ରତିଷେଧକ ଟିକା କେବେ ବାହାର ବଜାରରେ ଉପଲବ୍ଧ ହେବ ଏବଂ ତା'ର ଡୋଜ୍ ପିଛା ମୂଲ୍ୟ କେତେ ରହିବ । କିଛିଦିନ ପୂର୍ବେ ସେରମ୍ ଇନଷ୍ଟିଚ୍ୟୁଟର ସିଇଓ ଅଦର ପୁନାୱାଲା ସୂଚନା ଦେଇଥିଲେ ଯେ ଭାରତର ପ୍ରତ୍ୟେକ ନାଗରିକଙ୍କୁ କରୋନା ପ୍ରତିଷେଧକ ଟିକା ଦେବାକୁ ହେଲେ ଅନ୍ୟୁନ ୮୦,୦୦୦ କୋଟି ଟଙ୍କା ଆବଶ୍ୟକ । ଏହା ଜନସାଧାରଣ ହୁଅନ୍ତୁ ଅବା ସରକାର, ଉଭୟଙ୍କ ଉପରେ ଏକ ବିରାଟ ବୋଝ ଅବଶ୍ୟ । ତେବେ କେବଳ ଭାରତ ନୁହେଁ, ପ୍ରତ୍ୟେକ ରାଷ୍ଟ୍ର ବର୍ତ୍ତମାନ କରୋନା କବଳରୁ ମୁକ୍ତି ପାଇବାଲାଗି ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛନ୍ତି । ସରକାର ମଧ୍ୟ ସେହି ମର୍ମରେ ତାଙ୍କର ଯୋଜନା ପ୍ରସ୍ତୁତ ରଖିବା ଆବଶ୍ୟକ । ଏହା ସତ୍ତ୍ୱେ, ପ୍ରତିଷେଧକ ଟିକା ଚଳିତ ବର୍ଷ ଶେଷ ସୁଦ୍ଧା ଉପଲବ୍ଧ ହେବା ପରି ମନେ ହୁଏନାହିଁ । ଆସନ୍ତା ବର୍ଷ ପ୍ରାରମ୍ଭରେ ତାହା ମିଳିବାର ଯାହା ଆଶା କରାଯାଉଛି ତାହା ଉପରେ ସଭିଏଁ ବିଶ୍ୱାସୀ । ସେ ପର୍ଯ୍ୟନ୍ତ ଶୀତଦିନେ କରୋନାର ଦ୍ୱିତୀୟ ଲହର ଅଧିକ ଲୋକଙ୍କୁ ଆକ୍ରାନ୍ତ କରିପାରେ ଅବା ଜୀବନ ନାଶ ଘଟାଇପାରେ । ଏହାକୁ ଏଡ଼ାଇବା ସକାଶେ କେବଳ ସତର୍କତା ହିଁ ଏକମାତ୍ର ସାଧନ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶବାସୀଙ୍କୁ ତାହା ବାରମ୍ବାର ଦୋହରାଉଛନ୍ତି । ମାସ୍କପିନ୍ଧା, ହାତଧୁଆ, ସାମାଜିକ ଦୂରତା ରକ୍ଷା ଓ ଯଥାସମ୍ଭବ ଘରେ ଆବଦ୍ଧ ହୋଇ ରହିବା ହିଁ ନିରାପତ୍ତାର ସର୍ବଶ୍ରେଷ୍ଠ ଉପାୟ । ବିଜ୍ଞାନ ମଧ୍ୟ କରୋନା ସହ ସଂଘର୍ଷ ପାଇଁ ସମୟ ଲୋଡୁଛି । ଏବେ ଆମେ ନିର୍ଣ୍ଣାୟକ ଯୁଦ୍ଧରେ ଉପନୀତ । ସେହି ଯୁଦ୍ଧରେ ବିଜୟଲାଭ ସକାଶେ ଯେଉଁ ଧୈର୍ଯ୍ୟ, ସାହସିକତା ଓ ସତର୍କତା ଲୋଡ଼ା ତାହା ଆମକୁ ପ୍ରଦର୍ଶନ କରିବାକୁ ହେବ ।

# ଫଂଚୁକ ମାହାତ୍ମ୍ୟ

**ବିପିନ ବିହାରୀ ମହାନ୍ତି**



ବାରମାସ ମଧ୍ୟରେ କାର୍ତ୍ତିକ ଶ୍ରେଷ୍ଠ । ସ୍କନ୍ଦପୁରାଣ' ମତେ, 'ନ କାର୍ତ୍ତିକ ସମୋ ମାସୋ, ନକୃତେନ ସମଂଯୁଗମ୍, । ନବେଦ ସଦୃଶଂ ଶାସ୍ତ୍ରଂ, ନତୀର୍ଥ ଗଙ୍ଗେୟୋସମଂ ।' କାର୍ତ୍ତିକଂ ଖଲୁ ବୈ ମାସଂ, ସର୍ଥମାସେ ସୁଗେଲସମ । ପୁଣ୍ୟଂ ନାଂପରମ ପୁଣ୍ୟଂ, ପାବନାନାଚଂ ପାବନମ ।" ଅର୍ଥାତ୍ କାର୍ତ୍ତିକ ମାସପରି ମାସନାହିଁ, ସତ୍ୟ ଯୁଗପରି ଯୁଗ ନାହିଁ, ବେଦସମ ଶାସ୍ତ୍ର ନାହିଁ । ଗଙ୍ଗା ସଦୃଶ ତୀର୍ଥ ନାହିଁ । କାର୍ତ୍ତିକ ମାସଟି ଏକ ପବିତ୍ର ମାସ । ଧର୍ମାର୍ଥେ ଏହି ମାସଟି କାର୍ତ୍ତିକ ବ୍ରତ ଏବଂ ଶାକାହାର ଭୋଜନ କରାଯାଏ । ଏହାକୁ ବ୍ରତାଚାରୀମାନଙ୍କ ପାଇଁ ହବିଷାନ୍ନ କୁହାଯାଏ।

କାର୍ତ୍ତିକ ବ୍ରତ ଉଭୟ ପୁରୁଷ ଓ ସ୍ତ୍ରୀ କରିପାରିବେ । ତେବେ ସଚରାଚରେ ଯାହା ଦେଖାଯାଇଛି, ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀମାନେ ବିଶେଷକରି ବିଧବାମାନେ ବେଶୀ କରିଥାନ୍ତି । ବ୍ରତାଚାରୀମାନେ ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ ବ୍ରତାନୁକୁଳ କରିଥିଲେହେଁ, ସଂପୂର୍ଣ୍ଣ କାର୍ତ୍ତିକ ମାସଟି ବ୍ରତାଚରଣ କରିଥାଆନ୍ତି; ଯେଉଁମାନେ ପୁରା ମାସଟି କରି ନ ପାରନ୍ତି, କାର୍ତ୍ତିକ ମାସର ଶେଷ ପାଂଚଦିନ ଏହି ବ୍ରତ ପାଳନକଲେ ଉକ୍ତ ମାସର ଧର୍ମଫଳ ପ୍ରାପ୍ତିହୁଅନ୍ତି ବୋଲି ବିଶ୍ୱାସକରାଯାଏ। ଏହି ଶେଷ ପାଂଚଦିନକୁ କୁହନ୍ତି 'ଫଂଚୁକ' ।



ପଞ୍ଚୁକକୁ ଭିନ୍ନନାମେ ନାମିତ କରାଯାଇଛି । ଯଥା:ବିଷ୍ଣୁ ଫଂଚୁକ, ଭୀଷ୍ମ ପଞ୍ଚୁକ ଏବଂ ବକ ପଞ୍ଚୁକ । ଆମେ ଜାଣିଛେ ମହାଭାରତର ଭୀଷ୍ମ ପିତାମହ ଇଚ୍ଛାମୃତ୍ୟୁ ବର ପାଇଥିଲେ । ସେଥିପାଇଁ ଶରଶଯ୍ୟା ବେଳେ ସେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତିକୁ ଅପେକ୍ଷା କରିଥିଲେ । କାରଣ ଏହି ସମୟରେ ଯା'ର ମୃତ୍ୟୁହୁଏ, ତାର ମୋକ୍ଷ ପ୍ରାପ୍ତି ହୁଏ । ଏହି କାରଣରୁ ଭୀଷ୍ମଙ୍କର ଇଚ୍ଛା ମୃତ୍ୟୁ ଥିଲେ ହେଁ ସେ ପଞ୍ଚୁକ ପୂର୍ବରୁ ମୃତ୍ୟୁର ବେଳାକୁ ଆହ୍ୱାନ ନକରି କାର୍ତ୍ତିକ ପଞ୍ଚୁକଯାଏଁ ଅପେକ୍ଷା କରିଥିଲେ । ପୁନଶ୍ଚ ମହାଭାରତ ଯୁଦ୍ଧରେ ଅନ୍ୟାୟ ପକ୍ଷରେ ଲଢ଼ି ନିରୀହ ଲୋକଙ୍କୁ ବଧ କରିଥିବାରୁ କିଛି ପାପ ଅର୍ଜନ କରିଥିଲେ । ମୋକ୍ଷ ପ୍ରାପ୍ତିପୂର୍ବରୁ ଏ ପାପ ଶରଶଯ୍ୟାରେ କଟି ଯାଉବୋଲି ଏକଥା ତାଙ୍କୁ କୃଷ୍ଣ ବା ବିଷ୍ଣୁ ସୂଚାଇ ଦେଇଥିଲେ । ଏହି କାରଣରୁ ଏହାକୁ 'ଭୀଷ୍ମ ପଞ୍ଚୁକ' ବା 'ବିଷ୍ଣୁ ପଞ୍ଚୁକ' ମଧ୍ୟ କୁହାଯାଏ।

ଏହାକୁ 'ବକ ପଞ୍ଚୁକ' କହିବାର କାରଣ ଏହି ଯେ, ଧର୍ମପାଇଁ ବକ ମଧ୍ୟ ଏ ପାଂଚଦିନ ଆମିଷ ଖାଏ ନାହିଁ । ଅର୍ଥାତ୍ କି ମଣିଷ, କି ଇତରପ୍ରାଣୀ, ଏ କାର୍ତ୍ତିକ ବ୍ରତ, କିଛି ନହେଲେ ଶେଷ ପାଂଚଦିନ ପାଳନ କରିଥାନ୍ତି । ଏହାହିଁ କାର୍ତ୍ତିକ ମାସର ପଞ୍ଚୁକ ମାହାତ୍ମ୍ୟ । ପଞ୍ଚୁକ ପାଳନ ଦ୍ୱାରା ପାପନାଶ ଓ ମୋକ୍ଷ ପ୍ରାପ୍ତି ଘଟେ ଯାହାକି, ପ୍ରତିଟି ଜୀବନର ଚରମ ଲକ୍ଷ୍ୟ ।

ପଞ୍ଚୁକ ପାଞ୍ଚଦିନ ଶ୍ରୀମନ୍ଦିରରେ ଶ୍ରୀ ଜଗନ୍ନାଥ ଓ ତାଙ୍କ ଭାଇ ଭଉଣୀଙ୍କର ପାଞ୍ଚପ୍ରକାର ବେଶହୁଏ । ପଞ୍ଚୁକ ଶୁକ୍ଳ ଏକାଦଶୀ (ବଡ଼ ଏକାଦଶୀ)ରେ ଲକ୍ଷ୍ମୀ ନାରାୟଣବେଶ, ଦ୍ୱାଦଶୀରେ ବାଙ୍କଚୂଡ଼ା ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ; ଚତୁର୍ଦ୍ଦଶୀରେ ଲକ୍ଷ୍ମୀ ନୃସିଂହ ବେଶ ଏବଂ ପୂର୍ଣ୍ଣିମାଦିନ ରାଜ ରାଜେଶ୍ୱର ବା ସୁନାବେଶ ଲାଗିହୁଏ । ଯେଉଁ ବର୍ଷ ଫଂଚୁକ ଛଦିନ ପଡ଼େ, ସେବର୍ଷ ଷଷ୍ଠ ଦିବସଟିରେ ଜୀଉମାନଙ୍କର ନାଗାର୍ଜୁନ ବେଶ ହୁଏ ।

ପଞ୍ଚୁକ ଶେଷଦିନହିଁ କାର୍ତ୍ତିକ ପୂର୍ଣ୍ଣିମା । ଏହା କାର୍ତ୍ତିକ ବ୍ରତର ଉଦ୍‌ଯାପନ ଦିବସ । ସେଦିନ ଆବାଲ୍ୟ ବୃଦ୍ଧ ବନିତା ପ୍ରାତଃ ସ୍ନାନସାରି ଡ଼ଙ୍ଗା ଭସାଇବାକୁ ନଦୀ କୂଳକୁ ଯାଆନ୍ତି । କଦଳୀ ପଟୁକା ବା ସୋଲରେ ପ୍ରସ୍ତୁତ ଡ଼ଙ୍ଗାରେ ଦୀପଦାନ ଦେଇ ଡ଼ଙ୍ଗା ଭସାଇଦିଅନ୍ତି:ଆକାମାଭୈ ପାନଗୁଆ ଥୋଇ । ପାନଗୁଆଯାକ ତୋର, ମାସକ ଧରମ ମୋର, ଏମିତି ବାଣୀରେ । ଏହି ପଦ୍ୟଗୁଡ଼ିକ ଉଭୟ ପ୍ରାଚୀନ ବୋଉତ ବନ୍ଦାଣର ସ୍ମୃତି ଓ ମାସକଯାକ ଚାଲୁରଖିଥିବା 'ରାଇଦାମୋଦର ବ୍ରତ'ର ଉଦ୍‌ଯାପନକୁ ବୁଝାଏ । ଏଇଠି ସରେ ଧର୍ମାର୍ଥେ ଆକାଶ ଦୀପ ଓ ତୁଳସୀ ପୂଜାର କାହାଣୀ ।

ଫଂଚୁକରେ ପଡ଼େ ବଡ଼ଓଷା । ପଞ୍ଚୁକର ପାଞ୍ଚଦିନର ସକାଳ ଶୁଭ ଓ ପବିତ୍ର ବେଳାରେ ଆସେ ବୋଲି, ଏହି ଓଷାକୁ ଶ୍ରେଷ୍ଠ ବା ବଡ଼ଓଷା କୁହନ୍ତି । ଅନେକ ଦେବାଳୟ ସ୍ଥାନରେ ବଡ଼ଓଷା ଯାତ୍ରା ମହାସମାଗମରେ ପାଳିତ ହୁଏ । କାର୍ତ୍ତିକବ୍ରତ ମୁଖ୍ୟତଃ ବିଷ୍ଣୁ ଉପାସନାକାରଣରୁ ଏବଂ ତୁଳସୀ ତାଙ୍କ ଅତିପ୍ରିୟ ହେତୁ, ତୁଳସୀ ମୂଳେ ଚଉରାରେ ରଙ୍ଗବେରଙ୍ଗର ମୁରୁଜ ପକାଇ ଚିତ୍ରିତ କରାଯାଏ । ଏହି ଚିତ୍ର ମଧ୍ୟରେ ଥାଏ ଜୀଉମାନଙ୍କର ଚିତ୍ର, ଫୁଲ ଓ ଶଙ୍ଖର ଚିତ୍ର । ତୁଳସୀ ଚଉରାମୂଳେ ବୃନ୍ଦାବତୀଙ୍କ ପୂଜାହୁଏ । ଉଦ୍ଦେଶ୍ୟ ହେଲା ବୃନ୍ଦାବତୀଙ୍କ ମାଧ୍ୟମରେ ବିଷ୍ଣୁପ୍ରାପ୍ତି ।


+ ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ

ବିକାଶ ନଗର, ଜଟଣୀ,

ଖୋର୍ଦ୍ଧା, ମୋ., ୯୯୩୮୩୪୧୩୮


# ଟ୍ରମ୍ପଙ୍କ ପରାଜୟ ପରେ

**ସୌମେନ୍ଦ୍ର ଜେନା**

କଥାରେ ଅଛି ଦୌଡରେ କଙ୍କଛ ମଧ୍ୟ ଠେକୁଆକୁ ପରାସ୍ତ କରିଦେଇପାରେ । ସେମିତି ଲଢେଇରେ ଗଧ ମଧ୍ୟ ହାତୀକୁ ପରାସ୍ତ କରିବା କିଛି ଅସମ୍ଭବ ନୁହେଁ । ଏହି ଗଧ-ହାତୀ ପ୍ରସଙ୍ଗ ଯୁକ୍ତରାଷ୍ଟ୍ର ଆମେରିକାର ତଳିତ ବର୍ଷର ରାଷ୍ଟ୍ରପତି ନିର୍ବାଚନକୁ ନେଇ କୁହାଯାଉଛି । ଏହି ନିର୍ବାଚନରେ ଗଧ ଚିହ୍ନରେ ଲଢୁଥିବା ଜୋ ବାଇଡେନ ହାତୀ ଚିହ୍ନରେ ଲଢୁଥିବା ପ୍ରାର୍ଥୀ ଡୋନାଲଡ୍ ଟ୍ରମ୍ପଙ୍କୁ ଚିତ୍ କରିଦେଇଛନ୍ତି । ନଭେମ୍ବର ମାସ ୩ ତାରିଖରେ ଅନୁଷ୍ଠିତ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟ ଦଳର ପ୍ରାର୍ଥୀ ଜୋ ବାଇଡେନ ରିପବ୍ଲିକାନର ପ୍ରାର୍ଥୀ ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କୁ ପରାଜିତ କରି ବିଜୟୀ ହୋଇଛନ୍ତି । ଏହି ନିର୍ବାଚନକୁ ଜିତିଯିବେ ବୋଲି ଟ୍ରମ୍ପ ଯାହା ଆଶା ରଖିଥିଲେ ତାହା ଫଳବତୀ ହୋଇପାରିନାହିଁ । ଟ୍ରମ୍ପଙ୍କ ଅସ୍ଥିର ବକ୍ତବ୍ୟ, ବାରମ୍ବାର ଆଭିମୁଖ୍ୟରେ ପରିବର୍ତ୍ତନ, ନୀତିରେ ପରିବର୍ତ୍ତନ ଯୋଗୁ ଅଧିକ ଶତ୍ରୁତା ସୃଷ୍ଟି, ଆଗତ ବିଦେଶୀଙ୍କୁ ଭିସା ପ୍ରଦାନରେ କଟକଣା, ଇସଲାମିକ ସନ୍ତ୍ରାସବାଦ ପ୍ରତି କଠୋର ମନୋଭାବ, କମ୍ୟୁନିଷ୍ଟ ଚୀନ ସହ ବାଣିଜ୍ୟିକ ସଂଘର୍ଷ, ଉତ୍ତର କୋରିଆ ସହ ସଂଘର୍ଷାଭିମୁଖୀ ପଦକ୍ଷେପ, ରୁଷିଆ ଓ ଇରାନ ବିରୋଧୀ ଆର୍ଥିକ କଟକଣା, ଆଫଗାନିସ୍ଥାନ ଶାନ୍ତି ପାଇଁ ସନ୍ତ୍ରାସବାଦୀ ଗୋଷ୍ଠୀ ତାଲିବାନ ସହ ବୁଝାମଣା, ସିରିଆରେ ବିଦ୍ରୋହୀଙ୍କୁ ସମର୍ଥନ, ପଡୋଶୀ ରାଷ୍ଟ୍ର ମେକସିକୋ ସୀମାରେ ପ୍ରାଚୀର ନିର୍ମାଣ ଅନେକ ପରିବାରକୁ ବିଚ୍ଛିନ୍ନ କରିବା ଭଳି ନିଷ୍ପତ୍ତି ଆଦି ଜନଅସନ୍ତୋଷ ସୃଷ୍ଟି କରିଥିଲା । କୋରୋନାକୁ ନେଇ ପ୍ରଥମାବସ୍ଥାରେ ଟ୍ରମ୍ପଙ୍କ କୋହଳ ମନୋଭାବ ଯୋଗୁ ଆମେରିକାରେ ସର୍ବାଧିକ ଲୋକ ରୋଗଗ୍ରସ୍ତ ହେବା ଏବଂ ସର୍ବାଧିକ ମୃତ୍ୟୁ ଆମେରିକାରେ ହେବା ଯୋଗୁ ଭୋଟରମାନେ ଟ୍ରମ୍ପଙ୍କ ପ୍ରତି ବିମୁଖ ହୋଇ ଉଠିଲେ । ଏହି ସମୟରେ ବର୍ଣ୍ଣବିଦ୍ୱେଷୀ ଦଙ୍ଗା ଓ ପ୍ରତିମୂର୍ତ୍ତି ଭଙ୍ଗାପରି ଅଭିଯାନ ପଛରେ ସାମ୍ୟବାଦୀ ଏବଂ ଇସଲାମିକ ରାଷ୍ଟ୍ରଗୁଡିକର ସକ୍ରୀୟ ଭୂମିକା ରହିଲା, ଯେଉଁଥିପାଇଁ ଆମେରିକା ମଧ୍ୟରେ ବସବାସ କରୁଥିବା ଏହିସବୁ ରାଷ୍ଟ୍ରଗୁଡିକର ବଂଶୋଦ୍‌ଭବମାନଙ୍କ ମଧ୍ୟରେ ଟ୍ରମ୍ପ ବିରୋଧୀ ମନୋଭାବ ସୃଷ୍ଟି ହେଲା । ଏପରିକି ନିର୍ବାଚନ ପ୍ରଚାର ବେଳେ ଚୀନ ପରି ରାଷ୍ଟ୍ର ଖୋଲାଖୋଲି ବାଇଡେନଙ୍କୁ ସମର୍ଥନ ଜଣାଇବା ଦ୍ୱାରା ଚୀନା ଲୋକଙ୍କୁ ଟ୍ରମ୍ପଙ୍କ ବିରୋଧରେ କାର୍ଯ୍ୟ କରିବା ଲାଗି ପ୍ରୋତ୍ସାହନ ମିଳିଲା ।

ଚୀନର ଅର୍ଥନୀତି ପ୍ରତି ଟ୍ରମ୍ପଙ୍କ କଡା ଆଭିମୁଖ୍ୟ ଯୋଗୁ କରୋନା ଷଡଯନ୍ତ୍ର ମାଧ୍ୟମରେ ନିର୍ବାଚନକୁ ପ୍ରଭାବିତ କରିବାଲାଗି ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ ଯୋଜନା କରିଥିଲେ ବୋଲି କେତେକ ମତବ୍ୟକ୍ତ କରନ୍ତି । ତେବେ ଏକଥା ସତ ଯେ ଏସିଆର ଅନେକ ଦେଶପ୍ରତି ଟ୍ରମ୍ପ କଠୋର ଥିଲେ । ଯେଉଁ କାରଣରୁ ନେପାଳ ପରି ଛୋଟ ଦେଶ ମଧ୍ୟ ଆମେରିକାର ସହାୟତା ଗ୍ରହଣ ନକରିବା ପାଇଁ ପଦକ୍ଷେପ ନେଇଥିଲା ।

ଆରବଜଗତରେ ଅନେକ ଦେଶ ଟ୍ରମ୍ପଙ୍କ ନୀତିକୁ ବିରୋଧ କରୁଥିଲେ । ଏପରିକି ଆମେରିକା ଯୁଦ୍ଧାସ୍ତ୍ରର ସବୁଠୁ ବଡ କ୍ରେତା ସାଉଦି ଆରବକୁ ଟ୍ରମ୍ପ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲା ପରେ ପ୍ରଥମେ ଗସ୍ତ କରି ତାଙ୍କ ନୀତିରେ ଆରବ ପ୍ରଥମ ବୋଲି ଦେଖାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସାମ୍ବାଦିକ ଖାସୋଗୀଙ୍କ ହତ୍ୟାକୁ ନେଇ ସାଉଦି ରାଜପରିବାର ବିରୋଧରେ ଯେପରି ଲେଖାମାନ ଆମେରିକାର ସମ୍ବାଦପତ୍ରଗୁଡିକରେ ପ୍ରକାଶ ପାଇଥିଲା ତାକୁ କେନ୍ଦ୍ର କରି ସାଉଦି ଶାସକ ସନ୍ତୁଷ୍ଟ ନଥିଲେ । ଏହାଛଡା ତୈଳ ଦର ସ୍ଥିର କରିବା ନେଇ ସାଉଦି ଆରବ ସହ ଆମେରିକାର ଏକପ୍ରକାର ତିକ୍ତତା ସୃଷ୍ଟି ହୋଇଥିଲା । ତୁର୍କୀ ନାଟୋର ସଦସ୍ୟ ରାଷ୍ଟ୍ର ଥାଇ ଅନେକ ସମୟରେ ଆମେରିକା ବିରୋଧୀ କାର୍ଯ୍ୟ କରୁଥିଲା । ଟ୍ରମ୍ପଙ୍କ ଅନେକ ଚେତାବନୀ ସତ୍ତ୍ୱେ ଇଉରୋପରେ ମୁତୟନ ହୋଇଥିବା ନାଟୋ ସେନାବାହିନୀର ଖର୍ଚ୍ଚକୁ ତୁଲାଇବା ପାଇଁ ଅନେକ ରାଷ୍ଟ୍ର ଅର୍ଥ ନଦେବା ଯୋଗୁ କ୍ରୁଦ୍ଧ ଟ୍ରମ୍ପ ସେଠାରୁ ବହୁସଂଖ୍ୟକ ସେନାଙ୍କୁ ଅପସାରିତ କରି ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ପଠାଇ ଦେଇଥିଲେ । ଦେଖିବାକୁ ଗଲେ ଇସ୍ରାଏଲ, ଭାରତ, ବ୍ରିଟେନ, ଅଷ୍ଟ୍ରେଲିଆ, ଜାପାନ,ତାଇୱାନ ପରି କେତେକ ରାଷ୍ଟ୍ର ଟ୍ରମ୍ପଙ୍କୁ ସମର୍ଥନ କରିଆସୁଥିଲେ ହେଁ ସେସବୁ ଟ୍ରମ୍ପଙ୍କ ବିଜୟ ପାଇଁ ଯଥେଷ୍ଟ ନଥିଲା । ଇରାନର ସେନାପତି ସୁଲେମାନିଙ୍କ ହତ୍ୟାକୁ ଟ୍ରମ୍ପଙ୍କ ସମର୍ଥନ ଯୋଗୁ ଇରାନ ପକ୍ଷରୁ ଆମେରିକୀୟ ସେନାବାହିନୀ ଉପରେ ଇରାକରେ ଆକ୍ରମଣ ହୋଇଥିଲା । ଆମେରିକା ସେନାର ସହଯୋଗ ଉପରେ ଅଧିକ ନିର୍ଭର ନକରି ଦକ୍ଷିଣ କୋରିଆ ଏବଂ ଜାପାନ ନିଜର ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରିବାକୁ ଟ୍ରମ୍ପ କହିବା ଘଟଣାକୁ ଏହି ଦୁଇଦେଶର ସରକାର ଭଲରେ ଗ୍ରହଣ କରିପାରିନଥିଲେ । ଜଳବାୟୁ ପରିବର୍ତ୍ତନ ନେଇ ଟ୍ରମ୍ପଙ୍କ ମତକୁ ଅନେକ ରାଷ୍ଟ୍ର ସ୍ୱୀକାର କରିନଥିଲେ । ଭାରତ ଓ ଫ୍ରାନ୍ସ ଉଦ୍ୟମରେ ଜଳବାୟୁ ପରିବର୍ତ୍ତନ ନେଇ ଗଠିତ ମେଣ୍ଟରେ ଆମେରିକା ଯୋଗ ନଦେବା ଦ୍ୱାରା ବିଶ୍ୱ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଆମେରିକାର ଆଗ୍ରହ କମ୍ଥିବା ପରିଲକ୍ଷିତ ହୋଇଥିଲା । ନିଜ ଦେଶରେ ଗଣମାଧ୍ୟମକୁ କଟୁ ଭାଷାରେ ଗାଳିଦେବା ଦ୍ୱାରା ଟ୍ରମ୍ପ ସେମାନଙ୍କ ପାଇଁ ଘୃଣିତ ବ୍ୟକ୍ତିରେ ପରିଣତ ହୋଇଥିଲେ । ବିଶେଷ କରି କଠୋର ରାଜନୀତିକ ସମାଲୋଚନାକୁ ଟ୍ରମ୍ପ ସହଜରେ ଗ୍ରହଣ କରିପାରୁ ନଥିଲେ, ଯେଉଁଥି ପାଇଁ ସାମ୍ବାଦିକ ସମ୍ମିଳନୀରୁ ଉଠି ପଳାଇବା ସହ ପ୍ରଶ୍ନକର୍ତ୍ତାଙ୍କୁ ଗାଳିଦେବା ପରି ବ୍ୟବହାର ସେ ଦେଖାଉଥିଲେ, ଯାହାକୁ ଆମେରିକାର ସାଧାରଣ ଜନତା ଗ୍ରହଣ କରିପାରୁ ନଥିଲେ । ଆମେରିକା ଫାଷ୍ଟ ବୋଲି କହୁଥିବା ଟ୍ରମ୍ପ ପ୍ରତିରକ୍ଷା ସାମଗ୍ରୀ ବିକ୍ରି ପାଇଁ ଅନେକ ବନ୍ଧୁରାଷ୍ଟ୍ରଙ୍କ ଉପରେ ଅଯଥା ଚାପ ପ୍ରୟୋଗ କରି ସମାଲୋଚନାର ପାତ୍ର ହୋଇଥିଲେ, ଯାହାକି ଟ୍ରମ୍ପଙ୍କ ପରାଜୟର ରାସ୍ତାକୁ ପ୍ରଶସ୍ତ କରିଥିଲା । ହେଲେ ଟ୍ରମ୍ପ ନିଜ ପରାଜୟକୁ ସ୍ୱୀକାର ନକରି ନିର୍ବାଚନରେ ଜାଲିଆତି ହୋଇଥିବାର ଅଭିଯୋଗ କରିଛନ୍ତି । ୩ ନଭେମ୍ବରରେ ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ବ୍ୟାପକ ଅନିୟମିତତା, ମୃତ ଭୋଟରଙ୍କ ନାମରେ ମତଗଣନା, ନିର୍ବାଚନ ଏଜେଣ୍ଟମାନଙ୍କୁ ମତଦାନ କେନ୍ଦ୍ରକୁ ଯିବାପାଇଁ ଅନୁମତି ଦିଆନଯିବା, ଭୋଟିଂ ମେସିନଗୁଡିକରେ ତ୍ରୁଟି ପାଇଁ ଟ୍ରମ୍ପଙ୍କ ଭୋଟ ବାଇଡେନଙ୍କ ସପକ୍ଷରେ ଯାଇଥିବା ନେଇ ସେ ଅଭିଯୋଗ କରିବା ସହ ଗୃହ ମନ୍ତ୍ରଣାଳୟର ସାଇବର ସିକ୍ୟୁରିଟୀ ଏବଂ ଇନ୍‌ଫ୍ରାଷ୍ଟ୍ରକଚର ସିକ୍ୟୁରିଟୀର ନିର୍ଦ୍ଦେଶକ କ୍ରିଷ୍ଟୋଫର କ୍ରୀବସଙ୍କୁ ଦାୟିତ୍ୱରୁ ହଟାଇ ଦେଇଛନ୍ତି । ୧୨ ନଭେମ୍ବର ଦିନ ସାଇବର ସିକ୍ୟୁରିଟୀ ଏବଂ ଇନ୍‌ଫ୍ରାଷ୍ଟ୍ରକଚର ସିକ୍ୟୁରିଟୀ ଏଜେନ୍ସୀ ସମେତ ଗଭର୍ଣ୍ଣମେଣ୍ଟ କୋଅର୍ଡିନେଟିଂ କାଉନସିଲ (ଜିସିବି)ର ସଦସ୍ୟମାନେ ମିଳିତ ଭାବେ ଏକ ବୟାନ ଜାରି କରିଥିଲେ,ଯେଉଁଥିରେ ଗତ ନିର୍ବାଚନକୁ ଆମେରିକା ଇତିହାସର ସବୁଠୁ ଅଧିକ ସୁରକ୍ଷିତ ନିର୍ବାଚନ ଭାବେ ବ୍ୟକ୍ତ କରାଯାଇଥିଲା । ଟ୍ରମ୍ପଙ୍କ ପଦକ୍ଷେପକୁ ସିନେଟ ସାଇବର ସିକ୍ୟୁରିଟୀ କକ୍ସର ଉପାଧକ୍ଷ ଓ ସାଂସଦ ମାର୍କ ୱାର୍ଣ୍ଣର ଏବଂ ହାଉସ୍ ପରମାନେଣ୍ଟ ଅନ୍ ସିଲେକ୍ଟ କମିଟି ଅନ୍ ଇଣ୍ଟେଲିଜେନ୍ସର ଅଧକ୍ଷ ସାଂସଦ ଏଡମ୍ ସିଫ୍‌ଙ୍କ ସମେତ ଅନେକ ସାଂସଦ ନିନ୍ଦା କରିଛନ୍ତି । ଟ୍ରମ୍ପଙ୍କ ପ୍ରତିଦ୍ୱନ୍ଦ୍ୱୀ ଡେମୋକ୍ରାଟ ଦଳର ଜୋ ବାଇଡେନ୍ ୩୦୬ ଇଲେକ୍‌ଟୋରାଲ ଭୋଟ ପାଇ ରେକର୍ଡ କରିଛନ୍ତି । ତାଙ୍କୁ ୨୭୦ଭୋଟ ଦରକାର ଥିଲାବେଳେ ସେ ୩୬ଟି ଅଧିକ ଭୋଟ୍ ପାଇଥିଲେ ଏବଂ ଟ୍ରମ୍ପଙ୍କୁ ୨୩୨ଟି ଭୋଟରେ ସନ୍ତୁଷ୍ଟ ରହିବାକୁ ହୋଇଥିଲା । ବାଇଡେନ୍‌ଙ୍କୁ ୭୯୬୮୫୧୩୧ ଭୋଟ ମିଳିଥିଲାବେଳେ ଟ୍ରମ୍ପଙ୍କୁ ୭୩୭୦୧୬୬୭ ଭୋଟ ମିଳିଛି । ଚଳିତ ବର୍ଷ ୧୯୬୮ପରେ ସବୁଠୁ ଅଧିକ ଭୋଟରଙ୍କୁ ସକ୍ରୀୟଥିବା ଦେଖିବାକୁ ମିଳିଥିଲା ।(କ୍ରମଶଃ)


+ ଭାରତୀୟ ସମ୍ବାଦ ସେବା (ଭାସ୍)

ଭୁବନେଶ୍ୱର-୭୫୧୦୦୩





## ସତ କଥା...

**ଶ୍ରୀମତୀ ସଞ୍ଚିତା ରଥ**

ବାସ୍ତବ ଗୋଟେଇ
ରଙ୍ଗ ରୂପ ଦେଇ
କଳ୍ପନା ରାଇଜେ
ଗଢ଼ି ଦେଇଥାଏ ଛବି
କଲମ ମୁନରେ ତା'କୁ
ଲେଖିଦିଏ କବି !

କେବେ ଲେଖିଦିଏ
ବିରହ ଯନ୍ତ୍ରଣା
ପ୍ରେମିକ ହୃଦୟ
କଥାକୁ ଭାବି
ପୁଣି କେବେ ଲେଖେ
ନିଚ୍ଛକ ସତ୍ୟଟି
ଦୈନ୍ୟ ଜୀବନର
ଘଟଣା ଦେଖି !

ସ୍ୱାଧୀନତା ପାଇଁ
ଲେଖିଥିଲା ଦିନେ
ସଂଗ୍ରାମୀ ମନରେ
ପ୍ରେରଣା ଭରି
କେତେ କାଳଜୟୀ
ରଚିଲେ କାହାଣୀ
ଲେଖକ ହାତରେ
କଲମ ଧରି !

କାହାର ଦୁଃଖକୁ
କରିଛି ଲାଘବ ପୁଣି
କାହା ମାନେ
ଦେଇଛି କଷ୍ଟ
କାହାର ଜୀବନେ
ଆଘାତ ଦେଇଛି
ଲେଖି ଦେଇଛି ସେ
ନିଚ୍ଛକ ସତ୍ୟ !

ବଡ଼ ସାନ କେବେ
ଭାବିତ ପାରେନି
ଧନୀ ଦରିଦ୍ର ବି
କେବେ ସେ ଦେଖେନି
ନିନ୍ଦା ଅପମାନେ
ନ ଥାଏ ତା' ଡର
ପୁରସ୍କାର କେବେ ଖୋଜେନି !

କବିଙ୍କ ଜୀବନ
ଯନ୍ତ୍ରଣାରେ ପୂର୍ଣ୍ଣ
ସବୁ କଥା ଦିଶୁଛି
ଦେଖି ଅଣ ଦେଖା
କରିବ ଭାବିଲେ
କଲମଟି ଲେଖି ଦେଉଛି !


+ ଖରଘାର, ନବିମୁମ୍ବଇ

ମୋ- ୯୦୦୪୮୨୯୭୧୭


## ଶୀତ ସକାଳ ଦେହକୁ ହିତ...

**ଅଶୋକ କୁମାର ପ୍ରଧାନ**

ଶୀତ ସକାଳ ଦେହକୁ ହିତ
ପିନ୍ଧିଲେ ଶୀତ ବାସ
ଆହୁରି ମଜା ଲାଗଇ ବେଶି
ସାଙ୍ଗ ମେଳରେ ହସ
ପାଳ ନିଆଁରେ ନିଆଁ ପିଇବା
ଆହାକି ମଜା ଲାଗେ
ବସିଲେ ସେଠି ସାଙ୍ଗ ମେଳରେ
ସଅଳ ଶୀତ ଭାଗେ
ଶୀତର ମଜା ବେଶୀ
ଚାଲେରେ ସାଙ୍ଗ ନଡରି ଶୀତ
ଖେଳିବା ହସିହସି ।
ସକାଳ ବୁଲା ବ୍ୟାୟାମ କରା
ଦେହକୁ ଲାଗେ ହିତ
ନେବାରେ ଆମେ ଖେଳର ମଜା
ଶୁଣିବା ନାନା ଗୀତ
ଯୋଗ ଶିକ୍ଷକ ଶିଖାଇ ଦେବେ
ନାନା ରକମ ଯୋଗ
ମନ ଦେଇକି ଯୋଗ କରିଲେ
କଟିବ ଦେହ ରୋଗ
ଅଭ୍ୟାସ ବଳେ ସେହି
ଜୀବନ ପାଇଁ ଅଟଇ ଭଲ
ବଞ୍ଚିବା କଳା ସେହି ।
ସୁନ୍ଦର ହେବ ଶରୀର ମନ
ଆଳସ୍ୟ ଯିବ ଛାଡ଼ି
ପଢ଼ିବା ପାଠ ମନ ଦେଇକି
ଆଗକୁ ଯିବା ମାଡ଼ି
ନିଇତି ଆମେ ଦେଶର କଥା
ଚିନ୍ତା କରିବା ମନେ
ଏ ମାଟି ମାଆ ଗରବ ଆମେ
ସଞ୍ଚିବା କେତେ ଜ୍ଞାନେ
ଆମେରେ ଶିଶୁ କଳି
ଭାରତୀ ମାଆ କାନନେ ଆମେ
ଫୁଟିବା ଭଳି ଭଳି ।


ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ

ରୋହିଗାଁ, ଗଞ୍ଜାମ

ମୋ: ୮୨୪୯୧୧୯୧୩୦







## ଛକି ଶୂନ...

**ପ୍ରଶାନ୍ତ କୁମାର ନାଥ**

ଛକି ଶୂନ ଖେଳ ଖେଳୁଥିଲ ତୁମେ
ମନକୁ ମୋହର ନେଇ
ଜାଣି ଜାଣି ଆଜି ହାରି ମୁଁ ଯାଇଛି
ତୁମେ ଜିତିବାର ପାଇଁ ।

ହାରିଗଲି ବୋଲି ଦୁଃଖ ମୁଁ କରୁନି
ଦେଉଛି ଆଜି ମୁଁ ହସି
ତୁମେତ ଜାଣିନା ମୋ ହାରିବା ଠାରୁ
ତୁମ ବିଜୟରେ ଖୁସି ।

ତୁମ ଓଠେ ଖୁସି ଦେଖିବା ପାଇଁକି
ବାଜି ମୁଁ ଯାଇଛି ହାରି
ତଥାପି ଜିତିଛି ଚାହିଁଥିବା ବାଜି
ତୁମ ମନେ ଖୁସି ଭରି ।


+ ସୁନ୍ଦରପୁର, ଉତ୍ତରକୂଳହାଟ୍,

ପ୍ରୀତିପୁର, ଯାଜପୁର ।

ମୋ-୦୮୮୯୨୩୦୧୧୪୩

# ନକଲି ନେତା : ନିରୀହ ଜନତା

ମାୟାଧର ନାୟକ

ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ - ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ । ସ୍ୱାଧୀନତା ପରବର୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି । ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି । ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବଭୂର୍ତି ଫୁଟିଉଠେ - ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ । ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି । ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି । ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର । ଏ ରାଜନୀତି ସ୍ୱବିରୋଧର ରାଜନୀତି - ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା ! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ୍ !

ଭାରତୀୟ ରାଜନୀତିରେ ଏକ ସମାନ୍ତରାଳ ଗଣତାନ୍ତ୍ରିକ ବିରୋଧୀ ଧାରାର ପରୀକ୍ଷା ନିରୀକ୍ଷା ବ୍ୟର୍ଥ ସାବ୍ୟସ୍ତ ହୋଇଆସିଛି ବରାବର । ଏଠି ବହୁ ଦଳ, ବହୁ ଧ୍ୱଜା, ବହୁ ଧ୍ୱନି - ଅଜସ୍ର ଚିହ୍ନ ବା ପ୍ରତୀକ - କିନ୍ତୁ ନିରେଖି ଦେଖିଲେ ପରସ୍ପର ସହିତ ଲଢାଲଢି ହେଉଥିବା ଏସବୁ ଦଳର ଚରିତ୍ର ସଂପୂର୍ଣ୍ଣ ସମାନ । ବିଭିନ୍ନ ସାଇନ୍-ବୋର୍ଡ ଝୁଲାଇ ରାଜୀନତିର ଗୋଟାଏ ବିରାଟ ବଜାର ବିଛାଇ ବସିଛନ୍ତି କ୍ଷମତା-ଦଲାଲ୍‌ମାନେ-ସମଗ୍ର ଭାରତବର୍ଷରେ ଚାଲିଛି କିଣାବିକାର ରାଜନୀତି, ଦୋକାନଦାରିର ରାଜନୀତି, ଚାନ୍ଦା ଭେଦାର ରାଜନୀତି, ଗୋଲକ ଧନ୍ଦାର ରାଜନୀତି । ଆଜି ଯିଏ ଶାସକ ଦଳରେ, କାଲି ତାକୁ ଦେଖିବାକୁ ମିଳୁଛି ବିରୋଧୀ ଦଳରେ - ଆଜି ଯିଏ ବିରୋଧୀ ଶିବିରରେ ଥାଇ ବଦ୍ଧମୁଷ୍ଟି ଉତୋଳନ କରୁଛି, କାଲି ସିଏ ହାତ ମିଳାଉଛି ଶାସକ ଦଳର କାର୍ପଟ୍‌ଦାରମାନଙ୍କ ସହିତ । ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ, ନିର୍ଦ୍ଧାରିତ ଦର୍ଶନ ବା ଦୃଷ୍ଟିଭଙ୍ଗୀ ନାହିଁ - ସେଇଥିପାଇଁ ଭାରତବର୍ଷର ଗଣତନ୍ତ୍ରରେ ବାରମ୍ବାର ପ୍ରତ୍ୟକ୍ଷ କରିବାକୁ ପଡୁଛି ଏ ପ୍ରହସନର ପର୍ବ ! ଦଳବଦଳର ଦୃଷ୍ଟାନ୍ତ ସବୁ ଭାରତୀୟ ରାଜନୀତିରେ ଅତି ମାମୁଲି ଘଟଣା । କାହାକୁ ବିଶ୍ୱାସ କରିବା ? କାହା କଥାକୁ ବେଦର ଗାର ଭଳି ଗ୍ରହଣ କରିନେବା ? ନା, ଆଜିର ଭାରତୀୟ ମୂଳଦୁଆ ଛିଡା ହୋଇଛି ଗୋଟାଏ ବିରାଟ ବିଶ୍ୱାସଭଙ୍ଗ ଉପରେ !ରାଜନେତାମାନେ ବିଶ୍ୱାସଘାତକତା କରୁଛନ୍ତି ଜନଗଣଙ୍କ ପ୍ରତି, ରାଜନୈତିକ ଦଳମାନେ ଆଖିଠାର ମାରୁଛନ୍ତି ତମାମ୍ ଦେଶକୁ । ଯିଏ ଯେତେ ବେଶି ଦୁର୍ନୀତି କରି ଧନ ଠୁଳ କଲା, ସିଏ ବୋଲାଇଲା ସେତେବଡ ଛାମୁନେତା- ଯିଏ ଯେତେ ବେଶି ଗୁଣ୍ଡା ପୋଷି କାରିଲା, ସିଏ ହେଲା ସେତେବଡ କରିତ୍‌କର୍ମୀ । ଏଇ ହେଉଛି ଆଜିର ହାଲ୍‌ଚାଲ୍ ।

ପ୍ରିୟ ବନ୍ଧୁଗଣ, ଆପଣମାନେ ଲକ୍ଷ୍ୟ କରନ୍ତୁ - ଏ ରାଜନୀତି କାହାର ? ଏ ନେତାସବୁ କାହାର ? ଏ ଶାସନ ଓ ପ୍ରଶାସନ କାହାର ? ଆପଣମାନେ ଏ ପ୍ରଶ୍ନ ବାରମ୍ବାର ପଚାରନ୍ତୁ ସେମାନଙ୍କୁ - ଯେଉଁମାନେ କେବଳ ନିର୍ବାଚନ ବେଳେ ଆସି ମୁହଁ ଦେଖାନ୍ତି ଆପଣମାନଙ୍କୁ ଦୁଆରେ - ବଡ ବଡ କଥା କହନ୍ତି, ଭାଷଣବାଜି କରନ୍ତି, ମିଥ୍ୟ ଶପଥପାଠ କରନ୍ତି ବିନା ସଂକୋଚରେ । ଆମେ କ'ଣ ସେମାନଙ୍କ ବରଦାସ୍ତ କରିଚାଲିଥିବା ଏମିତି ସବୁଦିନେ ? ନିଜେ ଭୁଖା ରହି ମାନି ନେଉଥିବା ସେମାନଙ୍କ କପଟପସାକୁ ? ମୁଖା ଖସାଇବା ନାହିଁ ସେମାନଙ୍କ ମୁହଁରୁ ?

ଯେଉଁମାନେ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ଯୋଜନାର ଜାଲ ବୁଣନ୍ତି, ଯେଉଁମାନେ ସୌଖିନ ଡ୍ରଇଂରୁମ୍‌ର ରେଶମୀ ପର୍ଦ୍ଦା ଅନ୍ତରାଳରେ ଥାଇ ବୌଦ୍ଧିକ ସଂଳାପ ଶୁଣାନ୍ତି, ଯେଉଁମାନେ ମାର୍ବଲ ମହଲର କାଠ-କୋଠରୀରେ ଶୋଇ ହିସାବଫର୍ଦ୍ଦ ପଢନ୍ତି, ଯେଉଁମାନେ ନିଭୃତ ମନ୍ତ୍ରଣାକକ୍ଷରେ ରାଜନୀତିର ରୂପରେଖ ବଦଳାଇବାର ମସୁଧା କରନ୍ତି - ସେମାନେ ଲିଭାଇବେ ନାହିଁ ଏ ନିଆଁ । ଏ ନିଆଁ ଲିଭାଇବେ ଆପଣମାନେ । ଜନଜାଗରଣର ଏକ ନୂତନ ଅଧ୍ୟାୟ ଉନ୍ମୋଚିତ ହେଲେ ହିଁ ଭାରତବର୍ଷର ଭାଗ୍ୟ ବଦଳିବ - ଭବିଷ୍ୟତ ବଦଳିବ - ବ୍ୟବସ୍ଥା ବଦଳିବ - ବଦଳିବ ଏ ଉତପ୍ତ ଅବସ୍ଥା ।

ଆଜି ଭାରତବର୍ଷର ଦିଗନ୍ତରେ ଘନୀଭୂତ ଅନ୍ଧକାର ରାତ୍ରି । ଯେଉଁଠି ଚାହିଁଲେ ବି କେବଳ ଗଦାଗଦା ନୈରାଶ୍ୟ, ଆତଙ୍କର ଅପଚ୍ଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ ! ଅସୁସ୍ଥ ରାଜନୀତି, ଦୁଃସ୍ଥ ଅର୍ଥନୀତି ପଙ୍ଗୁ କରିଦେଇଛି ଭାରତୀୟ ସମାଜ ବ୍ୟବସ୍ଥାକୁ । ଆମେ ସୀମାନ୍ତର ଶତ୍ରୁମାନଙ୍କୁ ସାମ୍ନା କରିପାରିଛୁ, ମାତ୍ର ଅନ୍ତରାଳର ଅରାତିମାନଙ୍କୁ ଚିହ୍ନି ବି ପାରିଲୁନାହିଁ ଏଯାବତ୍ - ଅସତ୍ ରାଜନେତା ଏବଂ ଅସାଧୁ ପୁଁଜିପତିମାନଙ୍କର ଅଶୁଭ ମୈତ୍ରୀ ଅଣନିଃଶ୍ୱାସୀ କରିସାରିଛି ଭାରତବର୍ଷକୁ - ଜନପ୍ରତିନିଧି ଭାବରେ ଆମେ ଯେଉଁମାନଙ୍କୁ ପଠାଉଛି ପାର୍ଲାମେଂଟକୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଇ ପୁଁଜିପତିମାନଙ୍କର ପୁତଳିକା ପାଲଟୁଛନ୍ତି ସେଠି । ପ୍ରତିବାଦର ପରମ୍ପରାରେ ଘୁଣ ଧରୁଛି, ରାଜନୀତି ପାଲଟୁଛି ବଚସ୍କର ଓ ବଶମ୍ବଦମାନଙ୍କର ସୁବିଧାବାଦୀ ରଣନୀତି !

ଆମ ଶାସନର ଆସନରେ ଏଯାବତ୍ କେବଳ ଜାରୀ ରହିଛି ନକଲି ନେତୃତ୍ୱର ନବାବୀରାଜ । ନୀରୀହ ଜନଗଣଙ୍କ ନିଷ୍ଠା ଓ ପତିଆରାକୁ ପୃଷ୍ଠଦେଶରୁ ଯେଉଁ ଚତୁର ଛୁରିକାଘାତର ପର୍ବ ଆରମ୍ଭ ହୋଇଛି, ତାର ଅନ୍ତ ପାଇଁ ଯେଉଁମାନେ ସ୍ୱର ଉତୋଳନ କରୁଛନ୍ତି, ସେମାନଙ୍କୁ ଆଖିପିଛୁଳାକେ ଖତମ କରିଦେବାର ଜଘନ୍ୟ ଉଦ୍ୟମ ଆଜି ବି ପରିଲକ୍ଷିତ ହେଉଛି । ଆଜି ବି ଅସଲ ନେତୃତ୍ୱ ଅସହାୟ ଅଭିମନ୍ୟୁ ପରି ରାଜନୀତିର ରଣାଙ୍ଗନରେ ଏଇ ତଥାକଥିତ ରଥୀ ମହାରଥୀମାନଙ୍କ ରଚିତ ଚଂଚକତାପୂର୍ଣ୍ଣ ଚକ୍ରବ୍ୟୂହର ଚକ୍ରାନ୍ତ ମଧ୍ୟରେ ବାଟ ଖୋଜି ପାଉନି ।

ଦୁର୍ନୀତିକୁ ବର୍ତମାନ କରିଦିଆଗଲାଣି ଜାତୀୟକରଣ । ଦୁର୍ନୀତିର ଦୁର୍ଦ୍ଧାନ୍ତ ଦୁର୍ଗନାୟକମାନେ ଆଉ କେତେ କାଳ ଭାରତକୁ ନିଜର ଜାଗିର ବା ଜମିଦାରୀ କରି ରଖିବେ ? ଯେଉଁ ଭୂଇଁରେ ନିର୍ଭୟରେ ନାରୀ ଆଜି ବାଟ ବି ଚାଲିପାରେ ନାହିଁ - ମେହେନତୀ ମଣିଷ ତା 'ନ୍ୟାଯ୍ୟ ମର୍ଯ୍ୟାଦା' ପାଇପାରେ ନାହିଁ - ବଂଚିତ ଓ ପ୍ରବଚିଂତ ବର୍ଗ ପ୍ରାଣପଣ କରି ସୁଦ୍ଧା ସଠିକ ନ୍ୟାୟ ହାସଲ କରିପାରେ ନାହିଁ, ସେ ଭୂଇଁରେ ବିପ୍ଲବର ବିହନ ବୁଣିବା ପାଇଁ ଅସଲ ମଣିଷମାନେ ଜୀବନକୁ ବାଜି ଲଗାଇ ମିଳିତ ହେବା ଦରକାର । ଯାହା ଚାଲିଛି ସେଇ ସ୍ରୋତରେ ସୁବିଧାରେ ଭାସିବା ପାଇଁ କିଛି ଦଳ ଲୋକ ପ୍ରତିଯୋଗିତା କରୁଛନ୍ତି । ଦଳେ ଅନେଇଛନ୍ତି ତାଙ୍କ ଭାଗ୍ୟରେ କେବେ ଶିକା ଛିଣ୍ଡିବ ? ସଂଗ୍ରାମୀ ସଚ୍ଚାଦଳ ବୋଲି ନିଜ ଡେଙ୍ଗୁରାକୁ ନିଜେ ପିଟୁଥିବା ଲୋକ କେତେଜଣ ହାଲିଆ ହୋଇଗଲେଣି । ତାଙ୍କ ଡେଙ୍ଗୁରା ବି ଫୁଟିଗଲାଣି । ସେ ଡେଙ୍ଗୁରାର ଶବ୍ଦ ବିକଟାଳ ହୋଇଗଲାଣି । ଏମାନେ ପରସ୍ପରକୁ ଟାହିଟାପରା କରିବାରେ, କାଦୁଅ ଫୋପାଡିବାରେ ସମୟ ନଷ୍ଟ କରୁଛନ୍ତି ।

ଏହିସବୁ ଦଳମାନଙ୍କର ତାମସା ଓ ତାଣ୍ଡବ ନୃତ୍ୟ ଦେଖି ଗାଁ ଗଣ୍ଡା ସହର ବଜାରରେ ଥିବା ସଂଖ୍ୟାଧିକ ଲୋକଙ୍କ ମନରେ ପ୍ରବଳ ବିତୃଷ୍ଣା, ଘୃଣା ଓ ହତାଶାଭାବ । ସେମାନେ କୌଣସି ଦଳ ବା ନେତାଙ୍କୁ ବିଶ୍ୱାସ କରୁନାହାଁନ୍ତି । ସେମାନେ ବିକଳ୍ପ ଖୋଜୁଛନ୍ତି । ଯୁଆଡକୁ ଅନଉଛନ୍ତି - ଯାହାକୁ ଦେଖୁଛନ୍ତି - ସବୁ ଏକାଭାଡିର ପାରା ଭଳି ଦେଖା ଯାଉଛନ୍ତି । ସେମାନେ ବିକଳ ହୋଇ ଖୋଜୁଛନ୍ତି, କିଏ ବାହାରନ୍ତା କି ? ପାପୀ ଭଣ୍ଡ ପ୍ରତାରକମାନଙ୍କୁ ସାବାଡ କରନ୍ତା, ମଣିଷ ଶାନ୍ତିରେ ଟିକେ ନିଃଶ୍ୱାସ ମାରନ୍ତେ ।

କୋଟି କୋଟି ଲୋକ ଭାବୁଛନ୍ତି କିଏ ଜଣେ ବାହାରି ଉପକଥାର ଯାଦୁକର ପରି ତାଙ୍କ ପାଇଁ ସବୁକିଛି କରିଦିଅନ୍ତା । ଅନେକ ଲୋକ ବାହାରିଥିଲେ । ଲୋକମାନେ ତାଙ୍କୁ ବିଶ୍ୱାସ କରି ପଛରେ ଗୋଡାଇଲେ । ତାଙ୍କ ପାଇଁ ସବୁକିଛି କରିଛନ୍ତି, କିନ୍ତୁ ଫଳ ଓଲଟା ପାଇଁ ହତାଶା ପଙ୍କରେ ପଡିଛନ୍ତି । ଯେଉଁ ପ୍ରକାର ଧାରା ଚାଲିଛି, ପ୍ରକ୍ରିୟା ଚାଲିଛି - ସେଥିରୁ ମନେହେଉଛି ଆଜି ଭାରତ ଯେମିତି ଗୋଟାଏ ଅନ୍ଧାରୀ ମୁଲକ । ଏଠି ସମସ୍ତଙ୍କ ଓଠରେ ଥୁକୁଲ୍ । ଆଖିରେ ପଟି, କାନରେ ପାପୁଲି । ନକଲି ନେତୃତ୍ୱ କେବେ ଚାହୁଁନି- ବ୍ୟବସ୍ଥା ବଦଳୁ । କାରଣ ବ୍ୟବସ୍ଥା ବଦଳିଲେ ନକଲି ନେତୃତ୍ୱ ବଦଳିବାକୁ ବାଧ୍ୟ ।

ବର୍ତମାନ ସାରା ଦେଶରେ ଗାଁ ଗଣ୍ଡା ସହର ବଜାର ସବୁଆଡେ ଚାଷୀ, ଶ୍ରମିକ, ଛାତ୍ର ଯୁବକ, ମିଳିଳା, କୃଷି ଶ୍ରମିକ ପ୍ରବଳ ଅଶାନ୍ତି, ଅସନ୍ତୋଷର ବହ୍ନିରେ ପ୍ରଜ୍ୱଳିତ । ସେମାନେ ଥରେ ଏକାଠି ହେଲେ, ସଠିକ୍ ନେତୃତ୍ୱ ମିଳିଲେ ସମସ୍ତଙ୍କୁ ସାବାଡ କରିଦେବେ ।

ହେଲେ ନେତା କାହିଁ ? ଯେଉଁ ନେତାମାନେ ଠାଏ ଠାଏ ସେମାନଙ୍କୁ ମତଉଛନ୍ତି, ତତଉଛନ୍ତି, ବାଟ ଜଣାନଥିବାରୁ ଅବାଟରେ ନେଇ ହତାଶିଆ କରି ପକାଉଛନ୍ତି । ବାରମ୍ବାର ଲୋକେ ପ୍ରତିଶ୍ରୁତିର ପଦ୍ମତୋଳା ଶୁଣି ପ୍ରତାରିତ ହୋଇ ଭାଗ୍ୟକୁ ନିନ୍ଦୁଛନ୍ତି । ପରିବର୍ତନ ପାଇଁ ନୂଆ କିଛି କଥା କହିଲେ, ଏକଦମ୍ ଠିକ୍ ବୋଲି କହୁଛନ୍ତି; କିନ୍ତୁ ହଠାତ୍ ବାହାରି ପାରୁନାହାଁନ୍ତି । କିନ୍ତୁ ଦୁର୍ନୀତି ଚଂଚକତାରେ କୋଟି କୋଟି ଟଙ୍କା ମହଜୁଦ୍ ରଖୁଥିବା ମତଲବୀ ନେତୃବର୍ଗଙ୍କ ନିଜସ୍ୱ ଭଡାଟିଆ ଗୁଣ୍ଡାବାହିନୀ ଏବଂ ସରକାରୀ କଳର ଦମନ ଅତ୍ୟାଚାରକୁ ମୁକାବିଲା କରିବା ଅସମ୍ଭବ ବୋଲି ଲୋକେ ଭାବୁଛନ୍ତି ।

ଏ ଦୁନିଆରେ ଅସମ୍ଭବ ବୋଲି ଚିନ୍ତା କରିବା ହିଁ ପରାଜୟର ପ୍ରଥମ ଲକ୍ଷଣ । ଯାହା ବାସ୍ତବ ସତ୍ୟ, ତାହା ନିଶ୍ଚିତ ସମ୍ଭବ । ଗଣ ଜାଗରଣର ନୂତନ ଅଧ୍ୟାୟ ସୃଷ୍ଟି ନ ହେଲେ ଦୃଷ୍ଟିଭଙ୍ଗୀ ବଦଳି ପାରିବନାହିଁ । ରାଜନୀତିର ନୂଆ ରାସ୍ତା ଫିଟି ପାରିବ ନାହିଁ । ଆସନ୍ତୁ, ଗୋଟିଏ ମଂଚରେ ଏକାଠି ହେବା । ବଦ୍ଧ ମୁଷ୍ଟି ଉତୋଳନ କରିବା । କ୍ଷମତାନ୍ଧ, କ୍ଷୁଧିତ ନେତୃତ୍ୱର କାଚଘର ସାମ୍ନାରେ ନିର୍ମାଣ କରିବା ନିର୍ଭୀକ ପ୍ରତିବାଦର ବିଶାଳ ଶିବିର । ସଂଗ୍ରାମ ଆରମ୍ଭ ହେବ ନୂତନ ଶୈଳୀରେ, ଯେଉଁ ସଂଗ୍ରାମର ଶାଣିତ ଶସ୍ତ୍ର ହେବ : ନୂଆ ଦୃଷ୍ଟି, ନୂଆ ଦର୍ଶନ, ନୂଆ ନେତୃତ୍ୱ, ନୂଆ ବିକଳ୍ପ ।

ହିଟ୍‌ଲର ଓ ମୁସୋଲିନୀ ଭଳି ନୃଶଂସ, ଦୁର୍ଦ୍ଧାନ୍ତ ଚରିତ୍ରସବୁ ଜନ ବିସ୍ଫୋରଣର ସ୍ଫୁଲିଙ୍ଗରେ ପାଉଁଶ ହୋଇଯାଇଛନ୍ତି । ଆଜି ଏ କୁଚକ୍ରୀ ଖଳନାୟକମାନଙ୍କୁ ଆମେ ଏବେ ଡରିବା କାହିଁକି । ଆମେ ସମସ୍ତେ ଏକାଠି ହେଲେ ଚିତ୍କାର ନ କରି ଫୁତ୍‌କାର ତୋଳିଲେ ପ୍ରତାରଣାର ଏ ପର୍ଯ୍ୟାୟ ମୁହୂର୍ତକ ମଧ୍ୟରେ ଧୂଳିସାତ୍ ହେବ ।

ବର୍ତମାନର ଭସ୍ମୀଭୂତ ଭାରତବର୍ଷ ଓ ସଂତ୍ରସ୍ତ ସମାଜ ବ୍ୟବସ୍ଥା ପାଇଁ ପରିତ୍ରାଣର ପନ୍ଥା ଖୋଜା ଚାଲିଛି ବିଭିନ୍ନ ସ୍ତରରେ । ଭସ୍ମରୂପ ମଧ୍ୟରୁ ଭବିଷ୍ୟତକୁ ଉଦ୍ଧାର କରିବା ଏବଂ ଧ୍ୱଂସ ମୁଖରୁ ଜନଜୀବନକୁ ରକ୍ଷା କରିବା ନିମନ୍ତେ ଆଜି ଯେଉଁ ଅଙ୍ଗୀକାରବଦ୍ଧ ଆନ୍ଦୋଳନ ଓ ଗଣସଂଗ୍ରାମର ଏକାନ୍ତ ପ୍ରୟୋଜନ, ସେଥି ନିମନ୍ତେ ଆମ ସମସ୍ତଙ୍କର ସମ୍ମିଳିତ ସଂକଳ୍ପ ଅପରିହାର୍ଯ୍ୟ ।

ହାଣ ମୁହଁକୁ ମୁହାଇଁ ଚାଲିଥିବା ଆମର ଏ ଯୁଗ ଯୁଗର ପ୍ରାଚୀନ ପ୍ରବୃଦ୍ଧ ଦେଶ ଓ ବହୁ ଐତିହାସିକ ଘୂର୍ଣ୍ଣିଝଡରୁ ବର୍ତି ଯାଇଥିବା ସମାଜ ଜୀବନକୁ କ'ଣ ଧ୍ୱଂସ ହେବା ପାଇଁ ଆମେ ଛାଡି ଦେବା ? ଗୋଟାଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହ ଶହ କୁରୁକ୍ଷେତ୍ର... ଆମର ଏ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକାଇ ଦେବା ତା' ଭିତରେ ? ନା, ପରିତ୍ରାଣ ପାଇଁ ଆମକୁ ଆଜି ଶିରସ୍ତ୍ରାଣ ପିନ୍ଧି ହାତରେ ଧରିବାକୁ ପଡିବ ଗଣସଂଗ୍ରାମର ଅମୋଘ ଅସ୍ତ୍ର । ସତ୍ ମନର ସ୍ୱପ୍ନ ଯଦି ସଂକଳ୍ପରେ ପରିଣତ ହୁଏ, ତେବେ ନିଶ୍ଚିତ ଭାବରେ ସାର୍ଥକ ହେବ ଆମର ଆଗାମୀ ସମାଜର ସର୍ଜନା ଓ ସଂରଚନା ।

ଏଣୁ ବଂଧୁଗଣ ! ସୌଖିନ ବୈଠକଖାନାରେ ବୌଦ୍ଧିକ ବିତର୍କର ବାତାବରଣ ସୃଷ୍ଟି ନ କରି ଆସନ୍ତୁ ସମ୍ମୁଖ ଭାଗରେ ଅବତୀର୍ଣ୍ଣ ହେବା, କିତାବୀ ଦର୍ଶନକୁ ଘୋଷି ଉକାଳିବା ନିଶା ଛାଡି ଗାଁଗଣ୍ଡା, ବିଲବାଡି, ଖଣିଖାଦାନ, କଳକାରଖାନା, ସହର ବଜାରରେ ମେହନତି କରୁଥିବା ମଣିଷଙ୍କ ପାଖରେ ପହଂଚାଇ ଦେବା କର୍ମତତ୍ତ୍ୱର ସମ୍ମିଶ୍ରିତ ଦର୍ଶନ । ଆମେ ନିକାଲି ଦେବା ଏ ନକଲି ରାତିର ଜରିଗୁଡା ଜହ୍ନ ଆଉ କାଗଜଫୁଲର କାରୁକାର୍ଯ୍ୟକୁ । ଆମେ ଚିରିଦେବା ନାହିଁ ନାହିଁର ନକ୍ସା । ଆମେ ଭରିଦେବା କୋଟି କୋଟି କଙ୍କାଳ ପ୍ରାଣରେ ନୂଆ ଆଶା, ନିଆରା ଭରସା ।

ନୀତି ନୈତିକତାର ନିର୍ଲଜ୍ଜ କଂସେଇମାନଙ୍କୁ ଆଜି ରାସ୍ତାକଡର ବତିଖୁଂଟରେ ଝୁଲାଇ ଦେବାର ବେଳ ଆସିଛି । ନିଷ୍ଠୁର ଜହ୍ଲାଦମାନଙ୍କ ଜଘନ୍ୟ ହିଂସାର ସାମ୍ରାଜ୍ୟରୁ ନିରୀହ ପ୍ରହ୍ଲାଦମାନଙ୍କୁ ପରିତ୍ରାଣ କରିବା ପାଇଁ ଜନ-ଜନାର୍ଦ୍ଦନଙ୍କୁ ନୃସିଂହ ଅବତାର ଧାରଣ କରିବାର ଆହ୍ୱାନ ଉପଗତ ହୋଇଛି । ଯେଉଁମାନେ ଏ ଭୂମିର ମଣିଷମାନଙ୍କୁ କଙ୍କାଳରେ ପରିଣତ କରିଛନ୍ତି, ସେମାନଙ୍କୁ କଠୋର ଶାସ୍ତି ଦେବାର ସମୟ ଆସି ପହଂଚିଯାଇଛି । ପରିବର୍ତନର ପର୍ଯ୍ୟାୟ ଜନଗଣଙ୍କର ବିନା ଯୋଗଦାନରେ ସମ୍ଭବପର ନୁହେଁ ।

ଏହି ସମସ୍ୟା ଜର୍ଜରିତ ସମାଜକୁ ବଦଳାଇବାକୁ ହେଲେ ନୂଆ ଦୃଷ୍ଟିକୋଣ, ନୂଆ ଉତ୍ସାହର ସହ ସଂଘର୍ଷପଥରେ ଆଗେଇ ଯିବାକୁ ହେବ । ବେଇମାନୀ ଲୋକମାନେ ଆଜି ପର୍ଯ୍ୟନ୍ତ ଧୋକ୍କା ଦେଇ ଆସିଲେ । ଏଥିପାଇଁ ମନଖରାପ କରି ବସିରହିଲେ ହେବନାହିଁ । ଅତୀତରେ ଆପଣମାନେ ବହୁ କଷ୍ଟ ତ୍ୟାଗ ଆତ୍ମବଳୀଦାନ ଦେଇ ଯାହାସବୁ ସୃଷ୍ଟି କରିଥିଲେ, ସେ ସବୁ ଆଜି ଧ୍ୱଂସ ଆଡକୁ ପାଦ ବଢାଉଛି । ରୋକିବାକୁ ହେବ ଏ ରୁଗ୍ଣ ଧାରାକୁ । ପୁଣି ଆଉଥରେ ପ୍ରସ୍ତୁତ ହୋଇଯାଆନ୍ତୁ । ପଛକୁ ଫେରିଲେ ଅନ୍ଧାର । ଆଗକୁ ଚାହିଁଲେ ମୁକ୍ତିର ସକାଳ । ଶତାବ୍ଦୀର ସଂକଳ୍ପ ଓ ସଂଘର୍ଷ ମଧ୍ୟରେ ଶତସହସ୍ର ସଂଗ୍ରାମୀଙ୍କ ଶହୀଦତ୍ୱ ବିନିମୟରେ ଯେଉଁ ଗଣତାନ୍ତ୍ରିକ ଅଧିକାର ହାସଲ କରି ଜନଗଣ ନୂତନ ସମାଜର ମୂଳଦୁଆ ପକାଇବାକୁ ଆଗେଇ ଯିବାର ଥିଲା - ତାହା ଆଜି ମୁକ୍ତ ପୁଁଜିବାଦର ପୁଚ୍ଛବାହକ ମୁନାଫାଖୋର୍ ମାଲିକ ଶ୍ରେଣୀର ଷଡଯନ୍ତ୍ରରେ ପଣ୍ଡ ହୋଇଯାଇଛି । ମାଲିକ ଶ୍ରେଣୀ କବଳିତ କରିଛି ରାଷ୍ଟ୍ରଯନ୍ତ୍ର; ଧାରଣ କରିଛି ଦମନର ନୂଆ ନୂଆ ଶକ୍ତିଶାଳୀ ହତିଆର । ସେହି ତୁଳନାରେ ଜନଗଣଙ୍କ ପ୍ରତିରୋଧର ଅସ୍ତ୍ର ପୁରୁଣା ହୋଇଯାଇଛି, କଳଙ୍କି ଧରିଯାଇଛି ସେଥିରେ । ସଂଗ୍ରାମର ନୂତନ ପର୍ଯ୍ୟାରେ ସେ ଆସ୍ତ୍ର ଆଜି ଅଚଳ, ଅକାମୀ । ସେଥିପାଇଁ ଆଜିର ଚତୁର ମାଲିକଶ୍ରେଣୀର ମୁକାବିଲା କରିବାରେ ପଛେଇ-ଯାଇଛି ଜନବିପ୍ଲବର ଧାରା, ଶ୍ରମଜୀବୀ ବର୍ଗର ବିକ୍ଷୁବ୍ଧ ଆନ୍ଦୋଳନ । ପରାଜୟର ଗ୍ଳାନିରେ ଜର୍ଜରିତ ହୋଇ ପଡିଛି ମେହନତୀ ମଣିଷ ସମାଜ । ଏହି ଦୃଷ୍ଟିରୁ ଗତ ବର୍ଷ ବର୍ଷର ପରାଜୟର ପ୍ରକୃତ କାରଣ ଖୋଜି, ପଶ୍ଚାତ୍‌ଗତିର ବ୍ୟର୍ଥତା ଓ ବିଡମ୍ବନାରୁ ନୂତନ ଅଭିଜ୍ଞତାର ଶିକ୍ଷା ହାସଲ କରି ଜନଗଣଙ୍କ ହାତରେ ନୂତନ ଅସ୍ତ୍ର ଗଣଆନ୍ଦୋଳନର ନୂତନ ଆଭିମୁଖ୍ୟ ଜାତି-ବର୍ଣ୍ଣ-ଧର୍ମ-ଦଳ ନିର୍ବିଶେଷରେ ଯେକୌଣସି ସମାଜବିରୋଧୀ ଅପକର୍ମ ଓ ଅନ୍ୟାୟର ସମ୍ମିଳିତ ପ୍ରତିରୋଧ କରିବାର ବେଳ ଆସିଯାଇଛି । ଏହା ହିଁ ସମୟର ଆହ୍ୱାନ ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ପଞ୍ଚକୁଳା



ହରିୟାଣାର ପଞ୍ଚକୁଳା ଏକ ସୁନ୍ଦର ଦର୍ଶନୀୟ ସ୍ଥାନ । ସବୁଜିମା, ପାହାଡ଼ଶ୍ରେଣୀ ସହିତ ଜଳଭଣ୍ଡାର, ହ୍ରଦ, କ୍ୟାକ୍‌ଟସ୍ ଗାର୍ଡେନ, ଚିଡିଆଖାନା ଓ ମନସାଦେବୀଙ୍କ ମନ୍ଦିର ପଞ୍ଚକୁଳାର ଆକର୍ଷଣୀୟ ସ୍ଥାନଗୁଡ଼ିକ ମଧ୍ୟରୁ ଅନ୍ୟତମ । ପଞ୍ଚକୁଳା, ହରିୟାଣା ରାଜ୍ୟର ଏକ ମହତ୍ତ୍ୱପୂର୍ଣ୍ଣ ଜିଲ୍ଲା । ରାଜଧାନୀ ଚଣ୍ଡୀଗଡ଼ଠାରୁ ମାତ୍ର ୧୧ କି.ମି ଦୂରରେ ପଞ୍ଚକୁଳା ଅବସ୍ଥିତ । ସେଠାରେ ସବୁଜ ବାତାବରଣ ସହିତ ରାଜ୍ୟର ଏକ ବଡ଼ ବନ କ୍ଷେତ୍ର ରହିଛି । ଏହି ସହର ପାହାଡ଼ୀ ଆକର୍ଷଣ ଯୋଗୁଁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ପର୍ଯ୍ୟଟକମାନେ ରାଜ୍ୟର ସୀମାରେ ଥିବା ପାହାଡ଼ୀ ଶୃଙ୍ଖଳାର ରୋମାଞ୍ଚକ ଅନୁଭବ ନେବା ପାଇଁ ଆସିଥାନ୍ତି । ଏହା ବ୍ୟତୀତ ପାଞ୍ଚଟି ଧାରା ଯୋଗୁଁ ମଧ୍ୟ ପ୍ରସିଦ୍ଧ ଯାହା ରାଜ୍ୟ ପାଇଁ ଜଳପୁର୍ତ୍ତିର କାମ କରିଥାଏ । ଶିବାଳିକ ପାହାଡ଼ରୁ ଆରମ୍ଭ କରି ପ୍ରାଚୀନ ମନ୍ଦିର ସହିତ ଏହି ସହର ପର୍ଯ୍ୟଟନ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ ବୋଲି କହିବାକୁ ହେବ । ଆସନ୍ତୁ ଜାଣିବା ପଞ୍ଚକୁଳାର କେତେକ ଦର୍ଶନୀୟ ସ୍ଥାନ ସମ୍ପର୍କରେ ।

### ମନସା ଦେବୀ ମନ୍ଦିର :

ମା' ମନସା ଦେବୀଙ୍କ ଦର୍ଶନରୁ ପର୍ଯ୍ୟଟକମାନେ ପଞ୍ଚକୁଳା ଭ୍ରମଣ ଆରମ୍ଭ କରିପାରିବେ । ଏହି ମନ୍ଦିର ରାଜ୍ୟର ସବୁଠାରୁ ଲୋକପ୍ରିୟ ସ୍ଥାନ ମଧ୍ୟରୁ ଅନ୍ୟତମ । ପ୍ରତ୍ୟେକ ଦିନ ଶହ ଶହ ଶ୍ରଦ୍ଧାଳୁ ସେଠାକୁ ଯାଇଥାନ୍ତି । ତଥ୍ୟ ଅନୁସାରେ ଏହି ମନ୍ଦିର ୨୦୨୦ ବର୍ଷର ପୁରୁଣା । ଭାରତର କୋଟୋଟି ପୁରାତନ ମନ୍ଦିର ମଧ୍ୟରୁ ଏହା ଅନ୍ୟତମ । ଏହି ବିଶାଳ ମନ୍ଦିରରେ ହୁନ୍ଦୁ ଓ ମୋଗଲ ବାସ୍ତୁକଳାର ଅଦ୍ଭୁତ ମିଳନ ଦେଖିବାକୁ ମିଳେ । କୁହାଯାଏ ଯେ ଏହି ମନ୍ଦିର କେବେ ପଞ୍ଚକୁଳାର ମହାରାଜାଙ୍କ ପୂଜା ସ୍ଥଳ ଥିଲା । ନବରାତ୍ରୀ ସମୟରେ ସେଠାରେ ଭକ୍ତମାନଙ୍କର ଭିଡ଼ ଜମେ ।



### କ୍ୟାକ୍‌ଟସ୍ ଗାର୍ଡେନ :

ଧାର୍ମିକ ସ୍ଥଳ ବ୍ୟତୀତ ପର୍ଯ୍ୟଟକମାନେ ସେଠାରେ ଲୋକପ୍ରିୟ ପ୍ରାକୃତିକ ସ୍ଥଳର ଭ୍ରମଣ କରିବାର ପ୍ଲାନ କରିବା ଉଚିତ୍ । ଏହି ଦର୍ଶନୀୟ ସ୍ଥଳରେ କ୍ୟାକ୍‌ଟସ୍ ପ୍ଲାଣ୍ଟ୍‌ର ଦୁର୍ଲଭ ପ୍ରଜାତି ଦେଖିବାକୁ ମିଳେ । ଏହା ଏସିଆର ସବୁଠାରୁ ବଡ଼ କ୍ୟାକ୍‌ଟସ୍ ଗାର୍ଡେନ । ଏହି ଗାର୍ଡେନର ସ୍ଥାପନା ଡ.ଜେ ସରକାରିଆଙ୍କ ଦ୍ୱାରା କ୍ୟାକ୍‌ଟସ୍‌ର ଦୁର୍ଲଭ ପ୍ରଜାତିଗୁଡ଼ିକୁ ରକ୍ଷା କରିବା ପାଇଁ କରାଯାଇଥିଲା । ସେଠାରେ କ୍ୟାକ୍‌ଟସ୍‌ର ୨୬୦୦ ପ୍ରଜାତି ଦେଖିପାରିବେ । ବାର୍ଷିକ କ୍ୟାକ୍‌ଟସ୍ ମେଳା ସେଠାରେ ଅନୁଷ୍ଠିତ ହୁଏ ।



### ଛତବୀର ଜୁ :

ପଞ୍ଚକୁଳାର ରୋମାଞ୍ଚକ ଅନୁଭବ ନେବା ପାଇଁ ପର୍ଯ୍ୟଟକମାନେ ସେଠାରେ ଥିବା ଛତବୀର ଜୁ ଦେଖିବାକୁ ପ୍ଲାନ କରିଥାନ୍ତି । କିନ୍ତୁ ସହରର ଆଖପାଖରେ ଥିବା ଲୋକମାନେ ସେଠାକୁ ଅଧିକ ମାତ୍ରାରେ ଆସିଥାନ୍ତି । ଉତ୍ତର ଭାରତର ଏହା ଏକ ବଡ଼ ବନ୍ୟଜୀବ ଆରକ୍ଷଣ କ୍ଷେତ୍ର । ସେଠାରେ ୧୧୦ ପ୍ରଜାତିର ବନ୍ୟପ୍ରାଣୀ ଅଛନ୍ତି । ୫୦୦ ଏକର ଜମିରେ ହୋଇଥିବା ଏହି ପ୍ରକୃତିପ୍ରେମୀ ଓ ବନ୍ୟଜୀବ ଉତ୍ସାହୀ ପର୍ଯ୍ୟଟକମାନଙ୍କ ପାଇଁ ସ୍ୱର୍ଗଠାରୁ କମ୍ ନୁହେଁ । ସେଠାରେ ସିଂହ ସଫାରୀର ରୋମାଞ୍ଚକ ଆନନ୍ଦ ନେଇପାରିବେ ।





### ସୁଖନା ହ୍ରଦ :

ପଞ୍ଚକୁଳାର ଶିବାଳିକ ପର୍ବତ ଶୃଙ୍ଖଳାରେ ଅବସ୍ଥିତ ସୁଖନା ହ୍ରଦ ଏକ ସୁରମ୍ୟ ସ୍ଥାନ । ଏହି ମାନବ ନିର୍ମିତ ହ୍ରଦ ୩.କି.ମି ପର୍ଯ୍ୟନ୍ତ ବ୍ୟାପିଛି । ୧୯୫୮ ରେ ଶିବାଳିକ ପାହାଡ଼ ତଳକୁ ଆସୁଥିବା ପାଣିରେ ବନ୍ଧ କରାଯାଇଛି । ଏହି ହ୍ରଦକୁ ଦେଖିବା ପାଇଁ ଦୂରରୁ ଲୋକମାନେ ଆସିଥାନ୍ତି । ଏହାବ୍ୟତୀତ ସେଠାରେ ଅନ୍ୟ କେତେକ ପାର୍କ, ଫନ୍ ସିଟି, ଆର୍ଯ୍ୟ ସମାଜ ମନ୍ଦିର, ସିଟି ଫାଉଣ୍ଟେନ ବଗିଚା, ଗୀତା, ମନ୍ଦିର, ଗୌରୀଶଙ୍କର ବଗିଚା ଇତ୍ୟାଦି ଦର୍ଶନୀୟ ସ୍ଥାନ ରହିଛି ।



# ସାମନ୍ତରାପୁର ସ୍କୁଲରେ ପରିମଳ ବ୍ୟବସ୍ଥା ଉଦ୍‌ଘାଟିତ



ଖୋର୍ଦ୍ଧା - ୨୬.୧୧.୨୦୨୨ ଖୋର୍ଦ୍ଧା ସହର ସାମନ୍ତରାପୁର ସରକାରୀ ଉ.ପ୍ରା ବିଦ୍ୟାଳୟରେ ଆଇ.ଟି.ସି. ସହାୟତାରେ ୱାଟର ଫର୍ ପିପୁଲ ଇଣ୍ଡିଆ ଟ୍ରଷ୍ଟ ପକ୍ଷରୁ ପରିମଳ ବ୍ୟବସ୍ଥା ନେଇ ତିନୋଟି ବ୍ଲକ ଉଦ୍‌ଘାଟିତ ହୋଇଯାଇଛି । ଏଥିମଧ୍ୟରୁ ହାତ ଧୁଆଧୋଇ, ମୂତ୍ରାଶୟ, ପାଇଖାନା ଆଦି ନେଇ ଗୋଟିଏ ସାଧାରଣ ବ୍ଲକ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅନ୍ୟ ଦୁଇଟି ବାଳିକା ଓ ବାଳକଙ୍କ ପାଇଁ । ଏହି ଉଦଘାଟନ କାର୍ଯ୍ୟକ୍ରମରେ କୋଲକାତାରେ ଥିବା କେନ୍ଦ୍ର କାର୍ଯ୍ୟାଳୟର ପ୍ରୋଜେକ୍ଟ ମ୍ୟାନେଜର ଇନ୍ଦ୍ରନୀଳ ଘୋଷ, ଓଡ଼ିଶା ପ୍ରକଳ୍ପ .ଇଖ୍ୟ ଇଂ ଅଖିଳ କୁମାର ଜେନା, ଆଇ.ଟି.ସି.ର ଇଂ ବିଶ୍ୱରଞ୍ଜନ ନାହାକ, ଖୋର୍ଦ୍ଧା ଗଞ୍ଜାମ ଜିଲ୍ଲା ୱାଟର ‘ର୍ ପିପୁଲ ଇଣ୍ଡିଆ ପ୍ରକଳ୍ପ ମୁଖ୍ୟ ରଂଜିତ ବିଷୋଇ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଗୋଷ୍ଠୀ ଶିକ୍ଷାଧିକାରୀ ବୈଦ୍ୟନାଥ ସାହୁ, ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ, ବି.ଆର.ସି.ସି. ସତ୍ୟବାନ ଶ୍ରୀଚନ୍ଦନ, ଏ.ବି.ଇ.ଓ. ଭରତ ପ୍ରଧାନ, ଇଂ ଶୁଭ୍ରାଂଶୁ ଦଣ୍ଡପାଟ ଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ଉଦଘାଟନ କରିଥିଲେ । ପ୍ରଧାନଶିକ୍ଷକ ବିଭୁପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଯୋଗ ଦେଇ ଅତିଥିମାନେ ହାତ ଗୋଡ଼ କିଭଳି ସାବୁନରେ ସଫା କରାଯିବ ସେ ବିଷୟରେ ବୁଝାଇବା ସହିତ କାର୍ଯ୍ୟ ସମାପନ ପର୍ଯ୍ୟନ୍ତ ପାଣି ଢ଼ାଳି ସଫା କରିବା ପାଇଁ ପରାମର୍ଶ ଦେଇଥିଲେ । ଶୌଚାଳୟ ନିୟମିତ ସଫା ରଖିବା ପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସି.ଆର.ସି.ସି ରବି ନାରାୟଣ ପଣ୍ଡା, ଶିକ୍ଷକ ସଂଘର ବିନତୀ ମିଶ୍ର, ଖୋର୍ଦ୍ଧା ଉ.ପ୍ରା.ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ରଶ୍ମିତା ବେହେରା, କ୍ଷଣପ୍ରଭା ସାହୁ, ଦେବିକା ପାଣି, ସସ୍ମିତା ସାହୁ, ଅଭିରାମ ପଣ୍ଡା ପ୍ରମୁଖ ପରିଷ୍କାର ପରିଚ୍ଛନ୍ନତା ନେଇ ମତ ରଖିଥିଲେ । ପରିଷ୍କାର ପରିଚ୍ଛନ୍ନତା ନେଇ ଅଂଶଗ୍ରହଣ କରିଥିବା ସମସ୍ତ ଅଠର ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ୧୯୪୯ ମସିହା ନଭେମ୍ବର ୨୪ ତାରିଖ ଦିନ ଭାରତ ସମ୍ବିଧାନର ଶାସନ ଖସଡ଼ା ପ୍ରସ୍ତୁତ ଶେଷ ହୋଇଥିଲା, ତେଣୁ ସେହି ଦିନକୁ ମନେପକାଇ ସମ୍ବିଧାନକୁ ସମ୍ମାନ ଦେଇ ଏହାର ମହତ୍ୱ ବୁଝିବା ପାଇଁ ଏକ ଶପଥ ପାଠ କରାଯାଇଥିଲା । ନିରୁପମା ପୃଷ୍ଟି ଅତିଥି ପରିଚୟ ଓ ସୁଜାତା ମିଶ୍ର ଧନ୍ୟବାଦ ଦେଇଥିଲେ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୦୫ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର, ୨୬ ନଭେମ୍ବର – କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୦୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୪୪୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୫ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ଡେଲାଙ୍ଗ ରେ ସମ୍ବିଧାନିକ ଦିବସ ପାଳିତ

ଡେଲାଙ୍ଗ,୨୬।୧୧ ଡେଲାଙ୍ଗ ବ୍ଲକ ଆର୍ନ୍ତଗତ ମୁନିନ୍ଦା ପଚଂାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ,ବରକେରା ପରିସରରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସେଠୀଙ୍କ ସଭାପତିତ୍ୱରେ ଏହି ସମ୍ବିଧାନିକ ଦିବସ ପାଳିତ ହୋଇଥିଲା । କୋଭିଡ ନିୟମ ପାଳଣ କରି ଏହି ସଭା ଆୟୋଜନ କରାଯାଥିଲା । ଏଥିରେ ଶିକ୍ଷକ ମିଟୁ କିଶୋର ପ୍ରଧାନ,ମଜଂୁଲତା ପ୍ରଧାନ,ସୁଧିଧିର କୁମାର ଜେନା,ବବିରଚିଂ ନାରାୟଣ ବରାଳ.ପ୍ରକୃତି ପ୍ରେମୀ ବିଶ୍ୱଜିତ ପରିଡା,ସୁବାଷ ଚନ୍ଦ୍ର ମାହୁନ୍ତ, କାହ୍ନୁ ଚରଣ ପରିଡା ପ୍ରମୁଖ ଯୋଗଦେଇ ସମ୍ବିଧାନ ପ୍ରଣେତା ଓ ସମ୍ବିଧାନ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଦିବସଟିକୁ ମନେ ରଖିବା ପାଇଁ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଭାରତୀୟ ଜନତା ପାର୍ଟି ଡେଲାଙ୍ଗ ପକ୍ଷରୁ ଘୋରଡିଆ ଠାରେ ପ୍ରାକ୍ତନ ମଣ୍ଡଳ ସଭାପତି ଦିଲ୍ଲିପ କୁମାର ଧାଉଡିଆ ଅଧ୍ୟକ୍ଷତାରେ ସମ୍ବିଧାନିକ ଦିବସ ପାଳିତ ହୋଇଯାଇଛି । ସେ ଡଃ ଭିମ ରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାପର୍ଣ କରି ଶ୍ରଦ୍ଧାଜଂଳି ଅର୍ପଣ କରିଥିଲେ । ଭାରତରତ୍ନ ଡଃ ଆମ୍ବେଦକର ଏକାଧାରରେ ଜଣେ ସମାଜ ସଂସ୍କାରକ, ରାଷ୍ଟ୍ରନାୟକ,ଦାର୍ଶନିକ ଓ ପ୍ରଜ୍ଞା ପୁରୁଷ ଥିଲେ । ଭାରତୀୟ ସମ୍ବିଧାନର ପ୍ରଣୟତା କୋଟି ହୃଦୟର ଜନମାନସର ସଂଖାଳି, ଦଳିତ ମୁକ୍ତି ସଂଗ୍ରାମର ସେନାପତି ,ଅବର୍ଣ୍ଣନୀୟ ଦେଶଭକ୍ତିର ପ୍ରତୀକ ଥିଲେ । ତାଙ୍କର ଏହି ଅବର୍ଣ୍ଣନୀୟ ଚିରସ୍ମରଣୀୟ ବ୍ୟକ୍ତିତ୍ୱ ସର୍ମ୍ପକରେ ଶ୍ରୀ ଧାଉଡିଆ ଆଲୋକପାତ କରିବା ସହ ସମ୍ବିଧାନ ସୁରକ୍ଷା ଦିଗରେ ସଚେତନ ରହିବା କୁ ଆହ୍ୱନ ଦେଇଥିଲେ । ଏଥିରେ ବେଣୁଧର ମଙ୍ଗରାଜ, ବାବୁରାମ ଦାସ, ଆଲୋକମୟ ହରିଚନ୍ଦନ, ମହେନ୍ଦ୍ର ଧାଉଡିଆ, ଚୈନ ଧାଉଡିଆ, ରବିନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲଲେ ।

# ହରିଚନ୍ଦନପୁର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ

ହରିଚନ୍ଦନପୁର, ୨୬ ନଭେମ୍ବର (ହି.ସ.) - କେନ୍ଦ୍ର ସରକାରଙ୍କର ଜନ ବିରୋଧୀ ନୀତି ଓ ଏକଛତ୍ରବାଦ ଶାସନ ବିରୋଧରେ ଆଜି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଆଜି ଭାରତ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦକୁ ହରିଚନ୍ଦନପୁର ବ୍ଲକ କଂଗ୍ରେସ ପକ୍ଷରୁ ସମର୍ଥନ କରି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଛି । ବାଇପାସ୍ ଛକ, ଗାନ୍ଧୀ ଛକ ସମେତ ବ୍ୟବସାୟିକ ପ୍ରତିଷ୍ଠାନ, ସମସ୍ତ ସରକାରୀ ବେସରକାରୀ ପ୍ରତିଷ୍ଠାନ ଓ ରେଳଷ୍ଟେସନ, ଯାନବାହାନ ଚଳାଚଳ ସହ ସମସ୍ତ ଦୋକାନ ବଜାରକୁ ବନ୍ଦ କରାଯାଇଛି । ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଏହି ବନ୍ଦରେ ସାଧାରଣ ଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡିଛି । ଏହି ବନ୍ଦ ଓ ରାସ୍ତା ରୋକ କାରଣରୁ ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ଗାଡ଼ି ଧାଡ଼ି ହୋଇ ଛିଡା ହୋଇଥିବା ଦେଖିବାକୁ ମିଳିଛି । ବ୍ଲକ କଂଗ୍ରେସ ପକ୍ଷରୁ ସୁଦର୍ଶନ ପାଇକରାୟ, କୈଳାସ ମହାନ୍ତ, ଭାଗିରଥି ସାହୁ, ନାରଣ ସାହୁ, ସୁରଥ ସାହୁ, ବିଦ୍ୟାଧର ମହାନ୍ତଙ୍କ ସହ ବିଭିନ୍ନ କର୍ମକର୍ତା ଓ କର୍ମୀଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାରେ ଏହି ବନ୍ଦ ପାଳନ ହୋଇଯାଇଛି । କୌଣସି ଅପ୍ରିତୀକର ପରିସ୍ଥିତି ଘଟିବାକୁ ନେଇ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ କର୍ମଚାରୀ ନିୟୋଜିତ କରାଯାଇଛି।

## ଖଇରାରେ ଭାଗବତ ପାରାୟଣ ଓ ଗୀତାଯଜ୍ଞ ଉଦଯାପିତ

ଧର୍ମଶାଳା,୨୬ନଭେମ୍ବର(ହି.ସ.) - ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ଗ୍ରାମରେ ଅନନ୍ତ ମୁଖୀ ଭାଗବତ ପାରାୟଣ ଓ ଗୀତାଯଜ୍ଞ ଯଜ୍ଞ ଉଦଯାପତି ହୋଇଯାଇଛି । ପ୍ରତ୍ୟୁଷରୁ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ହାଇଲେଭଲ କେନାଲରୁ ଜଳଭରି ଘ ଘ । କର୍ି ନ ସହ ଶେଭାଯାତ୍ରା କରି ଯଜ୍ଞସ୍ଥଳରେ ପଂହଚିବା ପରେ ସଂକଳ୍ପକାର୍ଯ୍ୟ ଆରମ୍ଭ ହୋଇଥିଲା । କର୍ତା ମହେନ୍ଦ୍ର ସାହୁ ଓ ନିହାରିକାଙ୍କ ଦ୍ୱାରା ସଂକଳ୍ପ କାର୍ଯ୍ୟ କରାଯିବା ପରେ ପଣ୍ଡିତ ଚନ୍ଦ୍ରଶେଖର ପଣ୍ଡା,ରାଧାନାଥ ପଣ୍ଡା,ମନୋରଂଜନ ପଣ୍ଡା,ନିରଜଂନ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ଯଥାରୀତି ପୂଜାକାର୍ଯ୍ୟ ଓ ଅଗ୍ନୀସଂଯୋଗ କରାଯାଇଥିଲା । ସ୍ଥାନୀୟ ଅ ଳର ବିଭିନ୍ନ ଗ୍ରାମରୁ ଆସିଥିବା ୧୬ଜଣ ପଣ୍ଡିତଙ୍କ ଦ୍ୱାରା ଭାଗବତ ଓ ଗୀତା ପାଠ କରାଯାଇ ସଂଧ୍ୟାରେ ପୁର୍ଣ୍ଣାହୁତି ହୋଇଥିଲା । ଗ୍ରାମ ଓ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିଭୂକୃପା ଲାଭ କରିଥିଲେ । କରୋନା କଟକଣାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଅଧାପକ ପଦ୍ମନାଭ ପଣ୍ଡା,ସମାଜସେବୀ ପ୍ରସନ୍ନ କୁମାର ମହାରଣା,ଆକାଶ ସାହୁ,ରଙ୍ଗାଧର ସାହୁ,ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ରଙ୍ଗାଧର ସାହୁ,କିଶୋର ଚନ୍ଦ୍ର ସାମଲ,ପଦନ ବାରିକ ପ୍ରମୁଖ ପୂଜାକାର୍ଯ୍ୟ ପରିଚ୍ଳନାରେ ସହଯୋଗ କରିଥିଲେ ।

# ଚିତ୍ରକୋଣ୍ଡାରେ ଏରଟେଲ କମ୍ପାନୀ ର ୪ଜି ସେବା ଆରମ୍ଭ

ମାଲକାନଗିରି, ୨୬ ନଭେମ୍ବର (ହି.ସ.)-ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ପଂଚାୟତ ସମିତି ଅନ୍ତର୍ଗତ ୧୮ ଗୋଟି ଗ୍ରାମ ପଂଚାୟତର ହଜାର ହଜାର ଜନସାଧାରଣ ଦୀର୍ଘ ବର୍ଷ ହେଲା କେବଳ ଗୋଟିଏ ମାତ୍ର ବିଏସଏନଏଲ ନେଟୱାର୍କ ଉପରେ ନିର୍ଭର କରି ଚାଲି ଆସୁଥିଲେ । ଅଧାଦିନ ନେଟୱାର୍କ ରହୁଥିବା ବେଳେ ଅଧା ଦିନ ନେଟୱାର୍କ ନଥାଏ ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ବ୍ୟାଙ୍କ ସେବା ଓ ସମସ୍ତ କାର୍ଯ୍ୟାଳୟ କାମରେ ପ୍ରତିବନ୍ଧକ ଦେଖାଦେଉଥିଲା । ଏପରିକି ସମସ୍ତ ପ୍ରକାରର ଅନଲାଇନ ସେବାରୁ ବଂଚିତ ହୋଇ ଆସୁଥିଲେ । ବହୁ ଦିନର ପ୍ରତୀକ୍ଷା ପରେ ଜିଲା ପ୍ରଶାସନ ତଥା ପୋଲିସ ପ୍ରଶାସନିକ ବହୁ ଅଧିକାରୀ ଓ ସ୍ଥାନୀୟ ବହୁ ସମାଜସେବୀଙ୍କ ମିଳିତ ଉଦ୍ୟମ ଓ ସହଯୋଗରେ ଆଜି ଠାରୁ ଏରଟେଲ ଭାରତୀ ଟାୱାର ସେବା ଆରମ୍ଭ ହୋଇ କାର୍ଯ୍ୟକାରି ହୋଇଛି ଫଳରେ ଉକ୍ତ ଅଂଚଳରେ ୪ଏ ଏରଟେଲ ଚାଲୁଥିବାର ଦେଖିବାକୁ ମିଳିଛି । ଆଗରୁ ବିଏସଏନଏଲ ସେବାରେ ବହୁ ସମସ୍ୟା ହେଉଥିଲା । ଏରଟେଲ ନେଟୱାର୍କ ସେବା କାର୍ଯ୍ୟକାରି ହେବା କ୍ଷଣି ମୋବାଇଲରେ ଟାୱାର ଥିବାର ଦେଖାଇଲା । ଏବେ ଉକ୍ତ ଅଂଚଳର ଲୋକେ ଏରଟେଲ ନମ୍ବର ରୁ କଥା ହେବା ସହ ଭିଡ଼ିଓ କଲ ଓ ନେଟ ଚଲାଇ ପାରୁଛନ୍ତି । ଚିତ୍ରକୋଣ୍ଡା ଜନସାଧାରଣଙ୍କ ମୁହଁରେ ହସ ଫୁଟି ଉଠିଛି । ୬ମାସ ହେଲା ଉକ୍ତ ଅଂଚଳରେ ଉକ୍ତ ଟାୱାର କାମ ଚାଲିଥିଲା ତାହା ଆଜି ସଫଳ ହୋଇଥିବାର ଦେଖିବାକୁ ମିଳିଛି । କିଛି ଦିନ ହେଲା ସ୍ୱାଭିମାନ ଅଂଚଳରେ ଏରଟେଲ ସେବା କାର୍ଯ୍ୟକାରୀ ହୋଇଥିଲା । ଖୋଦ ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାରେ କେବଳ ବିଏସଏନଏଲ ଟାୱାର ବ୍ୟବହାର କରି ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଆସୁଥିଲେ । ଉକ୍ତ ସେବାରେ ଲୋକେ ଅତିଷ୍ଠ ହୋଇ ରହିଥିଲେ । ଆଜି ସେ ସମସ୍ୟା ଦୂର ହୋଇଛି । ସଭିଙ୍କ ମୁହଁରେ ହସ ଫୁଟୁଛି ସେହିଭଳି ଭାବରେ ଟନେଲକ୍ୟାମ୍ପ ଠାରେ ଏରଟେଲ ଟାୱାର ବସିବା ସହିତ ନେଟୱାର୍କ ସେବା କାର୍ଯ୍ୟକାରୀ ହୋଇଛି ।

# ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ

ବାରିପଦା,୨୬ ନଭେମ୍ବର (ହି.ସ.)- ବାରିପଦାସ୍ଥିତ ମାହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅତୁଲ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ଓ ଅମିତାଭ ମିଶ୍ର ବକ୍ତବ୍ୟ ଉପସ୍ଥାପନ କରି ଭାରତୀୟ ସମ୍ବିଧାନର ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ଉପସ୍ଥିତ ସମସ୍ତ ଶିକ୍ଷକ ଓ ଶୀକ୍ଷୟତ୍ରୀମାନେ ସମ୍ବିଧାନର ସୁରକ୍ଷା ଓ ସଫଳ କାର୍ଯ୍ୟକାରିତା ସମ୍ପର୍କରେ ଶପଥପାଠ କରିଥିଲେ । ସେହିପରି ଶିକ୍ଷକ ଡ଼ଃ ଶଶୀଧର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସମୟରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏସକେ ରିଜୁଆନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତିର ଧାରଣା ଦ୍ୱିତୀୟ ଦିନରେ

ନୂଆପଡା, ୨୬ ନଭେମ୍ବର (ହି.ସ.)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଲୋୟର ଇନ୍ଦ୍ର ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମତିର ଗ୍ରାମ୍ୟ କମିଟି ତରଫରୁ ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଂଚିଛି । ଆଜିର ଧାରଣାରେ ୧୦ ଗୋଟି ବୁଡି ଗ୍ରାମ ସହ ଗୋଟିଏ ଆଂଶିକବୁଡି ଗ୍ରାମ ଯଥା ଲମ୍ବିପାଣି, ଦରଗାଁ, କାଳିମାଟି, ସନବାହାଲି, ହରିପୁର, ଝାଲକୁସୁମ, ବୁଡାଛାପର, କୋନାବିରା, ରଘୁପାଲି, କୋଟାମାଲ ଓ ବୋଲଧା ଗ୍ରାମର କ୍ଷତିଗ୍ରସ୍ତ ବିସ୍ଥାପିତ ମାନେ ସାମିଲ ଥିଲେ । ବିସ୍ଥାପିତ ସହାୟତା ସମିତିର ଉପଦେଷ୍ଟା କରୁଣାକର ହୋତା ସଭାପତିତ୍ୱ କରିଥିଲେ । ଧାରଣାରେ ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ, ସମ୍ପାଦକ ଗୋପିନାଥ ବୈଠାରୁ, ନିଳା ଳ ପ୍ରଧାନ, କରୁଣାକର ହୋତା, କିଶୋର ବେହେରା, ହୃଷୀକେଶ ବେହେରା, ଆଶାରାମ ଦଳ, ଧ୍ରୁବ ଦଳ, ଜୟରାମ ମାଝୀ, କାଳୀଦାସ ସୁନାନୀ, କିଶୋର କଠାର, ଯୋଗେନ୍ଦ୍ର ନାଗ, ତୁକା ସଗରିଆ, ନୀଳ ପ୍ରଧାନ, ନବୀନ ପ୍ରଧାନ, କିଶୋର ମାଝୀ,ଉମେଶ ପଟେଲଙ୍କ ସମେତ ଶତାଧିକ ବିସ୍ଥାପିତ ସାମିଲ ଥିଲେ । ଧାରଣାରେ ସରକାର ବିସ୍ଥାପିତ ମାନଙ୍କ ସମସ୍ୟା ସବୁର ସମାଧାନ କରାନଗଲା ପର୍ଯ୍ୟନ୍ତ ଧାରଣା ଜାରୀ ରଖିବାକୁ ନିଷ୍ପତି ନିଆଯାଇଥିଲା । ବିସ୍ଥାପିତଙ୍କ ମୁଖ୍ୟ ଦାବୀ ମାନଙ୍କ ମଧ୍ୟରେ ପ୍ରଶାସନିକ ସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପତି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ରାଶି ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଦାବୀ ରହିଛି ।

## ବିଜେପିର ଜୋନ ସ୍ତରୀୟ ପ୍ରସିକ୍ଷଣ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୨୬ ନଭେମ୍ବର(ହି.ସ.)- କେନ୍ଦ୍ରାପଡା ଜିଲ୍ଲା ବିଜେପି ସଂଗଠନ ପକ୍ଷରୁ ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୨ ଓ ୨୬ ନଂ ଜୋନର ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି ବୈଠକ ମହାକାଳପଡା ଠାରେ ଅନୁଷ୍ଠିତ ହୋଇଯାଇଛି । ୨୨ ନଂ ଜମ୍ବୁ ମଣ୍ଡଳର ପ୍ରଶିକ୍ଷଣ ଶିବିର ଡିସେମ୍ବର ୧ ଓ ୨ ତାରିଖରେ ହେବାକୁ ଥିବାବେଳେ , ୨୬ନଂ ତାଳସଙ୍ଗା ଚିତୋତ୍ପଳା ମଣ୍ଡଳର ପ୍ରଶିକ୍ଷଣ ଶିବିର ଡିସେମ୍ବର ୪ ଓ ୫ ତାରିଖରେ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି । ଏହି ପ୍ରସ୍ତୁତି ବୈଠକରେ ବିଜେପି ନେତା ବିଜୟ ପ୍ରଧାନ ଆଇଟି ସେଲ ସଂଯୋଜକ ତଥା ମଣ୍ଡଳ ପ୍ରଭାରୀ ଅଭିମନ୍ୟୁ ଗୋଛାୟତ, ମଣ୍ଡଳ ସଭାପତି ଶରତ ମହାନ୍ତି ଓ ସୁକେଶ ଗୁରୁଙ୍କ ସମେତ ପ୍ରଶାନ୍ତ ସେଠି, ସରୋଜ ନାୟକ, ଉଦୟନାଥ ଦାସ, ରବି ରଞ୍ଜନ ସାମଲ, ବିଭୂତି କାନୁନଗୋ, ହିରଣ୍ୟ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବୈଠକରେ ସାମିଲ ହୋଇଥିଲେ ।

# ଦୁଇ ଲୁଟେରାଙ୍କ ସମେତ ୫ ଗିରଫ

**୪୫୦ ଗ୍ରାମ୍ ସୁନା, ୧୦୦ ଗ୍ରାମ ରୂପା ଅଳଙ୍କାର, ନଗଦ ୨୩ ହଜାର ଟଙ୍କା, ଦାମୀ କାର୍ ଜବତ**

ଗଞ୍ଜାମ, ୨୬ ନଭେମ୍ବର (ହି.ସ.)- ବ୍ରହ୍ମପୁର ପୋଲିସ ଦୁଇ ଲୁଟେରାଙ୍କ ସମେତ ୫ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ସେମାନଙ୍କ ନିକଟରୁ ୪୫୦ ଗ୍ରାମ୍ ସୁନା ଅଳଙ୍କାର, ୧୦୦ ଗ୍ରାମ ରୂପା ଅଳଙ୍କାର, ନଗଦ ୨୩ ହଜାର ଟଙ୍କା, ଗୋଟିଏ କାର୍, ତିନୋଟି ମୋଟର ସାଇକେଲ ସମେତ ଟିଭି, କ୍ୟାମେରା ଓ ଲାପଟପ୍ ଆଦି ଜବତ କରିଛି ପୋଲିସ । ଏନେଇ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପି ପିନାକ ମିଶ୍ର ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏହି ଦୁଇ ଲୁଟେରା ବିଗତ ଦୁଇ ବର୍ଷ ହେଲା ବୈଦ୍ୟନାଥପୁର, ସଦର ଥାନା, ବଡ଼ବଜାର ଥାନା ଓ ଗୋସାଣି ନୂଆଗାଁ ଥାନା ଅଂଚଳରେ ୧୫ଟି ଅପରାଧିକ ମାମଲାରେ ସାମିଲ୍ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏଥି ସହିତ ସେମାନେ ମଣପୁରମ୍ ସଂସ୍ଥାରେ ବିଭିନ୍ନ ସମୟରେ ଚୋରା ସୁନା ବନ୍ଧକ ରଖି ୨୧ ଲକ୍ଷ ଟଙ୍କା ଉଠାଇଥିବା ମଧ ଜଣାପଡିଛି । ଏମାନଙ୍କୁ କୋର୍ଟଚାଲାଣ ପରେ ରିମାଣ୍ଡରେ ଅଣାଯିବ । ଉଭୟଙ୍କୁ ଜେରା ପରେ ସେମାନଙ୍କ ଏହି ରାକେଟରେ ଆଉ କେଉଁ ମାନଙ୍କ ସମ୍ପୃକ୍ତି ରହିଛି ତାହା ଜଣାପଡିବ ବୋଲି ଏସପି ସୂଚନା ଦେଇଛନ୍ତି । ଦୁଇ ଜଣ ଲୁଟେରାଙ୍କ ସହିତ ଆଉ ତିନି ଜଣ ମୋଟ୍ ୫ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ।

## ୩ ଦଫା ଦାବି ନେଇ ଛଟେଇ ଏଏନଏମ କର୍ମଚାରୀମାନଙ୍କ ଧରାଣା ୯ମ ଦିନରେ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଚିତା କାଟି ଗୁରୁବାର ପାଳିଲେ ଆନ୍ଦୋଳନକାରୀ ମହିଳା

ବାରିପଦା,୨୬ ନଭେମ୍ବର (ହି.ସ.)- କୋଭିଡ଼-୧୯ ମହାମାରୀ ମୁକାବିଲା ସାଙ୍ଗକୁ ଟିଏମସି ସେଣ୍ଟରରେ ରହୁଥିବା ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ସରକାର ୩ ମାସ ପର୍ଯ୍ୟନ୍ତ ଚାକିରୀ ନ ପାଇ ଘରେ ବସିଥିବା ତାଲିମ ପ୍ରାପ୍ତ ୪୦୨ ଜଣ ଏଏନଏମମାନଙ୍କୁ ଚୁକ୍ତି ଭିତିରେ ନିଯୁକ୍ତ ଦେଇଥିଲେ । ବର୍ତମାନ ମୟୂରଭଞ୍ଜ ଜିଲ୍ଲାରୁ କରୋନା ମହାମାରୀ ଶେଷ ହୋଇ ନ ଥିବା ବେଳେ ସରକାରଙ୍କ ନିଷ୍ପତି ଅନୁସାରେ ଜିଲ୍ଲାପ୍ରଶାସନ ଜିଲ୍ଲାରେ ଥିବା ସମସ୍ତ ଟିଏମସି ସେଂଟରଗୁଡ଼ିକୁ ବନ୍ଦ କରିଦେଇଛନ୍ତି । ଫଳରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚୁକ୍ତିଭିତିରେ ନିଯୁକ୍ତି ପାଇଥିବା ୪୦୨ ଏଏନଏମମାନଙ୍କୁ ସେମାନଙ୍କର ୩ ମାସର ଦରମା ନ ଦେଇ ଚାକିରୀରୁ ଛଟେଇ କରାଇ ଦେଇଛନ୍ତି । ଫଳରେ ଛଟେଇ ହୋଇଥିବା ଏଏନଏମମାନଙ୍କ ମଧରୁ ୩୯୬ ଜଣ ଏଏନଏମ ୩ ମାସର ଦରମା ପ୍ରଦାନ ସାଙ୍ଗକୁ ସେମାନଙ୍କୁ ଜିଲ୍ଲାରେ ଥିବା ବିଭିନ୍ନ ଚିକିତ୍ସାଳୟଗୁଡ଼ିକରେ ଖାଲିପଡ଼ିଥିବା ସ୍ୱାସ୍ଥ୍ୟସେବିକା ପଦବୀରେ ପୁନଃ ନିଯୁକ୍ତି ଆଦି ବିଭିନ୍ନ ଦାବି ପୂରଣ ନିମନ୍ତେ ଖରା, ବର୍ଷା, ଶୀତ, କାକରରେ ନିଜ ନିଜର ଛୋଟ ଛୋଟ ପିଲାମାନଙ୍କୁ ଧରି ଦିନ ଓ ରାତି ୨୪ ଘଂଟା ଚଳାଇଥିବା ଆନ୍ଦୋଳନ ଆଜି ନବମ ଦିନରେ ପହଁଚିଛି । ଆଜି ଆନ୍ଦୋଳନକାରୀ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ଚିତା କାଟି ମାର୍ଗଶୀର ମାସ ଗୁରୁବାର ପାଳନ କରିଥିବା ସମୟରେ ସନ୍ଧ୍ୟାରାଣୀ ଦାସ , ଦିପୀକା ନାୟକ, ଦୀପିକା ମଣ୍ଡଳ, ଶୁଭଦର୍ଶନୀ ଲେଙ୍କା, ସରିତା ଘୋଷ, ଅନିମା ଦାସ, ରୁନୀ ଦାସ, ଲକ୍ଷ୍ମୀ ମୁର୍ମୁ, ମିନତୀ ମହାନ୍ତ, ସୁଭଦ୍ରା ବାରିକ, ଶୁଭ୍ରାରାଣୀ ଦାସ, ମିନତୀ ଗିରି, ନିରୂପମା ପାଣି, ପ୍ରଭାସିନୀ ସାହୁ, ମାନସୀ ବେହେରା, ସଂଯୁକ୍ତା ମହାନ୍ତ, ତୃପ୍ତିଲତା ମହାନ୍ତ, ବନ୍ଦନା ମହାନ୍ତ, ସୁଚିସ୍ମିତା ଦାସ, ଗୀତାଞ୍ଜଳୀ ନାୟକ , ଜୟନ୍ତୀ ସାହୁ, ଗୀତାଞ୍ଜଳି ସୁର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ଗଞ୍ଜାମ ପୋଲିସର କାର୍ଯ୍ୟାନୁଷ୍ଠାନ : ୪୦ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ

**୨୯.୪ ଲିଟର ମଦ ଜବତ : ୨ ଗିରଫ : ୩ ଜୁଆଡ଼ି ଗିରଫ, ୬୪୨୦ ଟଙ୍କା ଜବତ**

ଗଞ୍ଜାମ, ୨୬ ନଭେମ୍ବର (ହି.ସ.)- ଗଞ୍ଜାମ ଜିଲ୍ଲା ପୋଲିସ ପକ୍ଷରୁ ୨୫ ତାରିଖ ସକାଳ ଠାରୁ ୨୬ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧରେ କୋଭିଡ଼୍ କଟକଣା ଉଲ୍ଲଙ୍ଘନକାରୀ, ବେପରୁଆ ଗାଡି ଚାଳକ, ବେଆଇନ ମଦ କାରବାର ଓ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରିଥିବା ବେପରୁଆ ଗାଡ଼ି ଚାଳକଙ୍କ ଠାରୁ ୪୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ମାସ୍କ ବ୍ୟବହାର କରୁନଥିବା ଲୋକଙ୍କ ଠାରୁ ଜୋରିମାନା ବାବଦକୁ ୫୦୦ ଟଙ୍କା ଆଦାୟ କରାଯାଇଛି । ଜୋରିମାନା ବାବଦକୁ ମୋଟ୍ ୪୦ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି । ସେହିପରି ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ମଦ ବ୍ୟବସାୟୀଙ୍କ ଉପରେ ଚଢ଼ଉ କରାଯିବା ସହିତ ଏସବୁ ସ୍ଥାନରୁ ୨୯.୪ ଲିଟର ମଦ ଜବତ ହୋଇଛି । ଏ ସଂକ୍ରାନ୍ତରେ ପୃଥକ୍ ପୃଥକ୍ ୨ଟି ମାମଲା ରୁଜ୍ଜୁ କରାଯାଇଛି । ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏହା ବ୍ୟତୀତ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇଛି । ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୬୪୨୦ ଟଙ୍କା ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜ୍ଜୁ ହୋଇଛି ।

# ରାଜ୍ୟରେ ୨୦୧୯-୨୦ ବର୍ଷରେ ପ୍ରାୟ ୮.୧୬ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦିତ

ଭୁବନେଶ୍ୱର, ୨୬ ନଭେମ୍ବର – ରାଜ୍ୟରେ ୨୦୧୯-୨୦ ବର୍ଷରେ ପ୍ରାୟ ୮ ଲକ୍ଷ ୧୬ ହଜାର ୪୫୮ ମେଟ୍ରିକ ଟନ ମାଛ ଉତ୍ପାଦିତ ହୋଇଛି । ଏଥି ମଧ୍ୟରୁ ମଧୁର ମାଛ ପ୍ରାୟ ୫ ଲକ୍ଷ ୪୩ ହଜାର ୪୯ ମେଟ୍ରିକ ଟନ ହୋଇଥିବା ବେଳେ ଖାରିପାଣି ମାଛ ପ୍ରାୟ ୧ ଲକ୍ଷ ୧୬ ହଜାର ୯୯ ମେଟ୍ରିକ ଟନ ଓ ସାମୁଦ୍ରିକ ମାଛ ପ୍ରାୟ ୧ ଲକ୍ଷ ୫୭ ହଜାର ୩୧୦ ମେଟ୍ରିକ ଟନ ରହିଛି । ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କର ଲିଖିତ ପ୍ରଶ୍ନର ଉତର ଦେଇ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ରାଜ୍ୟରେ ୨୦୧୯-୨୦ ବର୍ଷରେ ମାଛର ଚାହିଦା ପ୍ରାୟ ୬ ଲକ୍ଷ ୪୯ ହଜାର ୫୫୦ ମେଟ୍ରିକ ଟନ ଥିଲା । ରାଜ୍ୟରେ ଲୁଣି ମାଛ ଅପେକ୍ଷା ମଧୁର ଜଳ ମାଛ ପ୍ରତି ଖାଉଟି ମାନଙ୍କର ଅଧିକ ଆଗ୍ରହ ଥିବାରୁ ପଡୋଶୀ ରାଜ୍ୟ ଆନ୍ଧ୍ର, ପଶ୍ଚିମ ବଙ୍ଗ ଓ ଛତିଶଗଡରୁ ୪୬ ହଜାର ୨୭୩ ମେଟ୍ରିକ ଟନ ଆମଦାନୀ କରା ଯାଇଛି । ସେ କହିଛନ୍ତି ଯେ ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ନିମିତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଗ୍ରହଣ କରା ଯାଇଛି । ମାଛ ଚାଷ ପାଇଁ ୧୫୭୦ ହେକ୍‌ଟର ନୂତନ ପୋଖରୀ ଖୋଳା ଯାଇଛି । ଏହି ଯୋଜନା ମାଧ୍ୟମରେ ସରକାର ମତ୍ସ୍ୟ ବିହନ କେନ୍ଦ୍ର ପାରାଦୀପ ବନ୍ଦରର ତଟ ସୁରକ୍ଷା, ତାଳଚୁଆ, ତାଳସରୀ ଓ କିର୍ତନିଆ ଆଦି ମତ୍ସ୍ୟ ଅବତରଣ କେନ୍ଦ୍ରର ଆଧୁନିକୀକରଣ କରା ଯାଉଛି । ଏହା ବ୍ୟତୀତ ୨୨୫ଟି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିକୁ ୨ ଲକ୍ଷ ଟଙ୍କା ଲେଖାଏ ଆବର୍ତ ପୁଂଜି ପ୍ରଦାନ କରା ଯାଇଛି ।

## ସ୍ୱାଭିମାନ ଅଂଚଳରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳିବିନିମୟ, ଜଣେ ମାଓନେତା ମୃତ

ମାଲକାନଗିରି,୨୬ ନଭେମ୍ବର (ହି.ସ.)- ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳରେ ପୋଲିସ ଓ ମାଓବାଦୀ ମଧରେ ଗୁଳି ବିନିମୟ ହୋଇଛି । ଏହି ଗୁଳି ବିନିମୟରେ ମାଓନେତା କିଶୋରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଯନ୍ତ୍ରୀ ଜଙ୍ଗଲରେ ମାଓବାଦୀ-ଏସଓଜି ଯବାନଙ୍କ ମଧରେ ଗୁଳି ବିନିମୟ ହୋଇଥିଲା । ଘଟଣାସ୍ଥଳରୁ ଏକେ ୪୭ ଓ ଗୁଳିଗୋଳା ଜବତ କରାଯାଇଛି । ଏହି ଗୁଳିବିନିମୟରେ ଜଣେ ମାଓବାଦୀର ମୁତ୍ୟୁ ହୋଇଥବା ଓ ସେ ମାଓ ନେତା କିଶୋର ବୋଲି ଜଣାପଡିଛି । ଏବେବି ଉକ୍ତ ଅଂଚଳ ରେ ଏସଓଜି ଯବାନଙ୍କ ପକ୍ଷରୁ କମ୍ବିଂ ଅପରେସନ ଜାରି ରହିଛି ।

# ଏଲ୍‌ପିଜି ଗ୍ୟାସ୍ ବିତରଣକୁ ନେଇ ଅସନ୍ତୋଷ

ଖୋର୍ଦ୍ଧା- ୨୬.୧୧: ଦିନକୁ ଦିନ ଏଲ୍‌ପିଜି ଗ୍ୟାସ୍ ବିତରଣ ନେଇ ସୁଧାର ଆସୁଥିବାବେଳେ ଖୋର୍ଦ୍ଧା ସହରରେ କିଛିଟା ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଘରେନେଇ ଗ୍ୟାସ୍ ପହଂଚାଇବାବେଳେ ଓଜନ କମ୍ ରହୁଥିବାର ଅନେକ ଉପଭୋକ୍ତା ଅଭିଯୋଗ କରୁଛନ୍ତି । ଗ୍ୟାସ୍ ଆଣି ଆସୁଥିବା ବ୍ୟକ୍ତିଙ୍କ ପାଖରେ ଓଜନ ଯନ୍ତ୍ର ରହୁନାହିଁ । ତେଣୁ ଠକି ହେବା ସାର ହେଉଛି । ତେବେ ନିଜେ ଯାଇ ଗ୍ୟାସ୍ ବିତରଣ କେନ୍ଦ୍ରରୁ ଆଣିଲେ ଯେତିକି ଓଜନ ରହୁଛି, ଘରେ ଆସି ପହଂଚାଇବାରେ ଓଜନ କମ୍ ରହୁଥିବାର ଅଭିଯୋଗକୁ ଗ୍ୟାସ ବିତରଣ କେନ୍ଦ୍ରଗୁଡ଼ିକ ଅସ୍ୱୀକାର କରିଛନ୍ତି । ଅପରପକ୍ଷେ ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟିକ ଉଦ୍ଦେଶ୍ୟରେ ନିୟୋଜିତ ହେବାର ଅଭିଯୋଗ ବହୁତ ପୁରୁଣା । ଅଧିକ ଗ୍ୟାସ୍ ବ୍ୟବହାର କରୁନଥିବା ଉପଭୋକ୍ତାମାନଙ୍କର ବଳକା ଗ୍ୟାସକୁ ବ୍ୟବସାୟିକ ସଂସ୍ଥାକୁ ଅଧିକ ମୂଲ୍ୟରେ ବିକ୍ରି କରାଯାଉଛି । ଏ ନେଇ ଏକ ର୍‌ୟାକେଟ୍ କାମ କରୁଥିବାର ଅଭିଯୋଗ ହେଉଛି । ଏହି ପରିପ୍ରେକ୍ଷୀରେ ରୀତିମତ ଯାଂଚ ହେବା ଜରୁରି ବୋଲି ଜନସାଧାରଣରେ ମତପ୍ରକାଶ ପାଇଛି । ଦ୍ୱିତୀୟତଃ ଘରେ ଡେଲିଭରୀ ଦେଉଥିବା ବ୍ୟକ୍ତି ପ୍ରତି ସିଲିଣ୍ଡର ପିଛା କୋଡ଼ିଏ-ପଚିଶ ଟଂକା ଅଧିକ ନେଉଥିବାର ଅଭିଯୋଗ ହେଉଛି । ଦିନକୁ ପଚାଶ ସିଲିଣ୍ଡର ଯୋଗାଇଦେଲେ ଦୈନିକ ଉପୁରି ହଜାରେ ଟଂକା । ଏହିପରି ମାସକେ କୋଡ଼ିଏ ପଚିଶ ହଜାର ଟଂକା ହାତ ଚିକ୍କଣ ହେଉଛି । ବିଭାଗୀୟ କର୍ତୃପକ୍ଷ ଏ ନେଇ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଭୋଟର ତାଲିକାର ସଂକ୍ଷିପ୍ତ ସଂଶୋଧନ ଅଭିଯାନ

## ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ପ୍ରଶାସନର ଆଲୋଚନା

ବାଲେଶ୍ୱର,୨୭।୧୧ (ନି.ପ୍ର): ସମ୍ପ୍ରତି ବାଲେଶ୍ୱର ଜିଲାରେ ଚାଲିଥିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିମାନଙ୍କ ସହ ଏକ ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରି ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଚଳିତମାସ ୨୮ ଓ ୨୯ ତାରିଖ ଏବଂ ଆସନ୍ତା ଡିସେମ୍ବର ୫ ଓ ୬ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଗ୍ରହଣ କରାଯାଇଥିବା ଜିଲାପାଳ କହିଥିଲେ। ତେବେ ବିଭିନ୍ନ ବୁଥରେ ରାଜନୈତିକ ଦଳ ଏଜେଣ୍ଟମାନେ ରହି ବୁଥସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ । ଜିଲ୍ଲାର ପ୍ରତି ବୁଥରେ ଏବେ ଭୋଟର ତାଲିକା ପ୍ରକାଶ ପାଇଛି। ଭୋଟର ତାଲିକା ଅନୁଧ୍ୟାନ ସହ ସେଥିରେ ଥିବା ତ୍ରୁଟିକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବା ଏବଂ ସଂଶୋଧନ ପାଇଁ ଭୋଟରଙ୍କୁ ସଚେତନ କରାଇବା ନିମନ୍ତେ ଜିଲାପାଳ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ କହିଥିଲେ । ଆସନ୍ତା ଡିସେମ୍ବର ୧୫ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଚାଲିବାକୁ ଥିବା ବେଳେ ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସହ ନୂତନ ଯୁବ ଭୋଟରମାନେ କିଭଳି ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବେ ସେଥିପ୍ରତି ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ଯେଉଁମାନଙ୍କର ବୟସ ୦୧ ଜାନୁଆରୀ ୨୦୨୧ ସୁଦ୍ଧା ୧୮ ବର୍ଷ ହୋଇଛି ସେମାନେ ୬ ନମ୍ବର ଫର୍ମ ମାଧ୍ୟମରେ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ ଏହି ବୈଠକରେ ଯୋଗଦେଇ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସଂଶୋଧନ ପ୍ରକ୍ରିୟାରେ ବିଭିନ୍ନ ଫର୍ମର ଉଚିତ ବ୍ୟବହାର ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଉପ-ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ସହକାରୀ ଜିଲାପାଳ ସତ୍ୟଜିତ୍ ମହାନ୍ତି, ମନୋଜ ସେନାପତି, ରାଜନୈତିକ ଦଳ ପ୍ରତିନିଧି ଭୁବନାନନ୍ଦ ଦାସ, ଭାଗବତ ପ୍ରତିହାରୀ, କେଶବ କୁମାର ଆଚାର୍ଯ୍ୟ, ସନତ କୁମାର ଦାସଙ୍କ ସମେତ ବିଭାଗୀୟ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ ।

## ଜାମପୁର ଗ୍ରାମହେଲା ବାଲ୍ୟବିବାହ ମୁକ୍ତ

ଜଳେଶ୍ୱର,୨୭।୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋର୍ଟସାହି ଗ୍ରାମପଂଚାୟତ ଅଧିନ ଜାମପୁର ଗ୍ରାମକୁ ବାଲ୍ୟବିବାହମୁକ୍ତ ଗ୍ରାମଭାବେ ପରିଣତ କରିବାଲାଗି ଆଜି ଶୁକ୍ରବାର ଅପରାହ୍ନରେ ଜଳେଶ୍ୱର ବ୍ଲକ ମହିଳା ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ , ସରପଂଚ ମଂଜୁବାଳା ପ୍ରଧାନ, ୱାର୍ଡ ସଭ୍ୟା ପୁଷ୍ପିତା ଜେନା ପ୍ରମୁଖ ଉପସ୍ଥିତ ହୋଇ ବାଲ୍ୟବିବାହର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ଜାରି ରଖିଥିଲେ । ୧୮ବର୍ଷ କମ୍ ଝିଅ ଓ ୨୧ ବର୍ଷରୁ କମ୍ ପୁଅ ବିବାହ କରିବା ଏକ ଦଣ୍ଡନୀୟ ଅପରାଧ ଓ ଏହାକୁ ସମସ୍ତେ ପାଳନା କରିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ । ଜାମପୁର ରାଜସ୍ୱ ଗ୍ରାମକୁ ଜଳେଶ୍ୱର ଆଇସିଡିଏସ୍ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଗ୍ରାମରୂପେ ଗ୍ରହଣ କରାଯାଇଥିବାରୁ ଉପସ୍ଥିତ ଗ୍ରାମବାସୀମାନେ ଅଭିନନ୍ଦନ ଜଣାଇଥିଲେ । ଏଥିରେ ଅଙ୍ଗନୱାଡ଼ି କର୍ମୀ ସବିତା ପରିଡା ପରିଚାଳନା କରିଥିବା ବେଳେ ପଂଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଗ୍ରାମର ମହିଳା, ଏସ୍ଏଚ୍ଜି ଗ୍ରୁପ, ବହୁ ନାବାଳକ ଓ ନାବାଳିକା ତଥା ବୁଦ୍ଧିଜିବୀମାନେ ଉପସ୍ଥିତ ରହି ସମସ୍ତେ ଶପଥପାଠ କରିଥିଲେ ।

## ଶ୍ମଶାନ ଜମିରୁ କଲ୍ୟାଣମଣ୍ଡପ ସ୍ଥାନାନ୍ତର ଦାବି

ବାଲେଶ୍ୱର,୨୭।୧୧ (ନି.ପ୍ର): ସରକାରୀ ଅନୁଦାନରେ ପତ୍ରିପାଳ ଗ୍ରାମପଞ୍ଚାୟତରେ କଲ୍ୟାଣମଣ୍ଡପ ନିର୍ମାଣକୁ ନେଇ ଉଠିଥିବା ବିବାଦ କ୍ରମଶଃ ଜଟିଳ ହେବାରେ ଲାଗିଛି। ବିବାଦୀୟ ଜମିରେ ହେଉଥିବା କଲ୍ୟାଣମଣ୍ଡପ ନିର୍ମାଣକୁ ରେମୁଣା ତହସିଲଦାର ଓ ବିଡିଓ ବନ୍ଦ କରିଦେଇଥିଲେ। ମାତ୍ର ଏହାକୁ ନେଇ ନିକଟ ଅତୀତରେ ସ୍ଥାନୀୟ ସରପ ଓ ୱାର୍ଡ଼ ମେମ୍ବରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏବେ ପୂର୍ବ ନିର୍ଦ୍ଧାରିତ ବାଲିପାଳରେ କଲ୍ୟାଣମଣ୍ଡପ କାର୍ଯ୍ୟ ଆରମ୍ଭ ହେବା ପରେ ସ୍ଥାନୀୟ ବାସିନ୍ଦା ଏହାକୁ ବନ୍ଦ କରିବାକୁ ଜିଲ୍ଲାପାଳଙ୍କଠାରେ ଆପତ୍ତି କରିଛନ୍ତି। ଗୋଚର ଓ ଶ୍ମଶାନ ଜମିରେ ଏହି କଲ୍ୟାଣମଣ୍ଡପ ନିର୍ମାଣ ହେଉଥିବା ବେଳେ ଆଗାମୀ ଦିନରେ ଶବଦାହ ଓ ଗୋରୁଛେଳି ଚରିବା ପାଇଁ ବହୁ ସମସ୍ୟା ଉପୁଜିବ ବୋଲି ଗ୍ରାମବାସୀମାନେ କହିଛନ୍ତି। ବିଶେଷ କରି ଏଠାରେ କଲ୍ୟାଣମଣ୍ଡପ ହେବା ଦ୍ୱାରା ନିକଟରେ ଥିବା ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ପିଲାଙ୍କ ପାଠପଢ଼ାରେ ବ୍ୟାପକ କ୍ଷତି ହେବ ବୋଲି ସେମାନେ ଆଶଙ୍କା ପ୍ରକଟ କରିଛନ୍ତି। ବାଲିପାଳ ଶ୍ମଶାନରୁ ଏହି କଲ୍ୟାଣମଣ୍ଡପକୁ ସ୍ଥାନାନ୍ତର ସହ ପତ୍ରିପାଳ ପଞ୍ଚାୟତର ଉଚିତ ସ୍ଥାନରେ ପ୍ରତିଷ୍ଠା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଏନେଇ କ୍ଷେତ୍ର ତଦନ୍ତ ସହ ସ୍ଥାନ ନିରୂପଣ ପାଇଁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ଗ୍ରାମବାସୀମାନେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ସମିତି ସଭ୍ୟ ଅଜୟ କୁମାର ମହାଳିକ, ସନାତନ ସାହୁ, ନୟନ ସ, ଦୀପକ ସେଠୀ ପ୍ରମୁଖଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ପାଇଁ ସରକାର ଦେଇଛନ୍ତି ୬୯୨.୬୮୦ ଏକର ଜମି

ଭୁବନେଶ୍ୱର,୨୭।୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମୁହାଣରେ ବନ୍ଦର ପ୍ରତିଷ୍ଠା ପାଇଁ ୨୦୦୮ରେ କ୍ରିଏଟିଭ୍ ପୋର୍ଟ ଡେଭଲପମେଂଟ ଲିଃ (ବର୍ତ୍ତମାନ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍) ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ରାଜ୍ୟ ସରକାର ୨୦୧୮ ଜାନୁଆରୀ ୨୯ରେ ୬୯୨.୬୮୦ ଏକର ଜମି ହସ୍ତାନ୍ତର କରିଛନ୍ତି। ବର୍ତ୍ତମାନ ଡିଟେଲଡ୍ ଟେକ୍ନିକାଲ ପ୍ରପୋଜାଲ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରକାଶ କରିଛନ୍ତି। ସଭ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ଅଣତାରକା ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ବନ୍ଦର ପ୍ରତିଷ୍ଠା ପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଠାରୁ ମିଳିଥିବା ପରିବେଶଗତ ମଂଜୁରୀ ୨୦ ମାର୍ଚ୍ଚ ୨୦୧୯ରେ ଶେଷ ହୋଇଥିବା ବେଳେ ଏହାକୁ ୨୦ ମାର୍ଚ୍ଚ ୨୦୨୨ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବନ୍ଦରକୁ ସଂଯୋଗ କରୁଥିବା ବସ୍ତା ବାଲିଆପାଳଚଉମୁଖ ସଡକର ସଂପ୍ରସାରଣ ପାଇଁ ଜମି ଅଧିଗ୍ରହଣ ଚାଲିଛି।

## ଭାଜପା ତରଫରୁ ସମ୍ବିଧାନ ଦିବସ ପାଳିତ



ଉଦଳା,୨୭।୧୧ (ନି.ପ୍ର): ଭାରତୀୟ ଜନତାପାର୍ଟି ଉଦଳା ଶାଖା ତରଫରୁ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଚଳିତ ନଭେମ୍ବର ୨୬ ତାରିଖ ଗୁରୁବାର ଦିନ ସମ୍ବିଧନ ଦିବସ ପାଳିତ ହୋଇ ଯାଇଛି । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ପଣ୍ଡା, ନିହାର ରଂଜନ ମୋଦି, ବରିଷ୍ଠନ ନେତା କମଳ କୁମାର ଧଳ, ପ୍ରଭାତ କୁମାର ପରିଡ଼ା, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୁର୍ବତନ ଅଧକ୍ଷ ସୌଭାଗ୍ୟ କୁମାର ସାହୁ ଯୋଗ ଦେଇ ସମ୍ବିଧାନ ପ୍ରଣୟିତା ଡ଼. ବାବାସାହେବ ଆମ୍ବେଦକରଙ୍କ ଫୋଟ ଚିତ୍ରରେ ଧୂପ ଦୀପ, ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଛୁଆଁ ଅଛୁଆଁ ଭେଦଭାବ ଭିତରେ ବାବା ସାହେବ ଆମ୍ବେଦକରଙ୍କ ଦେଶ ପାଇଁ ସଂଘର୍ଷମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଦେଶର ସମସ୍ତ ବର୍ଗର ବ୍ୟକ୍ତି, ମହିଳା, ଦେଶର ଅର୍ଥନୀତି ସବୁକୁ ଦୃଷ୍ଟିରେ ରଖି ଦିର୍ଘ ୨ ବର୍ଷ ୧୧ ମାସ ୧୮ ଦିନ ଅନବରତ ଚେଷ୍ଟା କରି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ସେ ସମୟର ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ହାତକୁ ସମ୍ବିଧାନ ଟେକି ଦେଇଥିଲେ । ଯାହାକି ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ଆସୁଅଛି । ଆମର ପ୍ରାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ପରିକଳ୍ପନାର ଭାରତ ପାଇଁ ଆପ୍ରାଣ ଉଦ୍ୟମ କରିଆସୁଛନ୍ତି ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଉଦଳା ନଗର ମଣ୍ଡଳ ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱରଂଜନ ମୋଦି, ଆଦର୍ଶ ଜେନା ପ୍ରମୁଖ ସହଯୋଗ କରିଥିଲେ । ନଗର ସାଧାରଣ ସଂପାଦକ ସୁଭଦିପ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଚୋରା ବାଲି ଟ୍ରାକ୍ଟର ଜବତ : ଡ୍ରାଇଭର କୋର୍ଟ ଚାଲାଣ

କୋରେଇ,୨୭।୧୧ (ନି.ପ୍ର): ପାଣିକୋଇଲି ପୁଲିସ ଚୋରା ବାଲି ଗାଡି ଉପରେ ତୀକ୍ଷ୍ଣ ନଜର ରଖିଛି । ଆଜି ମାଳଆନ୍ଦପୁରରୁ ଆସୁଥିବା ଏକ ବାଲି ଟ୍ରକାକ୍ଟରକୁ ରୁଢ଼ିଆ ଠାରେ ଯାଂଚ ସମୟରେ ସେ ବାଲିର କୌଣସି କାଗଜପତ୍ର ଦର୍ଶାଇପାରି ନଥିଲା । ଫଳରେ ବାଲି ଟ୍ରକ୍ଟରଟିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରାଯାଇଥିଲା । ଗିରଫ ଡ୍ରାଇଭର ଯାଜପୁର ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ଗ୍ରାମର ମଦନ ଯେନାଙ୍କ ପୁଅ ଅରବିନ୍ଦ(୩୦) ପୁଲିସ ସୂତ୍ରରୁ ପ୍ରକାଶ । ଏନେଇ ଏକ ମାମଲା ୨୭୯/୨୦ ରୁଜୁ କରାଯାଇ ଗିରଫ ଅରବିନ୍ଦକୁ କୋଭିଡ ଟେଷ୍ଟ ପରେ ଦଫା ୩୭୯ ଓଡିଶା ମାଇନ୍ସ ଏଣ୍ଡ ମିନେରାଲ ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି ।

## ରାୟଗଡା ନିୟନ୍ତ୍ରଣ ବଜାର କମିଟି ପକ୍ଷରୁ ଧାନ ଓ କପା ମଣ୍ଡିର ଶୁଭାରମ୍ଭ



ରାୟଗଡ଼ା ,୨୭।୧୧ (ନି.ପ୍ର): ଶୁକ୍ରବାର ୨୭ ତାରିଖ ଦିନ ରାୟଗଡା ନିୟନ୍ତ୍ରଣ ବଜାର କମିଟି ତରଫରୁ ଧାନ ଓ କପା ମଣ୍ଡିର ଶୁଭାରମ୍ଭ ହୋଇଯାଇଛି ଏହି ଉତ୍ସବରେ ରାୟଗଡାର ଚାଷୀ ରାଜେନ୍ଦ୍ର କୁମାର ନାୟକ ରିବନ୍ କାଟି ମଣ୍ଡିର ଶୁଭାରମ୍ଭ କରିଥିଲେ ସମ୍ମାନୀତ ଅତିଥି ଭାବେ ରାୟଗଡା ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ବେହେରା ଯୋଗଦେଇ ମା ମଝିଘରିୟାଣିଙ୍କ ଫୋଟୋ ରେ ପୁଷ୍ପ ମୂଲ୍ୟ ଅର୍ପଣ କରି ଦ୍ୱୀପ ପ୍ରଜ୍ୱଳନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଆଠ ଲକ୍ଷ କୁଇଣ୍ଟାଲ ଟାର୍ଗେଟ ଦିଆଯାଇଛି। ଚାଷୀ ମାନେ କିପରି ଟୋକନ ପାଇ ଧାନ ବିକ୍ରି କରିପାରିବେ ଓ ଠିକ୍ ସମୟରେ ଟଙ୍କା ପାଇପାରିବେ, ସେ ନେଇ ଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି । ଅନ୍ୟତମ ଅତିଥି ଭାବରେ ରାୟଗଡା ନିୟନ୍ତ୍ରଣ ବଜାର କମିଟିର ସେକ୍ରେଟାରୀ ଶ୍ରୀ ଅନିଲ କୁମାର ରଥ, ସି.ଏସ୍ ଓ ଶ୍ରୀ ରବିନ୍ଦ୍ର ବେହେରା, ଡିଆର୍‌ସିଏସ୍ ପ୍ରମୋଦ କୁମାର ସାହୁ ପ୍ରକ୍ୟୁମେଣ୍ଟ ନିରୀକ୍ଷଣ ବିହୁଦତ କିଷାନ ଜିଲ୍ଲା ସୁଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନ ସମେତ ଚାଷୀ ମିଲର୍ସ ମାନେ ଉପସ୍ଥିତ ଥିଲେ।

## ଗୋଟିଏ ଦିନରେ ସୁସ୍ଥ ହେଲେ ଆଉ ୯୦୮...

ସେହିପରି ବରଗଡ଼ରୁ ୨୬ ଓ ସମ୍ବଲପୁରରୁ ୨୪, ଭଦ୍ରକରୁ ୧୭,କନ୍ଧମାଳ,କୋରାପୁଟ ଓ ନବରଙ୍ଗପୁରରୁ ୧୨ ଲେଖାଏଁ, ଢେଙ୍କାନାଳ, ଗଞ୍ଜାମ ଓ ମାଲକାନଗିରିରୁ ୧୦ ଲେଖାଏଁ,ସୋନପୁରରୁ ୭, ବୌଦ୍ଧରୁ ୬, ଗଜପତିରୁ ୪, ନୟାଗଡ଼ରୁ ୩, ଦେବଗଡ଼ ଓ ରାୟଗଡ଼ାରୁ ୨ ଲେଖାଏଁ ଓ ରାଜ୍ୟପୁଲରୁ ୨୩ ଜଣ ସୁସ୍ଥ ହୋଇଛନ୍ତି ।

## ରାଜ୍ୟରେ ଆଉ ୧୪ ...

ଅନୁଗୁଳ ଜଣେ ୭୧ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଅନୁଗୁଳ ଜିଲ୍ଲାର ଜଣେ ୩୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜିଲ୍ଲାର ଜଣେ ୮୦ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୭୩ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୫୪ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ସେହିପରି ଭୁବନେଶ୍ୱରର ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ପୁରୀ ଜିଲ୍ଲାର ଜଣେ ୫୬ ବର୍ଷୀୟ ମହିଳାଙ୍କ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ନୟାଗଡ ଜିଲ୍ଲାର ଜଣେ ୪୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୫୩ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସୁନ୍ଦରଗଡ ଜିଲ୍ଲାର ୪୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୪୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୧ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି ।

## ସ୍ୱାଭିମାନ ଅଂଚଳରେ...

ସଂଗଠନରେ ସାମିଲ୍ ହୋଇଥିଲେ । ତାଙ୍କ ନାମରେ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପୂର୍ବରୁ ଘୋଷିତ ହୋଇଛି। ବର୍ତ୍ତମାନ ଆନ୍ଧ୍ର-ଓଡ଼ିଶା ବର୍ଡ଼ର ଜୋନାଲ୍ କମିଟି (ଏଓବିଜେଡ଼ସି)ରେ ସେ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ । ଛତିଶଗଡ଼ ଆନ୍ଧ୍ର ଓ ଓଡ଼ିଶାରେ ସଂଗଠିତ ଅନେକ ବଡ଼ ଧରଣର ମାଓ ହିଂସାକାଣ୍ଡରେ ତାର ସମ୍ପୃକ୍ତି ରହିଛି । ଆହତ ଅବସ୍ଥାରେ ଗିରଫ ହୋଇଥିବା ଲକ୍ଷ୍ମଣ ଠାରୁ ଅଧିକ ତଥ୍ୟ ସଂଗ୍ରହ ନେଇ ତାକୁ ପୋଲିସ ପକ୍ଷରୁ ପଚରା ଉଚୁରା ଜାରୀ ରହିଛି । ସର୍ଚ୍ଚ ଅପରେସନ ବେଳେ ଘଟଣାସ୍ଥଳରୁ ଯବାନ ମାନେ ଗୋଟିଏ ଏକେ-୪୭ ରାଇଫଲ୍, ତିନୋଟି ମାଗାଜିନ୍, ୪୦ ଜୀବନ୍ତ ଗୁଳି, ଗୋଟିଏ ଇନସାସ୍ ରାଇଫଲ୍, ଆଇଡି ଗୋଟିଏ, ୧୧ଟି ଇଲେକଟ୍ରୋନିକ ଡିଟୋନେଟର, ଦୁଇଟି ୱାକି ଟକି, ଗୋଟିଏ ୱାକି ଟକି ଚାର୍ଜର, କ୍ୟାମେରା ଫ୍ଲାସ୍ ୧ଟା, ଦୁଇଟି ରିମୋଟ୍ ଏବଂ ଗୋଟିଏ ଏଲିମିଟର, ଗୁଳି ରଖିବା ପାଇଁ ଉଦ୍ଦିଷ୍ଟ ୨ଟି ପାଉଚ୍, ଗୋଟିଏ ଛୁରୀ ଓ ମାଓ ପୁସ୍ତକ ଜବତ କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପରୀ ହତ୍ୟା ମାମଲାର...

ବିଧାୟକଦଳର ନେତା ନରସିଂହ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ . ଅର୍ଥ ମନ୍ତ୍ରୀ ନିରଂଜନ ପୂଜାରୀ, ସରକାରୀ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲିକ, ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ଆମନ୍ତ୍ରଣ କରିଥିଲେ। ବୈଠକ ପରେ ଗୃହର ବୈଠକ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଗୃହର କାର୍ଯ୍ୟ ଆରମ୍ଭକରିବା ମାତ୍ରେ ବିରୋଧୀ ଦଳର ସଦସ୍ୟ ମାନେ ହଟ୍ଟଗୋଳକୁ ଦୋହରାଇବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ଏଥିରୁ ନିବୃତ ରହି ଗୃହର କାର୍ଯ୍ୟରେ ସହଯୋଗ ଦେବା ପାଇଁ ସେମାନଙ୍କୁ ଅନୁରୋଧ କରିଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ ପରୀର ବାପା – ମା ତିନି –ଚାରି ମାସ ତଳେ ଥାନାରେ କେସ ଦେଇଥିଲେ। ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଗଲା ନାହିଁ। ବରଂ ସେମାନଙ୍କୁ ଧମକ ଚମକ ଦିଆଗଲା। କୌଣସି ଠାରୁ ସେମାନେ ନ୍ୟାୟ ନ ପାଇ ସେମାନେ ବିଧାନସଭା ସାମନାରେ ଆତ୍ମଦାହ ପାଇଁ ପ୍ରୟାସ କରିଥିଲେ। ଏହା ଠାରୁ ଅଧିକ କଣ ଦୁଃଖ ଥାଇପାରେ। ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରା ଯାଉ। କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଥିଲେ ଯେ ପରୀ ଘଟଣା ସାରା ରାଜ୍ୟରେ ପ୍ରତିକ୍ରିୟା ଦେଖା ଦେଇଛି। ମନ୍ତ୍ରୀଙ୍କ ଇସ୍ତଫା ସବୁ ଆଡେ ଦାବି କରା ଯାଉଛି। ମନ୍ତ୍ରୀଙ୍କୁ ଘଂଟ ଘୋଡାଉଛନ୍ତି। ଖୋଦ ବାଚସ୍ପତି ଯେଉଁ ଚାରୋଟି ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ଉତର ରଖିବାକୁ କହିଥିଲେ ହେଁ ମନ୍ତ୍ରୀ ଏହା କରି ନ ଥିଲେ। ଏହା ବାଚସ୍ପତିଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ। ଯଦି ବାଚସ୍ପତିଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରା ଯାଏ ତେବେ ଆମେ କାହାକୁ କହିବୁ ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତର ଦେଲେ ନାହିଁ ତେଣୁ ବାଚସ୍ପତି ମଧ୍ୟ ଉତରଦାୟୀ ହେବା ଦରକାର ବୋଲି କହିଥିଲେ। ମନ୍ତ୍ରୀଙ୍କ ନିରପେକ୍ଷ ତଦନ୍ତ ପାଇଁ ଆମେ ଏସଆଇଟି ଦାବି କରିଥିଲୁ। ପ୍ରଥମେ ଆପଣ କ୍ରାଇମ ବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଲେ। ଆମେ ହାଇକୋର୍ଟ ଜଜଙ୍କ ତତ୍ୱାବଧାନରେ ଏସଆଇଟି ତଦନ୍ତ ଦାବି କରୁଛୁ। ଶାସକ ଦଳର ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ କୋବିଡ ଭିତରେ ବିଧାନସଭା ଚାଲିଛି। ଆଜି ଗୃହରେ ମୁଖ୍ୟମନ୍ତ୍ରୀଙ୍କ ପରିଚାଳନାଧୀନ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବାର ଅଛି। ବିରୋଧୀଦଳର ସଦସ୍ୟ ମାନେ ଆଲୋଚନାରେ ଅଂଶଗ୍ରହଣକରି ଉକ୍ତ ଘଟଣା ସମ୍ପର୍କରେ ମତାମତ ରଖି ପାରିବେ। ତାହା ନ କରି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ବିରୋଧୀ ଦଳର ଆଲୋଚନା କରିବା ପାଇଁ ଆନ୍ତରିକତା ନାହିଁ।ପରେ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ବାଚସ୍ପତିଙ୍କୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଏହା ଉପରେ ବକ୍ତବ୍ୟ ରଖିବେ। ତେଣୁ ଶୃଙ୍ଖଳା ବଜାୟ ରଖା ଯାଉ। ବାଚସ୍ପତି କହିଥିଲେ ଯେ ଆଜି ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚଦାବି ରହିଛି। ଆପଣ ମାନେ ନିଜ ଆସନକୁ ଯାଆନ୍ତୁ। ମୁଖ୍ୟମନ୍ତ୍ରୀ ଦାବି ଉପରେ କିଛି ମନ୍ତବ୍ୟ ରଖିବାକୁ ଚାହୁଁଛନ୍ତି। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନସିଂ ମାଧ୍ୟମରେ କହିଥିଲେ ଯେ ପରୀ ଘଟଣା ତାଙ୍କୁ ମର୍ମାହତ କରିଛି। ଏହି ଘଟଣା ଉପରେ କ୍ରାଇମ ବ୍ରାଂଚ ତଦନ୍ତ ଆରମ୍ଭ ହୋଇଥିଲେ ହେଁ ବିରୋଧୀ ଦଳ ଯେଉଁ ଦାବି କରିଛନ୍ତି ସେ ଦାବି ଅନୁଯାୟୀ ଯଦି ଆବଶ୍ୟକ ହୁଏ ତେବେ ଏହି ମାମଲାର ଏସଆଇଟି ଜାଂଚ କରା ଯିବ। ତାଙ୍କ ସରକାର ଆଇନକୁ ସମ୍ମାନ ଦିଏ। ପରୀ ପରିବାରକୁ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ବିରୋଧୀ ଦଳର ସଦସ୍ୟ ମାନେ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ। ବିଜେପି ବିଧାୟକ ମାନେ କହିଥିଲେ ଯେ ମନ୍ତ୍ରୀଙ୍କୁ ବହିଷ୍କାର କରା ଯାଉ ଓ ସିବିଆଇ ଜାଂଚ କରା ଯାଉ। ଅପରାହ୍ନ ୩ଟାରେ ଗୃହର ଦ୍ୱିତୀୟାର୍ଦ୍ଧ ବୈଠକ ଆରମ୍ଭ ହୋଇଥିଲା। ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବାକୁ ଗଲା ବେଳେ ବିଜେପି ଦଳର ସଦସ୍ୟ ମାନେ ନିଜ ଦାବିରେ ଅଟଳ ରହି ଗୃହ ଭିତରେ ନାରାବାଜୀ କରିବା ସହ କାଗଜ ଚିରି ପୋଡିୟମ ଉପରକୁ ଫିଙ୍ଗିବାର ଦେଖା ଦେଇଥିଲା। ଏହା ବ୍ୟତୀତ ମନ୍ତ୍ରୀମଣ୍ଡଳରୁ ମନ୍ତ୍ରୀ ଅରୁଣ ସାହୁଙ୍କୁ ବହିଷ୍କାର କରା ଯାଉ ବୋଲି ଦାବି କରି ଥିଲେ। ବାଚସ୍ପତି ବାରମ୍ବାର ନିଜ ଆସନରୁ ଠିଆ ହୋଇ ସଂପୃକ୍ତ ବିଧାୟକ ମାନଙ୍କୁ ନିବେଦନ କରିବା ସହ ସିଟକୁ ଯାଇ ଗୃହ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ କହିଥିଲେ। କଂଗ୍ରେସ ସଭ୍ୟ ମାନେ ଗୃହରେ ଅନୁପସ୍ଥିତ ଥିବାର ଦେଖା ଯାଇଥିଲା। ବାଚସ୍ପତି କହିଥିଲେ ଯେ ବିରୋଧୀ ଦଳର ଦାବିକୁ ମୁଖ୍ୟମନ୍ତ୍ରୀ ବିଚାରକୁ ନେଇଥିବା ବେଳେ ବଜେଟ ଖର୍ଚ୍ଚ ଦାବି ଆଲୋଚନାରେ ଅଂଶଗ୍ରହଣ କରିବାକୁ ସେ ଅନୁରୋଧକରିଥିଲେ।

## ଶ୍ରୀଜୀଉଙ୍କ ଦୁର୍ଲଭ...

ଅବକାଶ, ପୂଜା ଶେଷ ୪ଟା ୩୫ ରେ ହୋଇଥିଲା । ସେହିପରି ସକାଳ ୭ଟାରେ ବେଶ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ୧୫ ମିନିଟ୍ ରେ ବେଶ ଶେଷ ହୋଇଥିଲା । ଶ୍ରୀଜୀଉଙ୍କ ନାଗାର୍ଜ୍ଜୁନ ବେଶ ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ହେଲେ ଚଳିତବର୍ଷ ମହାମାରୀ କରୋନା କଟକଣା ଯୋଗୁଁ ସାଧାରଣ ଭକ୍ତ ୨୫ ବର୍ଷ ପରେ ଅନୁଷ୍ଠିତ ହେଉଥିବା ଏହି ଦୁର୍ଲଭ ଦର୍ଶନରୁ ବଂଚିତ ରହିଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ବ୍ୟାରିକେଡ୍ ବାହାରେ ବହୁ ସଂଖ୍ୟାରେ ସ୍ଥାନୀୟ ଶ୍ରଦ୍ଧାଳୁ ଆସି ଶ୍ରୀଜୀଉଙ୍କ ପତିତପାବନ ଦର୍ଶନ କରି ଭାବବିନୋଦିଆ କଳା ଠାକୁରଙ୍କୁ ମନର ବ୍ୟଥା ଓ ହୃଦୟରୁ ଭକ୍ତିପୂତ ପ୍ରଣାମ ଜଣାଇ ଫେରି ଯାଉଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷେ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ରୋକିବାକୁ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚର୍ତୁପାର୍ଶ୍ୱରେ ରାତି ୨ଟାରୁ ୧୪୪ ଧାରା ଜାରୀ କରାଯାଇଛି । ଶ୍ରୀମନ୍ଦିରର ଚାରି ଦ୍ୱାରରେ ସ୍ୱତନ୍ତ୍ର ବାରିକେଡ୍ ସହ ଶ୍ରୀମନ୍ଦିରରେ ଚାରିଥାକିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ଦାୟୀତ୍ୱରେ ୨୫ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ରହିଛନ୍ତି । ୭୫ ଜଣ ପୁଲିସ ଅଧିକାରୀ, ୭ ଜଣ ଡିଏସପି, ୨ ଜଣ ଅତିରିକ୍ତ ଏସପି ନିୟୋଜିତ ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି ।

## ଜେଲ ଗଲେ ଆଇଏଫଏସ୍ ...

ଉଦୟପୁରରେ ଭିଜିଲାନ୍ସର ଚଢାଉ ସମୟରେ ଅଭୟକାନ୍ତ ପାଠକଙ୍କର ଘରୁ ମିଳିଛି ପ୍ରାୟ ୬୦ଲକ୍ଷ ଟଙ୍କା ନଗଦ ,୮୦୦ଗ୍ରାମର ସୁନା ଅଳଙ୍କାର ମିଳିବା ସହିତ ୨୩ ଲକ୍ଷ ଟଙ୍କାର ସୁନାଗହଣା କିଣାଯାଇଥିବାର କାଗଜପତ୍ର ଜବତ ହୋଇଥିଲା । ଅଭୟକାନ୍ତଙ୍କ ପୁଅ ଆକାଶଙ୍କ ଆକାଉଂଟରେ ୯.୪ କୋଟି ଟଙ୍କା ଜମା ହୋଇଥିବା ଜଣାପଡିଥିଲା। ଏହି ଟଙ୍କା ମଧ୍ୟରୁ କେବଳ ଭୁବନେଶ୍ୱରରେ ଜମା ହୋଇଛି ୮.୪ କୋଟି ଟଙ୍କା । ଅଧିକାଂଶ ଟଙ୍କା ଭୁବନେଶ୍ୱରର ସହିଦ ନଗର ଏବଂ ନୟାପଲ୍ଲୀରେ ଥିବା ଏଟିଏମ ମାଧ୍ୟମରେ ଜମାହୋଇଛି । ପୁଅ ଆକାଶ ନାଁରେ ମର୍ସିଡିଜ, ବିଏମଡବ୍ଲୁ, ଟାଟା ହାରିୟର ଭଳି ୩ଟି ଦାମୀ ଗାଡି ରହିଛି। ସେହିପରି ୩ଟି ୟାମାହା ଏଫଜେଡଏସ ମୋଟରସାଇକେଲ ମଧ ଆକାଶ ନାଁରେ ରହିଛି । ଅପରପକ୍ଷରେ ଅଭୟକାନ୍ତ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ କିଛି ବି ଠକେଇ ହୋଇନି । ସବୁ ଠିକ ଅଛି, ତାଙ୍କ ପୁଅର ମାସିକ ଦରମା କୋଟିଏ ଟଙ୍କା ।

## କର୍ଣ୍ଣାଟକ ବାଗଲକୋଟରେ...

ଏହି ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ବର୍ଜ୍ୟ ଏବଂ ସହରର ଆବର୍ଜନାରୁ ଗ୍ୟାସ ଉତ୍ପାଦନ କରାଯାଉଛି। ଏହି ପଦକ୍ଷେପ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ମଧ ସହାୟକ ହେବ। ପ୍ରଧାନମନ୍ତ୍ରୀ ମୋଦୀ ଜଣେ ଦାୟିତ୍ୱବାନ ବିଶ୍ୱ ନେତୃତ୍ୱ ଭାବରେ ସ୍ଥାୟୀ ତଥା ଜଳବାୟୁ ପରିବର୍ତ୍ତନ ହ୍ରାସ ପାଇଁ ଭାରତର ପ୍ରତିବଦ୍ଧତା ଦିଗରେ କାମ କରୁଛନ୍ତି। ଆମେ ପ୍ରତ୍ୟେକ କାର୍ଯ୍ୟରେ କିପରି ସ୍ୱଚ୍ଛ ମାର୍ଗ ହାସଲ କରିପାରିବା, ସେଥିପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଦରକାର । ଏହି ଅବସରରେ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ ଦିଲ୍ଲୀର ରାଣିଖେରା ଠାରେ ଆବର୍ଜନାରୁ ଉର୍ଜା ପ୍ଲାଂଟ ପାଇଁ ଗତକାଲି ଉତର ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନନ ସହ ଆଇଓସିଏଲ ମଧ୍ୟରେ ଏକ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି । ଏହି ପ୍ଲାଂଟ ୨୫୦୦ ମେଟ୍ରିକ ଟନ୍ ଆବର୍ଜନାରୁ ସିବିଜି ଉତ୍ପାଦନ କରିବ । ସେହିପରି ସିବିଜି ପ୍ଲାଂଟ ସ୍ଥାପନା ପାଇଁ ୬୦୦ ଏଲଓଆଇ ଜାରୀ ହୋଇଛି । ଆବର୍ଜନାରୁ ଅର୍ଥ କମାଇବା, ଆବର୍ଜନା ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ କାରଣରୁ ସମାଜକୁ ନିଶ୍ଚିତ ଉପକୃତ ହେବ । ନିକଟରେ ସତତ୍ କାର୍ଯ୍ୟକ୍ରମ ଅଧୀନରେ ଦେଶରେ ୯୦୦ ସିବିଜି ପ୍ଲାଂଟ ପ୍ରତିଷ୍ଠା କରିବା ପାଇଁ ଦେଶର ଅଗ୍ରଣୀ ଉର୍ଜା କମ୍ପାନୀ ଓ ସିବିଜି କ୍ଷେତ୍ରରେ ଟେକ୍ନୋଲୋଜି ଯୋଗାଇ ଦେବା ପାଇଁ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଏମଓୟୁ ସ୍ୱାକ୍ଷରିତ ହୋଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ୫ ବର୍ଷ ପାଇଁ ...

୨୦୧୬ ମସିହା ପାଇଁ ବରିଷ୍ଠ ଚିତ୍ରଶିଳ୍ପୀ ବନବିହାରୀ ପରିଡା, ୨୦୧୭ ପାଇଁ ବିଶିଷ୍ଟ ସ୍ଥପତି ଶ୍ୟାମ ସୁନ୍ଦର ପଟ୍ଟନାୟକ, ୨୦୧୮ ପାଇଁ ଜଗଦିଶ ଚନ୍ଦ୍ର କାନୁନ୍‌ଗୋ, ୨୦୧୯ ପାଇଁ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣା ଏବଂ ୨୦୨୦ ମସିହା ପାଇଁ ବିଶିଷ୍ଟ ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ଧର୍ମପଦ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଧର୍ମପଦ ଶିଳ୍ପୀଙ୍କୁ ୫ ଲକ୍ଷ ଟଙ୍କାର ଚେକ୍, ତାମ୍ରଫଳକ ଏବଂ ଉପଢୌକନ ଏବଂ ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀଙ୍କୁ ୧ ଲକ୍ଷ ଟଙ୍କା, ତାମ୍ର ଫଳକ ଏବଂ ଉପଢୌକନ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି । ସମ୍ବର୍ଦ୍ଧିତ ହେବାକୁ ଥିବା ଶିଳ୍ପୀମାନେ ହେଲେ ୨୦୧୬ ମସିହା ପାଇଁ ଚନ୍ଦ୍ର କୁମାର ସାମନ୍ତରାୟ, ଶରତ ଚନ୍ଦ୍ର ମହାନ୍ତି, ବସନ୍ତ କୁମାରୀ ସାମନ୍ତ, ବାଂଛାନିଧି ପଟ୍ଟନାୟକ ଓ ଯୋଗେଶ ପ୍ରସାଦ ଦାନୀ, ୨୦୧୭ ମସିହା ପାଇଁ ରାଧାଶ୍ୟାମ ବିଶୋଇ, ଦେବେନ୍ଦ୍ର ଦାସ, ବନମାଳି ମହାପାତ୍ର, ଲଲାଟମୋହନ ପଟ୍ଟନାୟକ ଓ ଡକ୍ଟର ଅଲେଖ ଚରଣ ସାହୁ, ୨୦୧୮ ମସିହା ପାଇଁ ଶ୍ରୀଧର ମହାରଣା, ଗୋକୁଳାନନ୍ଦ ଦାସ, ଟୁନେନ୍ଦ୍ର ପଟ୍ଟନାୟକ, କଳ୍ପତରୁ ମହାରଣା ଏବଂ ଅଶୋକ କୁମାର ମହାନ୍ତି,୨୦୧୯ ମସିହା ପାଇଁ ଶ୍ରୀନିବାସ ପଢିହାରୀ, ଲକ୍ଷ୍ମୀଧର ରଣା, ବ୍ରଜକିଶୋର ଜେନା, ପ୍ରଶାନ୍ତ କୁମାର ଦାସ ଓ ଗୌରାଙ୍ଗ ବାରିକି ଏବଂ ୨୦୨୦ ମସିହା ପାଇଁ ରବିନାରାୟଣ ରଥ, ବିଜୟ କୁମାର ପରିଡା, ପ୍ରଭାକର ମହାରଣା, ଦୀନବନ୍ଧୁ ମହାପାତ୍ର ଏବଂ ବୃନ୍ଦାବନ ମହାରଣା । ଏହି କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଂଜନ କୁମାର ଦାସ, ଲଳିତ କଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ,ଏକାଡେମୀର କାର୍ଯ୍ୟକାରୀ କମିଟି ସଦସ୍ୟ ପଂଚାନନ ସାମଲ, ଶ୍ୟାମ ସୁନ୍ଦର ମେହେର ଏବଂ ଅକ୍ଷୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଜଷ୍ଟିସ ବିକେ ପଟେଲ ...

ଜଷ୍ଟିସ ପଟେଲ ୨୦୧୭ ଜୁନ୍ ମାସରେ ରାଜ୍ୟ ଖାଉଟି ବିବାଦ ସମାଧାନ କମିଶନ ଅଧକ୍ଷ ଭାବେ ନିଯୁକ୍ତି ପାଇଥିଲେ। ତେବେ ଜାନୁୟାରୀ ମାସରେ ସେ ଏହି ପଦବୀରୁ ଅବସର ନେଇଥିଲେ। ଏବେ ତାଙ୍କୁ ରାଜ୍ୟ ସରକାର ନୂତନ ନିଯୁକ୍ତି ଦେଇଛନ୍ତି। ୧୯୫୩ ମସିହା ଜାନୁୟାରୀ ୨୪ରେ ସୁନ୍ଦରଗଡ଼ ଜିଲ୍ଲାରେ ଜନ୍ମିତ ଜଷ୍ଟିସ ପଟେଲ ରାଜ୍ୟ ଆଇନ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରିସାରିଛନ୍ତି। ସେ ୨୦୦୮ ଜାନୁୟାରୀରୁ ୨୦୧୫ ଜାନୁୟାରୀ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ସେ ରାଜ୍ୟ ସରକାରଙ୍କ ଅନେକ ପଦପଦବୀରେ କାର୍ଯ୍ୟ ସରିଛନ୍ତି।

# କୃଷି ଆଇନ୍ ବାତିଲ୍ ଦାବିରେ ପ୍ରତିବାଦ ଓ ଧାରଣା ଦ୍ୱିତୀୟ ଦିନରେ

ଭୁବନେଶ୍ୱର,୨୭।୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନ୍-୨୦୨୦ ବାତିଲ୍ ଦାବିରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଶୁକ୍ରବାର ଦ୍ୱିତୀୟ ଦିନରେ ଦେଶବ୍ୟାପୀ ପ୍ରତିବାଦ ଆହ୍ୱାନକୁ ସମର୍ଥନ ଜଣାଇ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକରେ ଏକ ପ୍ରତିବାଦ ଧାରଣା ଆୟୋଜିତ ହୋଇଯାଇଛି । ଗତକାଲି ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ, ବିକ୍ଷୋଭ,ରାସ୍ତାରୋକ, ଜେଲଭରୋ ଆନ୍ଦୋଳନ କରାଯାଇଥିଲଶ । ୨୬ ନଭେମ୍ବର ଧର୍ମଘଟର ସଫଳତା ପାଇଁ ଚାଷୀ-ମୂଲିଆ, ସଂଗଠିତ ଓ ଅଣ- ସଂଗଠିତ ଶ୍ରମିକ, ଛାତ୍ର-ଯୁବକ, ଆଦିବାସୀ-ଦଳିତ୍ ଓ ମହିଳା ମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ହାଡ଼ଭଙ୍ଗା ଶୀତ ମଧ୍ୟରେ ନିଜର ନ୍ୟାୟ ସଙ୍ଗତ ଅଧିକାର ପାଇଁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା କୃଷକ ମାନଙ୍କ ଉପରେ ପାଣି ମାଡ ଓ ଲାଠି ଚାଳନାକୁ ଏହି ପ୍ରତିବାଦ ଧାରଣାରେ ତୀବ୍ର ନିନ୍ଦା କରାଯାଇଥିଲା । ଏହି ପ୍ରତିବାଦ ଧାରଣାରେ ଅଖିଳ ଭାରତ କିଶାନ୍ ମହାସଭାର ଅଶୋକ ପ୍ରଧାନ, କିଶାନ୍ ପଟ୍ଟନାୟକ, ଅଖିଳ ଭାରତ କିଶାନ୍ ସଭାର ସୁରେଶ ପାଣିଗ୍ରାହୀ, ଅଗ୍ରଗାମୀ କିଶାନ୍ ସଭାର ଜ୍ୟୋତି ରଞ୍ଜନ ମହାପାତ୍ର, ଲୋକଶକ୍ତି ଅଭିଯାନର ରାଜ୍ୟ ନେତା ତଥା ଋଷିକୂଲ୍ୟା ରୟତ ମହାସଂଘର ଉପଦେଷ୍ଟା ପ୍ରଫୁଲ୍ଲ ସାମନ୍ତରା, ଏବଂ ଇନସାଫ୍ ର ନରେନ୍ଦ୍ର ମହାନ୍ତିଙ୍କ ସହିତ ପ୍ରତିବାଦ ପ୍ରତି ସଂହତି ଜଣାଇ ସିଟୁ ପକ୍ଷରୁ ପୁଷ୍ପା ଦାସ ଓ ଏ.ଆଇ.ସି.ସି.ଟି.ୟୁ ପକ୍ଷରୁ ମହେନ୍ଦ୍ର ପରିଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୃଷକ ନେତା ଜଗନ୍ନାଥ ମିଶ୍ର, ବାମପନ୍ଥୀ ନେତା ଯୁଧିଷ୍ଠିର ମହାପାତ୍ର , ଅଭିରାମ ବେହେରା, ଜୟନ୍ତ ଦାସ, କର୍ମଚାରୀ ନେତା ଦୁଷ୍ମନ୍ତ ଦାସ ଉପସ୍ଥିତ ଥିଲେ ।

## ରାଜ୍ୟର ବିଭିନ୍ନ ସଂସ୍ଥା ଉପରେ ୩୧୩୬.୮୬ କୋଟି ଟଙ୍କାର ଜଳ କର ବାକି

ଭୁବନେଶ୍ୱର,୨୭।୧୧ (ନି.ପ୍ର): ରାଜ୍ୟର ବିଭିନ୍ନ ଶିଳ୍ପ , ଖଣି, ବ୍ୟବସାୟିକ ସଂସ୍ଥା ଓ ରେଳବାଇ ଉପରେ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ୩୧୩୬.୮୬ କୋଟି ଟଙ୍କାର ଜଳ କର ବକେୟା ଅଛି। ବକେୟା ଥିବା ଜଳକର ଆଦାୟ ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବିଧାନସଭାକୁ ଜଣାଇଛନ୍ତି। ସଭ୍ୟ ସୌମ୍ୟ ରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ଏହା ମଧ୍ୟରେ କୋର୍ଟରେ ମାମଲା କରିଥିବା ସଂସ୍ଥା ମାନଙ୍କ ଉପରେ ବକେୟା ଥିବା ଜଳକରର ପରିମାଣ ୩୦୭୫.୫୫ କୋଟି ରହିଛି।

# ବାଲେଶ୍ୱରରେ ବି ନୟାଗଡ଼ ‘ପରୀ’ ନିଆଁ

## ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବି

ବାଲେଶ୍ୱର,୨୭।୧୧ (ନି.ପ୍ର): ବହୁ ଚର୍ଚ୍ଚିତ ନୟାଗଡ଼ ପରୀ ଅପହରଣ ଓ ହତ୍ୟା ମାମଲାର ନ୍ୟାୟ ଦାବ କରି ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଦିନ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ବିଜେପି ମହିଳା ମୋର୍ଚ୍ଚା ଜିଲା ସଭାପତି କମଳା ବନ୍ଧାଣୀଙ୍କ ନେତୃତ୍ୱରେ ସହରର ଫାଣ୍ଡିଛକଠାରେ ଆୟୋଜିତ ପ୍ରତିବାଦ ଓ ବିକ୍ଷୋଭ କାର୍ଯ୍ୟକମରେ ସିପ୍ରା ବାଜପେୟୀ, ଶୋଭନା ମହାନ୍ତି, ସୁମତିରାଣୀ ଦେ, ବିଷ୍ଣୁପ୍ରିୟା ଅଧିକାରୀ, ପିଙ୍କି ପ୍ରଧାନ, ଜୁବୁଲି ମହାନ୍ତି, ଯାନକୀ ମହାରଣା, ଅମିତା ଦାସ, ମିଳିରାଣୀ ବେହେରା, ଛବି ରାଉତ, ତରୁଲତା ମହାନ୍ତି, ଅବନ୍ତି ସାହୁ, ପାର୍ବତୀ ଜେନା, ମନୋରମା ମଲ୍ଲିକ ପ୍ରମୁଖ ଯୋଗ ଦେଇ ଶିଶି ଅପହରଣ ଓ ହତ୍ୟା ମାମଲାରେ ରାଜ୍ୟ ସରକାର ତଥା ପୁଲିସର ନିରବତାକ ତୀବ୍ର ସମାଲୋଚନା କରିଥିଲେ। ଓଡ଼ିଶାବାସୀଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାରଙ୍କ ଅବହେଳା ଅସହ୍ୟ ହୋଇ ଉଠିଥିବା ବେଳେ ପରୀ ହତ୍ୟାଘଟଣା ଏହାର ପ୍ରତିଫଳନ ବୋଲି ସେମାନେ ଆରୋପ ଉଠାଇଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ବାବୁଲା ନାୟକ ଓ ମନ୍ତ୍ରୀ ଅରୁଣ ସାହୁଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ଅଡିଓ କ୍ଲିପ୍ ଭାଇରାଲ ହେବାରେ ଲାଗିଛି। ଅତଏବେ ମୁଖ୍ୟ ଅଭିଯୁକ୍ତ ଶ୍ରୀ ନାୟକ ଓ ତାଙ୍କୁ ଆଶ୍ରୟ ଦେଉଥିବା ମନ୍ତ୍ରୀ ଶ୍ରୀ ସାହୁଙ୍କୁ ଗିରଫ ସହ ମନ୍ତ୍ରୀ ପଦରୁ ତାଙ୍କୁ ତୁରନ୍ତ ବହିଷ୍କାର ପାଇଁ ମହିଳା ମୋର୍ଚ୍ଚା କର୍ମକର୍ତ୍ତାମାନେ ଦାବି କରିଥିଲେ। ନତୁବା ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ମୋର୍ଚ୍ଚାର କର୍ମକର୍ତ୍ତା ଓ ସଦସ୍ୟାମାନେ ମନ୍ତ୍ରୀ ଶ୍ରୀ ସାହୁଙ୍କ ପୋଷ୍ଟରକୁ ପୋଡ଼ିଥିଲେ। ବିଜେପି ମହିଳା ମୋର୍ଚ୍ଚାର କର୍ମକର୍ତ୍ତାଙ୍କ ସମେତ ବହ ସଦସ୍ୟା ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



# କୁମୁଡ଼ାବାଲିରେ ଧାନ ମଣ୍ଡିର ଶୁଭାରମ୍ଭ



ଗୁଣୁପୁର ,୨୭।୧୧ (ନି.ପ୍ର): ଗୁଣୁପୁର ଉପଖଣ୍ଡ ମୁନିଗୁଡା ବ୍ଲକରେ ଥିବା କୁମୁଡା ବାଲିରେ ଧାନ ମଣ୍ଡିକୁ ଆଜି ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଉଦଘାଟିତ ହୋଇ ଯାଇଛି ।ଗୁଣୁପୁର ଆରଏମସି ଉପପ୍ରବନ୍ଧକ ତଥା ମୁନିଗୁଡା ଲ୍ୟାମ୍ପ ଅତିରିକ୍ତ ମୁଖ୍ୟ ଅଧିକାରୀ ଶ୍ରୀଯୁକ୍ତ ସମୀର କୁମାର ସ୍ୱାଇଁ, ମୁନିଗୁଡା ଲ୍ୟାମ୍ପ ଏମଡି ଅଦିତ ରନ ମହାକୁଡ଼, ଡାଟା ଅପରେଟର ମନୋଜ କୁମାର ସାହୁ, ଆରଏମସି କ୍ୱାଲିଟ ଏକଜାମିନର କୃଷ୍ଣଚନ୍ଦ୍ର ବାଉରୀ, ଅନାଦି ଚରଣ ଗୁରୁ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରି ମଣ୍ଡି ଉଦଘାଟିତ କରିଥିଲେ।କୁମୁଡ଼ାବାଲି ଧାନମଣ୍ଡିରେ ୪୦ଜଣ ଚାଷୀ ଉପସ୍ଥିତ ରହି ଅଧିକାରୀମାନଙ୍କ ସହିତ ଧାନ ବିକ୍ରୟକୁ ନେଇ ଆଲୋଚନା କରିଥିଲେ। ଏବେ କୋହଲା ପାଗକୁ ଲଘୁଚାପ ଜନିତ ବର୍ଷା ପାଇଁ ଚାଷୀ ତରତର ହୋଇ ଧାନ ଅମଳରେ ଲାଗିଛନ୍ତି । ଏଣୁ ଚାଷୀମାନଙ୍କ ବର୍ଷକର ଉତ୍ପାଦନ କିପରି ଭଲରେ ବିକ୍ରି ହୋଇ ପାରିବ ଆଉ ସେମାନେ କିପରି ଉପଯୁକ୍ତ ଅର୍ଥ ସଠିକ ସମୟରେ ପାଇପାରିବେ ତାହା ସେମାନଙ୍କ ଚିନ୍ତା ବୋଲି ଚାଷୀମାନେ କହିଥିଲେ। ଏଣୁ ଯଥାଶୀଘ୍ର ଚାଷୀମାନଙ୍କଠାରୁ ଧାନ କ୍ରୟ କରିବାକୁ ଚାଷୀ ମହଲରେ ତତ୍ପରତା ପ୍ରକାଶ ପାଉଛି।

## ଓଡ଼ିଶା ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକ ସଂଘରେ ସଭାପତିଭାବେ ଅରୁଣ ଦେ ମନୋନୀତ

ବାଲେଶ୍ୱର,୨୭।୧୧ (ନି.ପ୍ର): ବାଲେଶ୍ୱରର ପୂର୍ବତନ ବରିଷ୍ଠ ବିଧାୟକ ଓ ବିଶିଷ୍ଟ ଶ୍ରମିକ-କର୍ମଚାରୀ ସଂଗଠନର ନେତା ଅରୁଣ ଦେଙ୍କ (ଶାନ୍ତିକାନନ ସଂଲଗ୍ନ) ଘରୋଇ ବୈଠକ ବଙ୍ଗଳାରେ ଅବସରପ୍ରାପ୍ତ ସଂପାଦକ ସଂଘର ରାଜ୍ୟ ସଂପାଦକ ଶ୍ରୀ ଭଗବାନ ମହାପାତ୍ରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ନିମ୍ନ ୭ଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା । ଶ୍ରୀ ଅରୁଣ ଦେ (ବରିଷ୍ଠ ପୂର୍ବତନ ବିଧାୟକ)ଙ୍କୁ ସଂଘର ସମ୍ମାନୀତ ସଭାପତି ହିସାବରେ ସର୍ବସମ୍ମତ କ୍ରମେ ମନୋନିତ କରାଯାଇଛି । ଏତଦ୍‌ବ୍ୟତୀତ ବରିଷ୍ଠ ସମାଜସେବୀ ଓ ବାଲେଶ୍ୱରର ପୂର୍ବତନ କାଉନସିଲର ଶ୍ରୀ ପଦ୍ମଲୋଚନ ରାୟଙ୍କୁ ରାଜ୍ୟର ସଂଘର "ସଂଯୋଜକ" ଭାବେ, ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକ ସଂଘର ଭଦ୍ରକ ଜିଲ୍ଲା ସଭାପତି ଶ୍ରୀ ପ୍ରଫୁଲ୍ଲ କୁମାର ରାୟଙ୍କୁ ରାଜ୍ୟ ସଂଘର ଅନ୍ୟତମ ଉପସଭାପତି ଭାବେ, ବାଲେଶ୍ୱର ଜିଲ୍ଲା ସଂଘର ସଂପାଦକ ଶ୍ରୀ ପରମାନନ୍ଦ ପରିଡ଼ାଙ୍କ ରାଜ୍ୟ ସଂଘର ଅନ୍ୟତମ ସହକାରୀ ସଂପାଦକ ରୂପେ ସଂଘର ପ୍ରତିଷ୍ଠାତା ସାଧାରଣ ସଂପାଦକ ଶ୍ରୀ ଭଗବାନ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା ।ଚଳିତ ବିଧାନସଭା ସରିବା ପରେ ପରେ "ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକ" ମାନଙ୍କର "ମାସିକ ଅବସରକାଳୀନ ଭତ୍ତା" ମିଳିବା ସମ୍ବନ୍ଧରେ ଓଡ଼ିଶାର ମାନ୍ୟବର ପଞ୍ଚାୟତିରାଜ ମନ୍ତ୍ରୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରାଯିବ ବୋଲି ସଂଘର ନବନିର୍ବାଚିତ ସଭାପତି ଶ୍ରୀ ଅରୁଣ ଦେ ସୂଚନା ଦେଇଥିଲେ । ଏହାପରେ ଅବସରପ୍ରାପ୍ତ ପଞ୍ଚାୟତ ସଂପାଦକ ସଂଘର ସଂକ୍ଷିପ୍ତ ବୈଠକ ସାଙ୍ଗ କରାଯାଇଥିଲା ।

# ଭଦ୍ରକ ମହାବିଦ୍ୟାଳୟ ସବୁ କ୍ଷେତ୍ରରେ ଅବହେଳିତ

## ବିଶ୍ୱବିଦ୍ୟାଳୟ ମାନ୍ୟତା କେବେ ?

ଭଦ୍ରକ,୨୭।୧୧ (ନି.ପ୍ର): କରୋନା ସତର୍କତା ପାଇଁ ଦୀର୍ଘଦିନ ଧରି ବନ୍ଦ ହୋଇ ରହିଥିବା ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦ ବୈଠକ ଆଜି ପୁଣି ଅନୁଷ୍ଠିତ ହୋଇଛି। ସଂସଦର ନିଜସ୍ୱ ଗୃହରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ ଅଧିବକ୍ତା ନିତ୍ୟାନନ୍ଦ ଦାସ ଅଧକ୍ଷତା କରିଥିଲେ। ପୂର୍ବତନ ସମ୍ପାଦକ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅଧିବକ୍ତା ଦିବ୍ୟସିଂହ ନାୟକ, ଗତ ସେପ୍ଟେମ୍ବର ମାସରେ କଲେଜର ନତନ ଅଧକ୍ଷ ଦାୟିତ୍ୱ ନେଇଥିବା ଅଧକ୍ଷ ଉମାକାନ୍ତ ସାମଲ ଯୋଗ ଦେଇ ଭଦ୍ରକ ମହାବିଦ୍ୟାଳୟକୁ ଆଗାମୀ ନାକ୍ ଟିମ୍ ଗସ୍ତ ନେଇ ଆଲୋଚନା କରିଥିଲେ। ଏଥି ନିମନ୍ତେ ମହାବିଦ୍ୟାଳୟର ପରିପାଟୀ ସମେତ ଦୀର୍ଘ ଦିନ ଧରି କଲେଜ ବନ୍ଦ ଥିବା କାରଣରୁ କଲେଜର ବହୁବିଧ ସମସ୍ୟା ରହିଥିବା ଅଧକ୍ଷ ଶ୍ରୀଯୁକ୍ତ ସାମଲ ପ୍ରକାଶ କରିଥିଲେ। ପରେ ସଂସଦର ସମ୍ପାଦକ ଅଜୟ ନାୟକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ଉପସ୍ଥାନ ଠାରୁ ଆରମ୍ଭ କରି ଏହାର ଭିତ୍ତିଭୂମି ସବୁକିଛି ବିଶ୍ୱିଦ୍ୟାଳୟ ପାଇଁ ଅନୁକୂଳ ଥିବା ସତ୍ତ୍ୱେ ଏହା ବିଶ୍ୱ ବିଦ୍ୟାଳୟର ମାନ୍ୟତା ନ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ। ମହାବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଅଧାପକ ଅଧାପିକାଙ୍କ ଅଭାବ ନେଇ ଅଧକ୍ଷଙ୍କ ଦୃଷ୍ଟି ଅକାର୍ଷଣ କରାଯାଇଥିଲା। ଏହି କଲେଜକୁ ଯେ କେବଳ ବିଶ୍ୱିଦ୍ୟାଳୟର ମାନ୍ୟତା ମିଳି ପାରିନାହିଁ ତାହା ନୁହେଁ, ଏହା ସରକାରୀ ଅବହେଳାର ଏକ ପେଣ୍ଡୁ ପାଲଟି ଯାଇଛି। ଏହି କଲେଜ ପାଇଁ ସରକାରୀ ଉଦାସୀନତା ଅତ୍ୟନ୍ତ ଅସହ୍ୟ ବୋଲି ମତ ପ୍ରକାଶ ପାଇଥିଲା। ଏହା ଛଡା ମହାବିଦ୍ୟାଳୟର ପୂର୍ଣ୍ଣ ପାଚେରୀ, ଜମି ସମୂହର ପୁନରୁଦ୍ଧାର ଆଦି ବିଷୟରେ ଆଲୋଚନା କରାଯାଇ ପଦକ୍ଷେପ ନେବା ନିମନ୍ତେ ଅଧକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ବୈଠକରେ ପୁରାତନ ଛାତ୍ର ପବନ ଶର୍ମା, ଗୋବର୍ଦ୍ଧନ ସାମଲ, ଲକ୍ଷ୍ମୀକାନ୍ତ ବାରିକ, ଗୋକୁଳାନନ୍ଦ ମହାନ୍ତି, ବସନ୍ତ କୁମାର ମହାନ୍ତି, ଦୁର୍ଗା ଶଙ୍କର ଦାସ, ହରମୋହନ ଜେନା, ମନୋଜ କୁମାର ସାହୁ, ସଂଗ୍ରାମ କେଶରୀ ମହାନ୍ତି, ରୂପକ ବିହାରୀ ରାୟ, ଡ. ହରିହର ନାୟକ, ଅମରେନ୍ଦ୍ର ବିଶ୍ୱାଳ, ଗଦାଧର ବଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ। ପୁରାତନ ଛାତ୍ର ସଂସଦର ବୈଠକକୁ ନବ ନିଯୁକ୍ତ ଅଧକ୍ଷ ପ୍ରଥମ କରି ଆସିଥିବାରୁ ସଂସଦ ପକ୍ଷରୁ ଅମରେନ୍ଦ୍ର ବିଶ୍ୱାଳ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।



# ନବ ନିର୍ବାଚିତ ବିଜୁ ଯୁବ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୨୭।୧୧ (ନି.ପ୍ର): ବିଜୁ ଛାତ୍ର ଜନତା ଦଳ ବାଲେଶ୍ୱର ଶାଖା ପକ୍ଷରୁ ନବ ନିଯୁକ୍ତ ବିଜୁ ଯୁବ ଜନତା ଦଳ କର୍ମକର୍ତ୍ତାଙ୍କୁ ଶୁକ୍ରବାର ଦିନ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ କଳିଙ୍ଗ ହୋଟେଲ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ନିବ ନିଯୁକ୍ତ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ ଓ ବାଲେଶ୍ୱର ଜିଲା ସଭାପତି ତାପସ ପରିଡ଼ାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନାକୁ ନେଇ ଦୁଇ କର୍ମକର୍ତ୍ତା ସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଦଳୀୟ ସଂଗଠନକୁ ଆଗେଇ ନେବା ସହ ଯୁବଛାତ୍ରଙ୍କ ସମସ୍ୟା ସମାଧାନକୁ ସେମାନେ ଅଧିକ ଗୁରୁତ୍ୱ ଦେବେ ବୋଲି କହିଥିଲେ। ବଶେଷ କରି ତୃଣମୂଳ ସ୍ତରକୁ ଯାଇ ପଥଭ୍ରଷ୍ଟ ଯୁବଗୋଷ୍ଠୀଙ୍କୁ ସାମଜର ମୁଖ୍ୟ ସ୍ରୋତକୁ ଆଣିବା ସାଙ୍ଗକୁ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଉଚିତ ପଦକ୍ଷେପ ନିଆଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ। ଛାତ୍ରନେତା ଗୌତମ ରାଉତଙ୍କ ପ୍ରତ୍ୟକ୍ଷ ତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବକୁ ବିଜୁ ଛାତ୍ର ଓ ଯୁବ ଜନତା ଦଳର ବହୁ ସଦସ୍ୟ ପରିଚାଳନା କରିଥିଲେ।

# ପରିମଳ ଓ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଜଳେଶ୍ୱର,୨୭।୧୧ (ନି.ପ୍ର): ଗ୍ରାମାଂଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ଲୋକ ବସବାସ କରୁଥିବାରୁ ଅଧିକ ବର୍ଯ୍ୟବସ୍ତୁ ବାହାରିଥାଏ। ମାତ୍ର ସେଗୁଡିକ ସୁପରିଚାଳନା ନ ହେଲେ ପରିବେଶ ଦୂଷିତ ହେବା ସହିତ ରୋଗ ଜୀବାଣୁ ବ୍ୟାପିବାର ଭୟ ରହିଥାଏ । ଆଜି ଶୁକ୍ରବାର ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଥିବା ପରିମଳ ଓ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ ସ୍ଥାନୀୟ ଭଂଜ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୌର କାର୍ଯ୍ୟନିର୍ବାହି ଅଧିକାରୀ ଅଜୟ କୁମାର ମହାପାତ୍ର ପୌରହିତ୍ୱ କରି ସହରର ପ୍ରତିଘରୁ, ଡାକ୍ତରଖାନା, ଦୈନିକ ହାଟ, ଦୋକାନବଜାର ଓ ବିଭିନ୍ନ ସ୍ଥାନରୁ ବାହାରୁଥିବା ବର୍ଯ୍ୟବସ୍ତୁକୁ ଏଣେତେଣେ ନ ପକାଇ ତାହାକୁ ସୁପରିଚାଳନା କରି କମ୍ପୋଷ୍ଟରେ ପରିଣତ କରିବା ସହିତ ନିଜେ ସୁସ୍ଥ ରହିବାସହିତ ଅନ୍ୟମାନଙ୍କୁସୁସ୍ଥରହିବାର ବିଭିନ୍ନଉପାୟମାନ କହିଥିଲେ। ଚଳିତବର୍ଷ ଏକବ୍ୟାଟାରୀ ଚାଳିତ ବର୍ଯ୍ୟବସ୍ତୁ ସଂଗ୍ରହ ଗାଡି ଓ ପାଇଖାନା ସଫେଇ ଗାଡି ପୌରପରିଷଦ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏମ୍.ସି.ସି ଓ ଏମ୍ଆର୍ଏଫ ମାଧ୍ୟମରେ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ଶାନ୍ତିଆଠାରେ ଏକ ପ୍ଲାଣ୍ଟ ନିର୍ମାଣ ସରିଥିବା ସୂଚନା ଦେଇଥିଲେ । ଏହି ପ୍ରଶିକ୍ଷଣରେ ଯୋଗଦେଇଥିବା ସମସ୍ତ ପୌର ସଫେଇ କର୍ମଚାରୀ, ସ୍ୱଚ୍ଛସାଥି, ସ୍ୱଚ୍ଛ ସୁପରଭାଇଜର ଓ ପୌର କର୍ମଚାରୀ ମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୌରକର୍ମଚାରୀ ପରମାନନ୍ଦ ନାୟକ, ଅଜୟ ଦେ ଓ ସାଇଟାଇଜେସନ୍ ଏକ୍ସପାଟ ମାନସ ବିଶ୍ୱାଳ ପ୍ରମୁଖ ପ୍ରଶିକ୍ଷଣରେ ସହାୟତା କରିଥିବା ବେଳେ ଜ୍ୟୋତ୍ସ୍ନାରାଣୀ ଜେନା, ନମିତା ଦାସ, ସସ୍ମିତା ପ୍ରଧାନ, ନିଆଁ ମୁଥୁ ବିବି, ଗୀତା ରାଣୀ ସାମଲ, ବାସନ୍ତୀ ମହାନ୍ତି, ସରସ୍ୱତୀ ସିଟ୍, ପାର୍ବତୀ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଆଜି ଶ୍ରୀଜୀଉଙ୍କ ତ୍ରିବିକ୍ରମ ବେଶ

ପୁରୀ,୨୭।୧୧ (ନି.ପ୍ର): ଧର୍ମ ମାସ ପବିତ୍ର କାର୍ତ୍ତିକ ମାସରେ ଚଳିତ ବର୍ଷ ପଚୁଂକ ୫ ଦିନ ପରିବର୍ତ୍ତେ ୬ ଦିନ ପଡିଛି । ଏହି ବିଶେଷ ତିଥିରେ ଶ୍ରୀଜୀଉ ମାନେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ବେଶ ହେବାର ପରମ୍ପରା ରହିଛି । ଏହି କ୍ରମରେ ପଚୁଂକର ତୃତୀୟ ଦିବସରେ ଆଜି ଶ୍ରୀଜୀଉଙ୍କ ନାଗାର୍ଜୁନ ବେଶ ଅନୁଷ୍ଠିତ ହେଉଛି । ସେହିପରି ଆସନ୍ତାକାଲି ତ୍ରିବିକ୍ରମ ବେଶ । ୨୯ ତାରିଖରେ ଲକ୍ଷ୍ମୀନୃସିଂହ ବେଶ । ଏବଂ ପୂର୍ଣ୍ଣମୀ ଦିନ ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ । ତେବେ ପ୍ରଶାସନିକ କଟକଣା ପାଇଁ ଶ୍ରଦ୍ଧାଳୁ ମାନେ ଶ୍ରୀଜୀଉଙ୍କ ଏସବୁ ବେଶ ଦର୍ଶନରୁ ବଂଚିତ ରହିବେ । କେବଳ ସେବାୟତ ମାନେ କରୋନା କଟକଣାକୁ ଅନୁପାଳନ କରି ସେବା ପୂଜା ଓ ଅନ୍ୟାନ୍ୟ ନୀତିକାନ୍ତି ସମାପନ କରିବେ । ଏଠାରେ ଉଲ୍ଲେଖଯୋଗ୍ୟ, ପଚୁଂକର ପ୍ରଥମ ଦିନ ଅର୍ଥାତ୍ ବଡ଼ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ ଓ ଦ୍ୱିତୀୟ ଦିବସରେ ବାଙ୍କଚୂଡ଼ ବେଶ ଅନୁଷ୍ଠିତ ହୋଇଥିଲା ।

# ଲୋପ ପାଇବାରେ ବସିଛି ମହୁରୀ ବାଦ୍ୟ : ପ୍ରଚାର ପ୍ରସାର ସକାଶେ ପ୍ରଜେକ୍ଟ ଛାଉଣୀର ମହୁରୀ ତାଲିମ କର୍ମଶାଳା



ବାରିପଦା,୨୭।୧୧ (ନି.ପ୍ର): ମଣିଷ ଯେତେ ଆଧୁନିକ ସମାଜକୁ କୋଲେଇ ନଉଚି, ସେତେ ପୁରାତନ କଳା ସଂସ୍କୃତି ହଜି ଯାଉଛି। ମୟୁରଭ ଛଉ ନୃତ୍ୟର ତାଳେ ତାଳେ ମହୁରୀର ବୀର ଦର୍ପର ସ୍ୱର ମୟୁରଭ ମାଟିକୁ ଏକ ସତନ୍ତ୍ର ପରିଚୟ ଦେଇଛି। ଏବେ ସେ ବୀର ଦର୍ପର ସ୍ୱର ହଜିବାକୁ ବସିଛି। ନା ଏବେ ଶୁଭୁଛି ମହୁରୀର ବୀର ଦର୍ପ ସ୍ୱର ନା ସେ ପ୍ରତି କେହି ଦୃଷ୍ଟି ଦେଉଛନ୍ତି। ଆଜିର ଯୁବ ପିଠିଙ୍କ ଠାରୁ ମୟୁରଭର ପାରମ୍ପରିକ ବାଦ୍ୟରୁ ଦୂରେଇ ଗଲାଣି। ଜିଲ୍ଲାର ଛଉନୃତ୍ୟର ସଙ୍ଗୀତରେ ବ୍ୟବହୃତ ହେଉଥବା ବାଦ୍ୟଯନ୍ତ୍ର ଗୁଡିକ ମଧ୍ୟରେ ମହୁରୀ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରିଥାଏ, ମାତ୍ର ବିଭିନ୍ନ କାରଣରୁ ଯୁବପିଢୀ ଏହାର ଶିକ୍ଷାଲାଭ କରିବାପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଫଳରେ ଦିନକୁ ଦିନ ଜିଲ୍ଲାରେ ବିଭିନ୍ନ ଛଉନୃତ୍ୟ ଅନୁଷ୍ଠାନ ଗୁଡିକ ନୃତ୍ୟ ପରିବେଷଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେର ଯୁବ ଗୋଷ୍ଠିଙ୍କୁ ଏହି ପାରମ୍ପରିକ ମହୁରୀ ବାଦ୍ୟ ପ୍ରତି ଆକୃଷ୍ଟ ବଢାଇବା ପାଇଁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଏକ ଅଭିନବ କ୍ଷୁପ୍ରୟାସ କରାଯାଇଛି। ମୟୁରଭ ଜିଲ୍ଲା ପାରମ୍ପରିକ ନୃତ୍ୟ ଛଉର ବୀର ମହୁରୀ ସ୍ୱରର ଚାରିଦିନିଆ କର୍ମଶାଳା ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭ ଛଉନୃତ୍ୟର ଏହି ବାଦ୍ୟର ସଂରକ୍ଷଣ ସାଙ୍ଗକୁ ଏହାର ଅଧିକ ପ୍ରଚାର ପ୍ରସାର ସକାଶେ ଜିଲ୍ଲାପ୍ରଶାସନ ପକ୍ଷରୁ ମହୁରୀ ତାଲିମ କର୍ମଶାଳା ଆୟୋଜିତ ହୋଇଛି। ଉକ୍ତ ତାଲିମ କର୍ମଶାଳାରେ ବାରିପଦା ସବ୍‌ଡିଭିଜନ ବିଭିନ୍ନ ଛଉ ନୃତ୍ୟ ଅନୁଷ୍ଠାନ ମାନ ଙ୍କର ମହୁରୀ ବାଦକ ମାନେ ଅଂଶ ଗ୍ରହଣ କରିଥିଲେ। ଏହା ସାଙ୍ଗକୁ ଅନେକ ଯୁବକ ପ୍ରଥମକରି ମହୁରୀ ବାଦନ ଶିକ୍ଷା ମଧ ପ୍ରଦାନ କରାଯାଇଥିଲା। ଜିଲ୍ଲାର ଲୋପ ପାଇବାକୁ ବସିଥିବା ଏହି ପାରମ୍ପାରିକ ବାଦ୍ୟ ମହୁରୀର ନୂତନ ବାଦକ ସୃଷ୍ଟି କରିବାକୁ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ଏହି ଉଦ୍ୟମ ଆରମ୍ଭ କରାଯାଇଛି। ଏହା ସହିତ ବର୍ତ୍ତମାନ ମହୁରୀ ବାଦନ କରୁଥିବା ବାଦ୍ୟକାର ମାନଙ୍କର ସ୍ୱର ସଂଶୋଧନ ମଧ ଉକ୍ତ କର୍ମଶାଳାରେ କରାଯାଇଥିଲା।ଏଥିରେ ରାଜ୍ୟର ପ୍ରଖ୍ୟାତ ଗୁରୁ ହିମାଂଶୁ କୁମାର ବିଧାର କର୍ମଶାଳାରେ ତାଲିମ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ବିଭୁଦତ୍ତ ଦାସ, ଛଉନୃତ୍ୟ ଗୁରୁ ପାଗୁଲୁ ଜେନା ଓ ତ୍ରିଲୋଚନ ମହାନ୍ତ ପ୍ରମୁଖ କର୍ମଶାଳା ପରିଚାଳନା କରିଥିଲେ। ତେବେ ଜିଲ୍ଲାର ପୁରାତନ ସଂସ୍କୃତି ତଥା ମୟୁରଭ ଜିଲ୍ଲାର ପରିଚୟ ଛଉ ନୃତ୍ୟ ପ୍ରଚାର ପ୍ରସାର ପାଇଁ ପ୍ରଜେକ୍ଟ ଛାଉଣୀ ପକ୍ଷରୁ ପ୍ରୟାସ ଜାରି ରହିଛି। ଆଗକୁ ଜିଲ୍ଲାର ଅନ୍ୟ ସବଡିଭିଜନ ମାନଙ୍କରେ ଏହି ତାଲିମ କର୍ମଶାଳା ହେବ ବୋଲି ନିର୍ଦ୍ଦେଶକ ବିଭୁଦତ୍ତ ଦାସ କହିଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo